DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୫/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, December 15/2025 | Page 14 | ₹ 7.00 | BALASORE

୫୨ଶ ଭାଗ ୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 22 | ମୂଲ୍ୟ ₹୭/-



**'ଜେଲର୍ ୨'ରେ ବିଦ୍ୟା ବାଲନ**

ସୁପରଷ୍ଟାର୍ ରଜନୀକାନ୍ତଙ୍କ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ଜେଲର୍'ର ସିକ୍ୱେଲ 'ଜେଲର୍ ୨'ରେ ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲନ ସାମିଲ ହୋଇଛନ୍ତି।

୦୨

୧୪

**ହାର୍ଦ୍ଦିକ ପ୍ରଥମ ଭାରତୀୟ**

ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଏକ ହଜାର ରନ ପୂରଣ ଓ ୧୦୦ ଉଇକେଟ ନେବାରେ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଭାରତୀୟ।



# ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

ବାଣପୁର,୧୪।୧୨ (ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ପୋଲିସ ହେପାଜତରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବା ରବିବାର ଅଭିଯୋଗ ହୋଇଛି। ମୃତକ ହେଲେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଦାଶରଥିପୁରର ଛବୀନ୍ଦ୍ର ନାୟକ(୪୫)। ଅନ୍ୟପକ୍ଷରେ ପୋଲିସ ହେପାଜତରେ ଛବୀନ୍ଦ୍ରଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ସ୍ତ୍ରୀ ରୀତା ନାୟକ ଗଣମାଧ୍ୟମରେ ଅଭିଯୋଗ ଆଣିଛନ୍ତି।

ସୂଚନା ମୁତାବକ, ଚୋରା ମଦ କାରବାର ଅଭିଯୋଗରେ ଶନିବାର



ଛବୀନ୍ଦ୍ର ନାୟକ

ରାତିରେ ପୋଲିସ ଛବୀନ୍ଦ୍ରଙ୍କୁ ପଚରାଉଚରା ପାଇଁ ଉଠାଇ ନେଇଥିଲା। ପରେ ତାଙ୍କୁ ଗିରଫ କରିଥିଲା। ପୋଲିସ ହେପାଜତରେ ଥିବା ଛବୀନ୍ଦ୍ର ରବିବାର ଭୋର ସମୟରେ ପୋଲିସ କର୍ମଚାରୀଙ୍କୁ ପାଣି ମାଗି ପିଇବା ପରେ ଶୋଇପଡ଼ିଥିଲେ। କିଛି ସମୟ ପରେ ସେ ଅସୁସ୍ଥ ଅନୁଭବ କରିବାରୁ ସକାଳ ୭ଟା ୩୦ରେ ପୋଲିସ ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। ପୋଲିସ ଭ୍ୟାନରେ ତାଙ୍କୁ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଛବୀନ୍ଦ୍ରଙ୍କ ମୃତ୍ୟୁ ଘଟଣା ପ୍ରଚାରିତ ହେବା ପରେ ଦାଶରଥିପୁରର କେତେଜଣ ବ୍ୟକ୍ତି ବାଣପୁର ଥାନା ପରିସରରେ ପହଞ୍ଚି ☞ପୃଷ୍ଠା–୪



କଂଗ୍ରେସ ପକ୍ଷରୁ ନୂଆଦିଲ୍ଲୀ ରାମଲୀଳା ମଇଦାନରେ ରବିବାର ଆୟୋଜିତ 'ଭୋଟ ଚୋର, ଗଦି ଛୋଡ଼୍' ରାଲିରେ ଉପସ୍ଥିତ ଜନସାଧାରଣ, ଦଳୀୟ ନେତୃବୃନ୍ଦ ଓ ସମର୍ଥକଙ୍କୁ ଅଭିବାଦନ ଜଣାଉଛନ୍ତି ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।

# ନୀତିନ ନବୀନ ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ବିହାର ମନ୍ତ୍ରୀ ନୀତିନ ନବୀନଙ୍କୁ ଭାରତୀୟ ଜନତା ପାର୍ଟି (ଭାଜପା) ରବିବାର ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରିଛି। ବର୍ତ୍ତମାନ ରାଷ୍ଟ୍ରୀୟ



ଅଧ୍ୟକ୍ଷ ଥିବା କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ଅବସର ନେବାକୁ ଯାଉଥିବାରୁ ନୀତିନଙ୍କୁ ତାଙ୍କ ଉତ୍ତରାଧିକାରୀ ରୂପେ ବିବେଚନା କରାଯାଉଛି। ନୀତିନଙ୍କ ନିଯୁକ୍ତି ଶାସକ ଦଳର ଶୀର୍ଷ ନେତୃତ୍ୱରେ ପିଢ଼ିଗତ ପରିବର୍ତ୍ତନର ସଙ୍କେତ ଦେଇଛି।

୪୫ ବର୍ଷୀୟ ନୀତିନ ହେଉଛନ୍ତି ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ନବୀନ କିଶୋର ପ୍ରସାଦ ସିହ୍ନାଙ୍କ ପୁଅ। ବିହାର ବିଧାନସଭାକୁ ୫ ଥର ନିର୍ବାଚିତ ହୋଇଥିବା ନୀତିନ ବାଙ୍କିପୁର ନିର୍ବାଚମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଛନ୍ତି। ବିହାର ସରକାରରେ ମଧ୍ୟ ସେ ୨ ଥର ମନ୍ତ୍ରୀ ହୋଇସାରିଛନ୍ତି। ଏତିକି ନୁହେଁ, ଛତିଶଗଡ଼ ପ୍ରଭାରୀ ରୂପେ ନୀତିନଙ୍କ କାର୍ଯ୍ୟଶୈଳୀ ଓ ସାଙ୍ଗଠନିକ ଦକ୍ଷତା ଶୀର୍ଷ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି କାରଣରୁ ଭାଜପା ସଂସଦୀୟ ବୋର୍ଡ ଉକ୍ତ ଗୁରୁଦାୟିତ୍ୱ ଦେବା ଲାଗି ନୀତିନଙ୍କ ନାମରେ ମୋହର ଲଗାଇଥିବା କୁହାଯାଉଛି। ତାଙ୍କୁ ତତ୍କାଳ କାର୍ଯ୍ୟକାରୀ ଅଧ୍ୟକ୍ଷ ରୂପେ କାର୍ଯ୍ୟଭାର ପ୍ରଦାନ କରାଯାଇଥିବା ଭାଜପା ସାଧାରଣ ସମ୍ପାଦକ ଅରୁଣ ସିଂ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ବଣ୍ଡାଇ

# ସିଡ୍‌ନୀରେ ଆତଙ୍କବାଦୀ ଆକ୍ରମଣ: ୧୨ ମୃତ

- ବଣ୍ଡାଇ ବିଚ୍‌ରେ ହନୁକ୍କାହ ଉତ୍ସବ ବେଳେ ଇହୁଦୀଙ୍କୁ ଟାର୍ଗେଟ
- ପୋଲିସ ଗୁଳିରେ ୨ ଆତଙ୍କବାଦୀ ମୃତ, ଅନ୍ୟ ଜଣେ ଫେରାର
- ଆକ୍ରମଣରେ ଇରାନ୍ ସମର୍ଥିତ ହମାସ୍‌ର ସମ୍ପୃକ୍ତି ସନ୍ଦେହ
- ନିନ୍ଦାକଲେ ମୋଦି, ଭାରତର ମେଟ୍ରୋ ସହରଗୁଡ଼ିକରେ ଆଲର୍ଟ

ଅଷ୍ଟ୍ରେଲିଆର ସିଡ୍‌ନୀସ୍ଥିତ ବଣ୍ଡାଇ ବିଚ୍‌ରେ ରବିବାର ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି। ୮ ଦିନ ବ୍ୟାପୀ ଚାଲିବାକୁ ଥିବା ଇହୁଦୀଙ୍କ ହାନୁକ୍କା ଉତ୍ସବର ପ୍ରଥମ ଦିନରେ ୩ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ଅନ୍ୟୂନ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୯ ଜଣ ଆହତ ହୋଇଛନ୍ତି। ସେଠାରେ ମୁତୟନ ଥିବା ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ୨ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିବା କୁହାଯାଉଛି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲ୍‌ବାନିସ୍ ଆକ୍ରମଣରେ ଇରାନ୍‌ର ସମ୍ପୃକ୍ତି ସନ୍ଦେହ କରିବା ସହ କ୍ୟାବିନେଟ୍‌ର ଜରୁରୀ ବୈଠକ ଡାକିଛନ୍ତି। ତେବେ ଏହା ପଛରେ ଇରାନ୍‌ର ସମ୍ପୃକ୍ତି ଅଛି କି ନାହିଁ ତାହା ସ୍ପଷ୍ଟ କରିବା ପାଇଁ ଇସ୍ରାଏଲୀ ଗୋଇନ୍ଦା ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ତନାଘନା ଆରମ୍ଭ କରିଛନ୍ତି। ଇହୁଦୀଙ୍କୁ ଟାର୍ଗେଟ କରି ହୋଇଥିବା ଏହି ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି। ଦିଲ୍ଲୀ, ବେଙ୍ଗାଲୁରୁ ଓ ମୁମ୍ବାଇ ସମେତ ଭାରତର ବିଭିନ୍ନ ସ୍ଥାନରେ ଇହୁଦୀ ପ୍ରତିଷ୍ଠାନଗୁଡ଼ିକ ଉପରେ ମଧ୍ୟ ଆତଙ୍କବାଦୀ ଆକ୍ରମଣ ହୋଇପାରେ ବୋଲି ଗୋଇନ୍ଦା ସୂଚନା ଥିବାରୁ ଦେଶର ମେଟ୍ରୋ ସହରଗୁଡ଼ିକରେ ଆଲର୍ଟ ଜାରି କରାଯାଇଛି।




ସିଡ୍‌ନୀ/ ନୂଆଦିଲ୍ଲୀ,୧୪।୧୨ (ଏ.ପି./ରଏଟର୍ସ)

ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀରେ ଇହୁଦୀ ବିଦ୍ରୋହୀ ମାକ୍କାବିସ୍‌ମାନେ ସେଲେଉସିଡ୍ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ କରି ବିଜୟ ହାସଲ କରିଥିଲେ। ମାକ୍କାବିସ୍ ଏଥିସହ ଜୁନେଆ(ଜେରୁଜେଲମ୍)କୁ ପୁନଃ ଦଖଲ କରିବାରେ ସଫଳ ହୋଇଥିଲେ। ଇତିହାସର ଏହି ଗୌରବମୟ ତଥା ବୀରତ୍ୱର ଗାଥାକୁ ସ୍ମରଣ କରି ଇହୁଦୀମାନେ ପ୍ରତିବର୍ଷ ୮ ଦିନ ଧରି ହାନୁକ୍କା ଉତ୍ସବ ପାଳନ କରିଥାନ୍ତି। ହେବ୍ର୍ୟୁ କ୍ୟାଲେଣ୍ଡର ଅନୁଯାୟୀ ଆଲୋକର ପର୍ବ ହାନୁକ୍କା ନଭେମ୍ବର ୨୮ରୁ ଡିସେମ୍ବର ୨୭ ମଧ୍ୟରେ କୌଣସି ସପ୍ତାହରେ ପଡ଼ିପାରେ। ଇହୁଦୀ ସମ୍ପ୍ରଦାୟ ପକ୍ଷରୁ ବିଶ୍ୱର ବିଭିନ୍ନ ଭାଗରେ ଚଳତବର୍ଷ ଏହି ଗଣଉତ୍ସବ ଡିସେମ୍ବର ୧୪ରୁ ୨୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ରବିବାର ଥିଲା ଉକ୍ତ ଧର୍ମୀୟ ଉତ୍ସବର ପ୍ରଥମ ଦିନ। ଏଥିପାଇଁ ଅଷ୍ଟ୍ରେଲିଆର ବଣ୍ଡାଇ ବିଚ୍‌ରେ ୧ ହଜାରରୁ ଊର୍ଦ୍ଧ୍ୱ ଇହୁଦୀ ଏକତ୍ରିତ ହୋଇ ନାଚଗୀତରେ ମସ୍‌ଗୁଲ ଥିବାବେଳେ ସ୍ଥାନୀୟ ସମୟ ସନ୍ଧ୍ୟା ୬ଟା ୩୦ରେ ହଠାତ୍ ଗୁଳି ଫୁଟିବାର ଶବ୍ଦ ସମସ୍ତଙ୍କୁ ଆତଙ୍କିତ କରିଦେଇଥିଲା। କେହି କିଛି ବୁଝିବା ପୂର୍ବରୁ ୫୦ ରାଉଣ୍ଡ ଗୁଳି ଫୁଟିସାରିଥିଲା। ଗୁଳିମାଡ଼ରେ ଉତ୍ସବସ୍ଥଳରେ ଟଳିପଡ଼ିଥିଲେ ୧୨ ଜଣ ଇହୁଦୀ। ଏହି ଅତର୍କିତ ଆକ୍ରମଣରେ ଅନ୍ୟ ୨୯ ଜଣ ଆହତ ହୋଇଛନ୍ତି, ଯାହାଙ୍କୁ ତତ୍କାଳ ଚିକିତ୍ସା ପାଇଁ ୪୦ଟି ଆମ୍ବୁଲାନ୍ସରେ ସିଡ୍‌ନୀର ବିଭିନ୍ନ ହସ୍ପିଟାଲକୁ ନିଆଯାଇଥିବା ନ୍ୟୁ ସାଉଥ୍ ୱେଲ୍ସ ପୋଲିସ କମିଶନର ମାଲ୍ ଲାନିଓନ୍ ସୂଚନା ଦେଇଛନ୍ତି। ବନ୍ଧୁକଧାରୀଙ୍କ ସହ ଗୁଳି ବିନିମୟ ବେଳେ ୨ ଜଣ ପୋଲିସ ଅଧିକାରୀ ମଧ୍ୟ ଆହତ ହୋଇଛନ୍ତି। ସିଡ୍‌ନୀର ଇହୁଦୀ ସମ୍ପ୍ରଦାୟକୁ ଟାର୍ଗେଟ କରି ସମୁଦ୍ର ଉପକୂଳରେ ଏହି ଆତଙ୍କବାଦୀ ଆକ୍ରମଣ ହୋଇଥିବା ସ୍ଥାନୀୟ ପୋଲିସ ପ୍ରଶାସନ ସ୍ପଷ୍ଟ କରିଛି। ଆକ୍ରମଣ ବେଳର ଦୃଶ୍ୟ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ଅଷ୍ଟ୍ରେଲୀୟ ଗଣମାଧ୍ୟମରେ ପ୍ରସାରିତ ଏକ ଭିଡିଓରେ ଜଣେ ପୋଲିସ ଅଧିକାରୀ ଜଣେ ଆକ୍ରମଣକାରୀଙ୍କଠାରୁ ବନ୍ଧୁକ ଛଡ଼ାଇ ତାଙ୍କୁ କାବୁ କରୁଥିବା ଦେଖିବାକୁ ମିଳିଛି।

ମେଲବୋର୍ନର ୩୨ ବର୍ଷୀୟ ଲଚ୍‌ଲନ୍ ମୋରାନ୍ ଆକ୍ରମଣ ବେଳର ଅନୁଭୂତି ଗଣମାଧ୍ୟମ ଆଗରେ ବଖାଣିଛନ୍ତି। ସେ ତାଙ୍କ ଭାଇଙ୍କ ପାଇଁ ☞ପୃଷ୍ଠା–୪

# ହାତୀକୁ ଖାଦ୍ୟରେ ବିସ୍ଫୋରକ

ହାତୀ– ମଣିଷ ଲଢ଼େଇର ଅନ୍ତ ଘଟୁନି। ଖାଦ୍ୟ ଅନ୍ୱେଷଣରେ ଯାଉଥିବା ନିରୀହ ଜନ୍ତୁଙ୍କୁ ମରଣମୁହଁକୁ ଠେଲିବା ପାଇଁ ମଣିଷ ପଛଘୁଞ୍ଚା ଦେଉନି। ୨୦୨୦ ମେ ମାସରେ କେରଳରେ ସପୁରି ମଧ୍ୟରେ ବିସ୍ଫୋରକ ପୂରାଇ ଏକ ୧୫ବର୍ଷୀୟ ଗର୍ଭବତୀ ମାଇହାତୀର ପ୍ରାଣ ନିଆଯିବା ଘଟଣାର ପୁନରାବୃତ୍ତି ଘଟିଛି ମୟୂରଭଞ୍ଜ–ବାଲେଶ୍ୱର ଜିଲା ଅଞ୍ଚଳରେ। ଖାଦ୍ୟରେ ବିସ୍ଫୋରକ ରଖାଯାଇଥିବାରୁ ଏକ ମାଇହାତୀ କ୍ଷତାକ୍ତ ହୋଇ ମରଣମୁହଁରେ ପଡ଼ିଛି। ବନ ବିଭାଗ କର୍ମଚାରୀ ଟ୍ରାଙ୍କୁଲାଇଜ୍ କରି ହାତୀଟିର ଚିକିତ୍ସା ଜାରି ରଖିଥିବା ବେଳେ ତା'ର ଜୀବନ ସଙ୍କଟାପନ୍ନ ରହିଛି। ଏନେଇ ପ୍ରାଣିପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଥିବାବେଳେ ତଦନ୍ତ ପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ(ଆର୍‌ସିସିଏଫ୍) ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।



କ୍ଷତାକ୍ତ ମାଇହାତୀ

ବାରିପଦା,୧୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

୮ ଦିନ ତଳେ ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଦେଇ ଏକ ୨୭ଟିକିଆ ହାତୀପଲ ବୁଢ଼ାବଳଙ୍ଗ ନଦୀ ପାର ହୋଇ ବାଲେଶ୍ୱର ଜିଲା ନୀଳଗିରି ଅଭିମୁଖେ ଯାଇଥିଲେ। ଗତ ୧୧ ତାରିଖରେ ୨୫ଟି ହାତୀ ଫେରିଥିବା ବେଳେ ୨ଟି ହାତୀ ୧୨ ତାରିଖରେ ବେତନଟୀ ରେଞ୍ଜ ବୁଆପଦା ଜଙ୍ଗଲରେ ପହଞ୍ଚିଥିଲେ। ସେଥିମଧ୍ୟରୁ ଏକ ୭/୮ ବର୍ଷୀୟା ମାଇହାତୀ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ତା'ପାଟିରୁ ରକ୍ତ ଝରିବା ସହ ଦୁର୍ଗନ୍ଧ ହେଉଥିଲା। ହାତୀଟି ଖାଦ୍ୟ ପାନୀୟ ଗ୍ରହଣ କରି ନ ପାରି ଏଣେତେଣେ ଦୌଡ଼ି ବୁଲୁଥିଲା। ବନ ବିଭାଗ ଅଧିକାରୀ, କର୍ମଚାରୀ ଓ ଡାକ୍ତରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଟ୍ରାଙ୍କୁଲାଇଜ୍ କରି ହାତୀଟିକୁ ଉଦ୍ଧାର କରିଥିଲେ। ପରେ ତାକୁ ଶିମିଳିପାଳ ଜାତୀୟ ଉଦ୍ୟାନ ଉତ୍ତର ଡିଭିଜନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବା ତାଳବନ୍ଧ ରେଞ୍ଜ କାନଛିଣ୍ଡା ପ୍ରାଣୀ ☞ପୃଷ୍ଠା–୪

# ବିଳମ୍ବିତ ନ୍ୟାୟ ଲୋକଙ୍କ ଆର୍ଥିକସ୍ଥିତି, ସମ୍ମାନକୁ ପ୍ରଭାବିତ କରୁଛି

**ଜିଲାସ୍ତରୀୟ ଅଦାଲତଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ବହୁସଂଖ୍ୟକ ମାମଲା ଫଇସଲା ନ ହୋଇ ପଡ଼ିରହୁଛି। ଏହାଦ୍ୱାରା ଜଣେ ବ୍ୟକ୍ତି ଉଚିତ ସମୟରେ ନ୍ୟାୟ ପାଇପାରୁନାହିଁ। ବିଳମ୍ବିତ ନ୍ୟାୟ ଦ୍ୱାରା ସାଧାରଣ ଲୋକଙ୍କ ସମୟ ନଷ୍ଟ ହେବା ସହ ତଜ୍ଜନିତ ଆର୍ଥିକ ବୋଝ ବୃଦ୍ଧି ପାଉଛି। ଫଳରେ ଲୋକଙ୍କ ଆର୍ଥିକ ସ୍ଥିତି ଓ ସମ୍ମାନ ପ୍ରଭାବିତ ହେଉଛି। ନ୍ୟାୟିକ ପ୍ରକ୍ରିୟାରେ ସାଧାରଣ ଲୋକଙ୍କ ବୋଝ ହ୍ରାସ ସହ ସେମାନଙ୍କୁ ନ୍ୟାୟ ପ୍ରଦାନ ନିଶ୍ଚିତ କରାଇବା ମୋ' ଲକ୍ଷ୍ୟ ବୋଲି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ମତବ୍ୟକ୍ତ କରିଛନ୍ତି। ଏହାସହ ଟେକ୍ନୋଲୋଜି (ପ୍ରଯୁକ୍ତି)ର ଉପଯୋଗିତାକୁ ପ୍ରଧାନ ବିଚାରପତି ଗୁରୁତ୍ୱ ଦେଇଥିଲେ ମଧ୍ୟ ଏହାଦ୍ୱାରା ସୃଷ୍ଟି ହେଉଥିବା ଅସୁବିଧାକୁ ମଧ୍ୟ ଭୁଲିବା ଉଚିତ ନୁହେଁ ବୋଲି କହିଛନ୍ତି। 'ପ୍ରଯୁକ୍ତି' ନ୍ୟାୟର ସେବକ ହୋଇ ରହିବା ଦରକାର, ଏହାର ବିକଳ୍ପ ନୁହେଁ। ପ୍ରଯୁକ୍ତି ମାନବିକ ବିଚାରକୁ ବଢ଼ାଇବା ଉଚିତ, ଏହାର ସ୍ଥାନ ନେବା ଉଚିତ ନୁହେଁ ବୋଲି ସିଜେଆଇ କହିଛନ୍ତି।**

## ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ଆଲୋଚନାଚକ୍ରରେ ପ୍ରଧାନ ବିଚାରପତିଙ୍କ ଉଦ୍‌ବୋଧନ




କଟକ,୧୪।୧୨(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ କଟକ ଶହୀଦ ଭବନରେ ରବିବାର ଆୟୋଜିତ ଆଲୋଚନାଚକ୍ରକୁ ମୁଖ୍ୟ ଅତିଥି ଭାବେ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଉଦ୍‌ଘାଟନ କରି କହିଲେ, ବିଳମ୍ବିତ ନ୍ୟାୟ ଲୋକଙ୍କ ଆର୍ଥିକ ସ୍ଥିତି ଓ ସମ୍ମାନ ଉପରେ ପ୍ରଭାବ ପକାଇଥାଏ। ଏଥିରେ ୩ଟି ବସ୍ତୁ ମୂଳ ଲକ୍ଷ୍ୟ ହେବା ଆବଶ୍ୟକ। ସାଧାରଣ ଲୋକଙ୍କ ଉପରେ କମ୍ ଚାପ ପକାଇବା, ଅନିଶ୍ଚିତତା ଦୂର କରିବା ଓ ତୃତୀୟରେ ସାଧାରଣ ଲୋକଙ୍କ ସମ୍ମାନ ରକ୍ଷା କରିବା ନ୍ୟାୟପାଳିକାର ଲକ୍ଷ୍ୟ ରହିବା ଆବଶ୍ୟକ। ନ୍ୟାୟପାଳିକାରେ ପଡ଼ିରହିଥିବା ମାମଲାଗୁଡ଼ିକର ପରିମାଣ ହ୍ରାସ କରିବା ପାଇଁ ମଧ୍ୟସ୍ଥତା ପ୍ରକ୍ରିୟା ଉପରେ ପ୍ରଧାନ ବିଚାରପତି ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଆଇନଜୀବୀମାନେ ଉଭୟ ପକ୍ଷଙ୍କୁ ମଧ୍ୟସ୍ଥତା ମାଧ୍ୟମରେ ଆପୋଷ ବୁଝାମଣା କରି ମାମଲାଗୁଡ଼ିକର ସମାଧାନ କରିବାକୁ ଚେଷ୍ଟା କରିବା ଉଚିତ। ଅବଶ୍ୟ ପ୍ରାରମ୍ଭିକ ଅବସ୍ଥାରେ ଏକାଧିକ ଥର ସେମାନଙ୍କୁ ବୁଝାଇବା ପରେ ବି ପକ୍ଷଙ୍କ ମଧ୍ୟରେ ଥିବା ଅହଂ ଓ ଆବେଗ ଯୋଗୁ ସେମାନେ ଆପୋସ ସମାଧାନକୁ ଗ୍ରହଣ କରି ନ ଥାନ୍ତି। ମାତ୍ର ପରବର୍ତ୍ତୀ ସମୟରେ ତାହା ନିଶ୍ଚିତ ଫଳପ୍ରଦ ହୋଇଥାଏ। ଏଥିସହ ନ୍ୟାୟାଳୟଗୁଡ଼ିକରେ ଭିତ୍ତିଭୂମି ଓ ମାନବସମ୍ବଳର ଅଭାବ ସାଙ୍ଗକୁ ବିଚାରପତିଙ୍କ ସଂଖ୍ୟା କମ୍ ମଧ୍ୟ ମାମଲା ପଡ଼ିରହିବାର ଅନ୍ୟତମ କାରଣ ବୋଲି ପ୍ରଧାନ ବିଚାରପତି କହିଛନ୍ତି। ବର୍ତ୍ତମାନ ଅନ୍‌ଲାଇନ ବ୍ୟବସ୍ଥାରେ ☞ପୃଷ୍ଠା–୪

## ସଂକ୍ଷେପରେ

# କାମ୍ବୋଡ଼ିଆ ସହ ସଂଘର୍ଷ: ୪ ଥାଇ ସୈନ୍ୟ ନିହତ

### ଟ୍ରମ୍ପଙ୍କ ଅସ୍ତ୍ରବିରତିକୁ ମାନିଲାନି ବ୍ୟାଙ୍କକ୍

ବ୍ୟାଙ୍କକ୍,୧୪।୧୨

ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ସଂଘର୍ଷ ଶନିବାର ଜାରି ରହିଛି। ଏଥିରେ ଥାଇଲାଣ୍ଡର ୪ ଜଣ ସୈନ୍ୟ ନିହତ ହୋଇଛନ୍ତି। ସଂଘର୍ଷ ବନ୍ଦ କରିବାକୁ ୨ ଦେଶ ରାଜି ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଥିବାବେଳେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଅନୁତିନ୍ ଚାର୍ନଭିରାକୁଲ୍ ଏହାକୁ ଖଣ୍ଡନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସଂଘର୍ଷଜନିତ ମୃତ୍ୟୁସଂଖ୍ୟା ୨୪ରେ ପହଞ୍ଚିଛି। ହିଂସା ଯୋଗୁ ସୀମାର ଉଭୟ ପାର୍ଶ୍ୱରୁ ପାଖାପାଖି ୫ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି। ଉପନିବେଶୀୟ ଶାସନ କାଳରେ ହୋଇଥିବା ବିବାଦୀୟ ସୀମା ନିର୍ଦ୍ଧାରଣକୁ ନେଇ ଥାଇଲାଣ୍ଡ ଓ କାମ୍ବୋଡ଼ିଆ ମଧ୍ୟରେ ଦୀର୍ଘବର୍ଷ ଧରି ବିବାଦ ଲାଗିରହିଛି।

# ନେପାଳରେ ଓଲିଙ୍କ ବିଶାଳ ରାଲି

କାଠମାଣ୍ଡୁ,୧୪।୧୨

ନେପାଳରେ ଗତ ସେପ୍ଟେମ୍ବରରେ ଜେନ୍ ଜି ଆନ୍ଦୋଳନ ଯୋଗୁ ପ୍ରଧାନମନ୍ତ୍ରୀ ପଦରୁ କେ.ପି. ଶର୍ମା ଓଲି ବିଦା ହୋଇଥିଲେ। ଏହାର ୩ ମାସ ପରେ ଶନିବାର ତାଙ୍କ ଦଳ ରାଜଧାନୀ କାଠମାଣ୍ଡୁ ନିକଟ ଭକ୍ତପୁରଠାରେ ବିଶାଳ ରାଲି କରିଛି। ଜେନ୍ ଜି ଆନ୍ଦୋଳନ ପରେ ଏହା ନେପାଳରେ ସର୍ବବୃହତ୍ ରାଲି ବୋଲି କୁହାଯାଉଛି, ଯେଉଁଥିରେ ୭୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ(ୟୁନିଫାଏଡ୍ ମାର୍କିଷ୍ଟ-ଲେନିନ୍ଷ୍ଟ) ପକ୍ଷରୁ ୩ ଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ଆନ୍ଦୋଳନବେଳେ ୭୭ ଜଣଙ୍କ ମୃତ୍ୟୁ ଘଟିବା ସହ ୨,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଓଲି ଓ ଅନ୍ୟ ନେତାମାନଙ୍କୁ ସେନା ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ରଖିଥିଲା। ସୁପ୍ରିମକୋର୍ଟ ଏବଂ ପାର୍ଲାମେଣ୍ଟରେ ଆନ୍ଦୋଳନକାରୀ ନିଆଁ ଲଗାଇଦେଇଥିଲେ।

# ନୌସେନା ଗୋଳାବାରୁଦ ଭଣ୍ଡାର ନିକଟରେ ବିସ୍ଫୋରଣ

### ୩୦ ଘର କ୍ଷତିଗ୍ରସ୍ତ

କରୱାର,୧୪।୧୨

କର୍ଣ୍ଣାଟକର ଉତ୍ତର କନ୍ନଡ ଜିଲାରେ ଥିବା ଭାରତୀୟ ନୌସେନାର ଗୋଳାବାରୁଦ ଭଣ୍ଡାର ନିକଟରେ ଗୁରୁବାର ମଧ୍ୟାହ୍ନରେ ଭୟାବହ ବିସ୍ଫୋରଣ ଘଟି ସ୍ଥାନୀୟ ଅଞ୍ଚଳରେ କମ୍ପନ ଅନୁଭୂତ ହେବା ସହ ୩୦ରୁ ଊର୍ଦ୍ଧ୍ୱ ଘରେ ଫାଟ ସୃଷ୍ଟି ହୋଇଛି। ବିସ୍ଫୋରଣ ପରେ ବହଳ କଳାଧୂଆଁ ଉଠିବା ସହ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ନୌସେନାର ପ୍ରୋଜେକ୍ଟ ସି'ବାର୍ଡର ଅଂଶବିଶେଷ ଭାବେ ବେଲେକେରି ଅସ୍ତ୍ରଭଣ୍ଡାର ୨୦୧୫ରେ ଆରମ୍ଭ ହୋଇଥିଲା। ସେଠାରେ ଯୁଦ୍ଧଜାହାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଗଚ୍ଛିତ ରହିଥାଏ। ବିସ୍ଫୋରଣର କାରଣ ଜାଣିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।



ଅଷ୍ଟ୍ରେଲିଆର ସିଡ୍‌ନୀସ୍ଥିତ ବଣ୍ଡାଇ ବିଚ୍‌ରେ ହାନୁକ୍କା ଉତ୍ସବ ପାଳନ ବେଳେ ଇହୁଦୀଙ୍କ ଉପରେ ଆକ୍ରମଣ ପରେ ଆମ୍ବୁଲାନ୍ସ ଅପେକ୍ଷାରେ ଜଣେ ଆହତ।

# ‘ଭାଜପା ଡିଏନ୍‌ଏରେ ଭୋଟ୍ ଚୋରି’

### ମୋଦି-ଆର୍‌ଏସ୍‌ଏସ୍ ସରକାରକୁ ହଟାଇବାକୁ ଶପଥ ନେଲେ ରାହୁଲ

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ଭାଜପାର ଡିଏନ୍‌ଏରେ ‘ଭୋଟ ଚୋରି’ ପ୍ରବୃତ୍ତି ରହିଛି। କଂଗ୍ରେସ ସତ୍ୟ ସହ ଛିଡ଼ା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ କ୍ଷମତାରୁ ହଟାଯିବ ବୋଲି ରବିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ନୂଆଦିଲ୍ଲୀର ରାମଲୀଳା ମଇଦାନରେ ଶପଥ ନେଇଛନ୍ତି। ରାମଲୀଳା ମଇଦାନରେ ଆୟୋଜିତ ‘ଭୋଟ ଚୋର ଗଦ୍ଦି ଛୋଡ୍’ ରାଲିକୁ ସମ୍ବୋଧିତ କରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ କହିଛନ୍ତି, ମୁଖ୍ୟ ନିର୍ବାଚନ କମିଶନର (ଇସିଆଇ) ଜ୍ଞାନେଶ କୁମାର ଏବଂ ନିର୍ବାଚନ କମିଶନର (ଇସି) ସୁଖବୀର ସିଂ ସାନ୍ଧୁ ଓ ବିବେକ ଜୋଷୀ ଭାଜପା ପାଇଁ କାର୍ଯ୍ୟ କରୁଛନ୍ତି। ଆମେ ସତ୍ୟ ସହ ଛିଡ଼ା ହୋଇ ରହିଛୁ। ଆମେ ମୋଦି-ଆର୍‌ଏସ୍‌ଏସ୍‌କୁ କ୍ଷମତାରୁ ହଟାଇଦେବୁ। ସେମାନଙ୍କ ପାଖରେ କ୍ଷମତା ରହିଛି। ସେମାନେ ଭୋଟ ଚୋରିରେ ସମ୍ପୃକ୍ତ। ସତ୍ୟ କଂଗ୍ରେସ ବିଚାରଧାରାର ଡିଏନ୍‌ଏରେ ମୂଳରୁ ପ୍ରବାହିତ। ଆପଣମାନେ ଆଦୌ ଭୟଭୀତ ହେବା ଅନୁଚିତ। ଶେଷରେ ଆମର ହିଁ ବିଜୟ ହେବ। ସତ୍ୟପଥର ପଥିକ ହୋଇ ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଆର୍‌ଏସ୍‌ଏସ୍ ସରକାରକୁ ଆମେ ହଟାଇଦେବା।



ରାମଲୀଳା ମୈଦାନରେ ଆୟୋଜିତ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଓ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ।

ରାହୁଲଙ୍କ ସହ ଉକ୍ତ ସଭାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଓ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଯୋଗଦେଇଥିଲେ। ପରେ ରାହୁଲ Xରେ ପୋଷ୍ଟ କରିଥିଲେ, କଂଗ୍ରେସ ସାରା ଦେଶର କୋଣଅନୁକୋଣରେ ଦସ୍ତଖତ ଅଭିଯାନ ଚଳାଇଛି। ୬ କୋଟି ଲୋକଙ୍କ ସ୍ୱାକ୍ଷର ସମ୍ବଳିତ ଭୋଟ ଚୋରି ଅଭିଯୋଗପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ।

ସେହିପରି ସଭାକୁ ସମ୍ବୋଧିତ କରି ଖାର୍ଗେ କହିଥିଲେ, ଭୋଟ ଚୋରିରେ ସମ୍ପୃକ୍ତ ଲୋକେ ହେଉଛନ୍ତି ବିଶ୍ୱାସଘାତକ। ଭୋଟ ଅଧିକାର ଓ ସମ୍ବିଧାନକୁ ସୁରକ୍ଷା ଦେବାକୁ ହେଲେ ସେମାନଙ୍କୁ କ୍ଷମତାରୁ ହଟାଇବାକୁ ପଡ଼ିବ। ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ, ପୂର୍ବତନ ସରସଂଘ ଚାଳକ ଏମ୍.ଏସ୍. ଗୋଲୱାଲକର ଓ ମନୁସ୍ମୃତି ବିଚାରଧାରା ଦେଶକୁ ନଷ୍ଟ କରିଦେବ। କେବଳ କଂଗ୍ରେସ ହିଁ ଏହାକୁ ବଞ୍ଚାଇପାରିବ। ଭାଜପା-ଆର୍‌ଏସ୍‌ଏସ୍ ଲୋକେ ସମ୍ବିଧାନକୁ ଧ୍ୱଂସ କରିବାରେ ଲାଗିଛନ୍ତି। ହିନ୍ଦୁତ୍ୱ ନାମରେ ଏହି ଲୋକେ ଗରିବମାନଙ୍କୁ ପୁନର୍ବାର ଦାସ କରିବାକୁ ଚାହୁଁଛନ୍ତି। କିନ୍ତୁ ଦେଶକୁ ସ୍ୱାଧୀନ କରିଥିଲା, ଯେତେବେଳେ କି ମୋଦି ଓ ଶାହା ଜନ୍ମ ହୋଇ ନ ଥିଲେ। ଏମାନେ ଜବାହରଲାଲ ନେହେରୁ, ମହାତ୍ମା ଗାନ୍ଧୀ ଏବଂ ବି.ଆର୍. ଆମ୍ବେଡକରଙ୍କ ବିରୋଧୀ। ସେମାନେ ନେହେରୁ ଓ ସର୍ଦ୍ଦାର ପଟେଲଙ୍କ ବିଚାରଧାରାରେ ଫାଟ ଦେଖାଇ ଦେଶକୁ ବିଭାଜିତ କରିବାକୁ ଉଦ୍ୟମ ଚଳାଉଛନ୍ତି ବୋଲି ଖାର୍ଗେ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ କଂଗ୍ରେସର ଭୋଟ ଚୋରି ରାଲିକୁ ଭାଜପା କହିଛି, ମୁଖ୍ୟ ବିରୋଧୀ ଦଳ ଅନୁପ୍ରବେଶକାରୀଙ୍କୁ ଭୋଟର ତାଲିକାରେ ସ୍ଥାନିତ କରିବା ପାଇଁ ଏଭଳି ଉଦ୍ୟମ କରୁଛି। ରାହୁଲଙ୍କ ଅଧୀନରେ କଂଗ୍ରେସ ଇତିହାସରେ ସମାଧି ନେବାକୁ ଯାଉଛି। ଔରଙ୍ଗଜେବଙ୍କ ନେତୃତ୍ୱରେ ମୋଗଲମାନଙ୍କ ଅବସ୍ଥା ଯାହା ହୋଇଥିଲା, ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ଅବସ୍ଥା ସେପରି ହେବ ବୋଲି ଭାଜପା ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ଜବାବ ଦେଇଛନ୍ତି।

### ରାହୁଲଙ୍କ ଅଧୀନରେ କଂଗ୍ରେସ ସମାଧି ନେବାକୁ ଯାଉଛି: ଭାଜପା

# ପାକ୍ସ ସିଲିକା ଗୋଷ୍ଠୀରୁ ଭାରତ ବାଦ୍

### କଂଗ୍ରେସର ସମାଲୋଚନା

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ଏକ ସୁରକ୍ଷିତ ସିଲିକନ୍ ଯୋଗାଣ ଶୃଙ୍ଖଳ ନିର୍ମାଣ ଲାଗି ଆମେରିକା ନେତୃତ୍ୱରେ ରଣନୀତିକ ପଦକ୍ଷେପ ସ୍ୱରୂପ ଗଠନ ହୋଇଥିବା ପାକ୍ସ ସିଲିକନ୍ ଗ୍ରୁପ୍‌ରୁ ଭାରତ ବାଦ୍ ପଡ଼ିଥିବାର ଏହାକୁ ନେଇ କଂଗ୍ରେସ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମ୍ପର୍କରେ ଅବନତି ଏଥିରୁ ସ୍ପଷ୍ଟ ହୋଇଛି। ଭାରତ ଏହି ଗ୍ରୁପ୍‌ରେ ସାମିଲ ହୋଇଥିଲେ ଲାଭବାନ୍ ହୋଇଥାନ୍ତା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ହାଇଟେକ୍ ଯୋଗାଣ ଶୃଙ୍ଖଳରୁ ଚାଇନାର ନିୟନ୍ତ୍ରଣ ହ୍ରାସ କରିବାକୁ ୯ ସଦସ୍ୟ ବିଶିଷ୍ଟ ରାଷ୍ଟ୍ରଗୋଷ୍ଠୀ ଗଠନ କରାଯାଇଥିଲା। ଏହି ଚୁକ୍ତିନାମାର ନାମ ପାକ୍ସ ସିଲିକା ରଖାଯାଇଥିଲା। ଉକ୍ତ ଗୋଷ୍ଠୀରୁ ଆମେରିକା ଭାରତକୁ ବାଦ୍ ଦେଇଥିବା କେତେକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଉକ୍ତ ଗୋଷ୍ଠୀରେ ଆମେରିକା, ଜାପାନ, କୋରିଆ, ସିଙ୍ଗାପୁର, ନେଦରଲାଣ୍ଡସ୍, ବ୍ରିଟେନ୍, ଇସ୍ରାଏଲ୍, ୟୁନାଇଟେଡ୍ ଆରବ ଏମିରେଟ୍ସ ଏବଂ ଅଷ୍ଟ୍ରେଲିଆ ରହିଛି।

# ପଙ୍କଜ ଚୌଧରୀ ୟୁପି ଭାଜପା ସଭାପତି



### ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ଗୁରୁଦାୟିତ୍ୱ

ଲକ୍ଷ୍ନୌ,୧୪।୧୨

ଭାଜପା ପକ୍ଷରୁ ରବିବାର କେନ୍ଦ୍ରମନ୍ତ୍ରୀ ପଙ୍କଜ ଚୌଧରୀଙ୍କୁ ଉତ୍ତର ପ୍ରଦେଶର ରାଜ୍ୟ ସଭାପତି ନିଯୁକ୍ତ କରାଯାଇଛି। କୁର୍ମୀ ସମ୍ପ୍ରଦାୟରୁ ଆସୁଥିବା ଭାଜପାର ଏହି ବରିଷ୍ଠ ନେତାଙ୍କୁ ଦଳ ୨୦୨୭ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଗୁରୁଦାୟିତ୍ୱ ଦିଆଯାଇଥିବା କୁହାଯାଉଛି। ପଙ୍କଜ ୟୁପି ଭାଜପାର ୧୫ତମ ସଭାପତି ହେବା ପରେ ତାଙ୍କ ନିକଟକୁ ଦଳୀୟ ନେତାଙ୍କଠାରୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ବରିଷ୍ଠ ଭାଜପା ନେତା ୬୧ ବର୍ଷୀୟ ପଙ୍କଜଙ୍କ ନାମ ଘୋଷଣା କାର୍ଯ୍ୟକ୍ରମ ‘ସଙ୍ଗଠନ ପର୍ବ’ରେ ଯୋଗଦେଇଥିଲେ। ଶନିବାର ପଙ୍କଜ ଏକମାତ୍ର ପ୍ରାର୍ଥୀ ଭାବେ ଏହି ପଦବୀ ପାଇଁ ନାମାଙ୍କନ କରିଥିଲେ। ମହାରାଜଗଞ୍ଜ ସଂସଦୀୟ ଆସନରୁ ସେ ୭ ଥର ପ୍ରତିନିଧିତ୍ୱ କରିଥିବାବେଳେ ପୂର୍ବ ଉତ୍ତରପ୍ରଦେଶର ଅନ୍ୟାନ୍ୟ ପଛୁଆ ବର୍ଗରୁ ସେ ଜଣେ ଟାଣୁଆ ନେତା ଭାବେ ଜଣାଶୁଣା।

# ଏଆଇରେ ଭାରତ ବିଶ୍ୱର ୩ୟ ସର୍ବାଧିକ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର

ନ୍ୟୁୟର୍କ,୧୪।୧୨

କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ଭାରତ ବିଶ୍ୱର ୩ୟ ସର୍ବାଧିକ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ବିବେଚିତ ହୋଇଛି। ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡ଼ିଛି। ୟୁନିଭର୍ସିଟିଜ୍ ଗ୍ଲୋବାଲ ଏଆଇ ଭାଇବ୍ରାନ୍ସି ଟୁଲ୍ସ ଭିଜୁଅଲ କ୍ୟାପିଟାଲିଷ୍ଟ ଚାର୍ଟ ଅନୁଯାୟୀ, ଭାରତ ୨୧.୫୯ ସ୍କୋର ଧାରଣ କରି ଏହି ସ୍ଥାନ ହାସଲ କରିଛି। ସର୍ବାଗ୍ରେ





ଆମେରିକା ୭୮.୬ ପ୍ରତିଶତ ଓ ଚାଇନା ୩୬.୯୫ ପ୍ରତିଶତ ସ୍କୋର କରି ଦ୍ୱିତୀୟରେ ରହିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ବୈଶ୍ୱିକ ଏଆଇ ଦୃଶ୍ୟପଟରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରର ମର୍ଯ୍ୟାଦା ପାଇଛି। ଉପରଲିଖିତ ଦୁଇ ଦେଶ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେଲେ ଭାରତର ସ୍କୋରକୁ ବଢ଼ାଇବାର ଆବଶ୍ୟକତା ଅଛି ବୋଲି ଉକ୍ତ ଚାର୍ଟ ପକ୍ଷରୁ କୁହାଯାଇଛି। ତେବେ ନୂଆଦିଲ୍ଲୀର ସ୍କୋର ଦକ୍ଷିଣ କୋରିଆ, ଜାପାନ, ସିଙ୍ଗାପୁର, ବ୍ରିଟେନ୍, ଜର୍ମାନୀ ଓ ଅନ୍ୟାନ୍ୟ ବୃହତ୍ ରାଷ୍ଟ୍ରଠାରୁ ଆଗରେ ରହିବା ଏକ ସକାରାତ୍ମକ ସୂଚନା ଦେଇଛି।

ସମ୍ପୃକ୍ତ ଟୁଲ୍‌ର ମାପଦଣ୍ଡ ଅନୁଯାୟୀ ପ୍ରତିଭା ଉପଲବ୍ଧତା, ଗବେଷଣା ଓ ବିକାଶ, ପୁଞ୍ଜିନିବେଶ, ସରକାରୀ ନୀତି ଓ ଅନୁଭୂତି, ଭିତ୍ତିଭୂମି ଓ ଅର୍ଥନୈତିକ ପ୍ରଭାବକୁ ହିସାବକୁ ନିଆଯାଇ ସ୍କୋର ନିର୍ଦ୍ଧାରଣ କରାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଏଆଇର ଦ୍ରୁତ ପ୍ରଗତି ପ୍ରଯୁକ୍ତି ବ୍ୟବସ୍ଥା, ପୁଞ୍ଜିନିବେଶ ଓ ପ୍ରତିଭାଧାରୀଙ୍କ ପ୍ରଦର୍ଶନ ଉପରେ ନିର୍ଭର କରିଥାଏ। ଆସନ୍ତା କିଛି ବର୍ଷ ମଧ୍ୟରେ ଦେଶର ଏଆଇ ଭିତ୍ତିଭୂମିର ବିକାଶ ଲାଗି ଶ୍ରେଷ୍ଠ ବୈଶ୍ୱିକ କମ୍ପାନୀଗୁଡ଼ିକ ବହୁ କୋଟି ଟଙ୍କାର ଅର୍ଥ ବିନିଯୋଗ କରିବେ ବୋଲି ଘୋଷଣା କରିବା ପରେ ଏଆଇର ଚାହିଦା ବହୁମାତ୍ରାରେ ବଢ଼ିଯାଇଛି। ଏଆଇ, ଲଜିଷ୍ଟିକ୍ସ, କ୍ଲାଉଡ୍ କମ୍ପ୍ୟୁଟିଂ ଇନ୍‌ଫ୍ରାଷ୍ଟ୍ରକଚର ଆଦି କ୍ଷେତ୍ରରେ ୨୦୩୦ ସୁଦ୍ଧା ଆମାଜନ ୩୫ ବିଲିୟନ ଡଲାର ପୁଞ୍ଜିନିବେଶ କରିବ ବୋଲି ଘୋଷଣା କରିଥିଲା। ସେହିପରି ମାଇକ୍ରୋସଫ୍ଟ ଏସିଆ ମହାଦେଶରେ କ୍ଲାଉଡ୍ ଓ ଏଆଇ ସମ୍ପ୍ରସାରଣ ଲାଗି ୧୭.୫ ବିଲିୟନ ଡଲାର ନିବେଶ କରିବା ଲାଗି ଘୋଷଣା କରିଥିଲା। ଏହା ପୂର୍ବରୁ ଇଣ୍ଟେଲ, କଗ୍‌ନିଜାଣ୍ଟ, ଓପନ୍ ଏଆଇ ମଧ୍ୟ ଭାରତ ଏଆଇର ଚାହିଦାକୁ ଦେଖି ପର୍ଯ୍ୟାପ୍ତ ଅର୍ଥ ନିବେଶ କରିବେ ବୋଲି କହିଥିଲେ।



# ‘ଜେଲର୍ ୨’ରେ ବିଦ୍ୟା ବାଲନ

ମୁମ୍ବାଇ

ସୁପରଷ୍ଟାର୍ ରଜନୀକାନ୍ତଙ୍କ ବକ୍‌ବଷ୍ଟର୍ ଫିଲ୍ମ ‘ଜେଲର୍’ର ସିକ୍ୱେଲ ‘ଜେଲର୍ ୨’କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଏହି ବହୁ ପ୍ରତୀକ୍ଷିତ ପ୍ରୋଜେକ୍ଟରେ ବଲିଉଡ ଅଭିନେତ୍ରୀ ବିଦ୍ୟା ବଲାନ ସାମିଲ ହୋଇଛନ୍ତି। ତାଙ୍କର ଯୋଗଦାନ ଫିଲ୍ମର କଳାକାର ତାଲିକାକୁ ଆହୁରି ମଜଭୁତ କରିଛି। ସୂଚନା ମୁତାବକ, ବିଦ୍ୟା ବାଲନ ‘ଜେଲର୍ ୨’ର ସ୍କ୍ରିପ୍ଟରେ ଅତ୍ୟନ୍ତ ପ୍ରଭାବିତ ହୋଇଛନ୍ତି। ସେ ଏହି ଫିଲ୍ମରେ ଏକ ଶକ୍ତିଶାଳୀ ଚରିତ୍ରରେ ନଜର ଆସିବେ, ଯାହା କାହାଣୀରେ ଏକ ମୁଖ୍ୟ ମୋଡ଼ ଆଣିବ। ତାଙ୍କର ଉପସ୍ଥିତି ଫିଲ୍ମର ତୀବ୍ରତା ବଢ଼ାଇବ।

ନିର୍ମାତାମାନେ ଏହି ଫିଲ୍ମକୁ ୨୦୨୬ଅଗଷ୍ଟ ୧୪ରେ ଏକ ବଡ଼ ଧରଣର ଥିଏଟରରେ ରିଲିଜ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅଗଷ୍ଟ ମାସରେ ପ୍ରଥମ ଭାଗ ‘ଜେଲର୍’ ରିଲିଜ ହୋଇ ବିଶ୍ୱବ୍ୟାପୀ ୬୦୫-୬୫୦ କୋଟିର ବ୍ୟବସାୟ କରିଥିଲା। ନିର୍ଦ୍ଦେଶକ ନେଲସନ ଦିଲୀପକୁମାରଙ୍କ ଏହି ଫିଲ୍ମରେ ରଜନୀକାନ୍ତ ପୁଣି ଥରେ ‘ଟାଇଗର୍ ମୁଥୁବେଲ ପାଣ୍ଡିଆନ’ ଭୂମିକାରେ ଫେରିବେ। ଫିଲ୍ମରେ ମୋହନଲାଲ, ଶିବ ରାଜକୁମାର, ନନ୍ଦମୁରୀ ବାଲକ୍ରିଷ୍ଣା ଏବଂ ମିଥୁନ ଚକ୍ରବର୍ତ୍ତୀଙ୍କ କ୍ୟାମିଓ (ଅତିଥି) ଭୂମିକା ଏହାକୁ ଏକ ବୃହତ ପାନ-ଇଣ୍ଡିଆ ପ୍ରୋଜେକ୍ଟ କରିବ।



ନୂଆଦିଲ୍ଲୀରେ ବାୟୁ ପ୍ରଦୂଷଣ ଅତି ଖରାପ ସ୍ତରକୁ ଯିବା ପରେ ଧୂଆଁ ଓ ଧୂଳିମୟ ପରିବେଶରେ ରବିବାର ରାସ୍ତାକଡ଼ରେ ଚା’ ପିଉଛନ୍ତି ଲୋକେ।

# ନୂଆ ଶ୍ରମ ଆଇନର କୋଡ୍ ବାହାର କର: ଆହୁଜା

ଭୁବନେଶ୍ୱର,୧୪।୧୨
(ରବିନାରାୟଣ ଜେନା)

## ସମାନ କାମକୁ ସମାନ ପାରିଶ୍ରମିକ



ଶ୍ରମିକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ରିଟିଶ ସମୟରୁ ଗଢ଼ି ଆସୁଥିବା ଶ୍ରମ ଆଇନକୁ ଆଉ ଦେଶରେ କାର୍ଯ୍ୟକାରୀ କରାଯିବ ନାହିଁ। ଏସଂକ୍ରାନ୍ତରେ ଭାରତ ସରକାର ଏକ ନୀତିଗତ ନିଷ୍ପତ୍ତି ନେଇସାରିଛନ୍ତି। ପୂର୍ବରୁ ପ୍ରଚଳିତ ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ଏହା ବଦଳରେ ୪ଟି ଶ୍ରମ ଆଇନ ଅଣାଯାଇଛି, ଯେଉଁଥିରେ ଶ୍ରମିକମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ସମାନ କାମ ଲାଗି ସମାନ ପାରିଶ୍ରମିକ ଦେବାକୁ ଆଇନରେ ପ୍ରାବଧାନ କରାଯାଇଛି। ଏହା ରାଜ୍ୟରେ କିଭଳି ତୁରନ୍ତ କାର୍ଯ୍ୟକାରୀ ହୋଇପାରିବ ସେନେଇ ନିୟମ ଲାଗୁ କରିବାକୁ ଶ୍ରମବିଭାଗକୁ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଣୟନ ହେବାକୁ ଥିବା ୪ଶ୍ରମ ଆଇନ ଅନୁଯାୟୀ ତୁରନ୍ତ ଏହାର କୋଡ୍ ବାହାର କରି କାର୍ଯ୍ୟକାରୀ କରିବାକୁ ମୁଖ୍ୟଶାସନ ସଚିବ ତାଗିଦା କରିଛନ୍ତି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୯ଟି ପ୍ରଚଳିତ ଶ୍ରମଆଇନ ବଦଳରେ ଚାରୋଟି ଶ୍ରମ ସଂହିତା କରାଯିବ। ସେଥିମଧ୍ୟରେ ମଜୁରୀ ସଂହିତା-୨୦୧୯, ଶିଳ୍ପ ସମ୍ପର୍କ ସଂହିତା-୨୦୨୦, ସାମାଜିକ ସୁରକ୍ଷା ସଂହିତା-୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା-୨୦୨୦ ରହିଛି। ଏହାକୁ କାର୍ଯ୍ୟକାରୀ କରିବା ଲାଗି ଚଳିତବର୍ଷ ନଭେମ୍ବର ୨୧ଠାରୁ ଘୋଷଣା ହୋଇଛି; ଯାହା କି ସ୍ୱାଧୀନତା ପୂର୍ବର ଏବଂ ସ୍ୱାଧୀନତା ପରବର୍ତ୍ତୀ ସମୟର ପ୍ରାରମ୍ଭିକ (୧୯୩୦-୧୯୫୦)ଦଶକରେ ପ୍ରସ୍ତୁତ କରାଯାଇଥିଲା।

ସୂଚନା ଅନୁଯାୟୀ, ୪ଟି ପ୍ରଚଳିତ ଶ୍ରମ ଆଇନକୁ ଏକତ୍ରିତ କରି ମଜୁରୀ ସଂହିତା ପ୍ରଣୟନ କରାଯାଇଥିବାବେଳେ ତିନୋଟି ପ୍ରଚଳିତ ଶ୍ରମ ଆଇନକୁ ଏକତ୍ର କରି ଶିଳ୍ପ ସମ୍ପର୍କ ସଂହିତା, ନଅଟି ପ୍ରଚଳିତ ଶ୍ରମଆଇନକୁ ଏକାଠି କରି ସାମାଜିକ ସୁରକ୍ଷା ସଂହିତା ଏବଂ ୧୩ଟି ପ୍ରଚଳିତ ଶ୍ରମ ଆଇନକୁ ଏକତ୍ରିତକରି ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା ପ୍ରଣୟନ କରାଯାଇଛି। ଏକତ୍ରୀକରଣ ହୋଇଥିବା ଏହି ଶ୍ରମ ସଂହିତାଗୁଡ଼ିକ ଶ୍ରମିକ ଏବଂ ଉଦ୍ୟୋଗ ଗୁଡ଼ିକୁ ସଶକ୍ତ କରିବା ସହ ଏକ ବିକଶିତ ବିଶ୍ୱ ସହିତ ସମନ୍ୱିତ ଶ୍ରମଶକ୍ତି ନିର୍ମାଣ କରିବାରେ ସହାୟକ ହେବ। ତେବେ ଏହି ଚାରୋଟି ଶ୍ରମ ସଂହିତାରେ ପ୍ରଚଳିତ ଶ୍ରମ ଆଇନଗୁଡ଼ିକର ଉନ୍ନତ ବିଧି ବ୍ୟବସ୍ଥାଗୁଡ଼ିକୁ ବଜାୟ ରଖିବା ସହିତ ଶ୍ରମ ସଂସ୍କାର ନିମନ୍ତେ କିଛି ନୂତନ ବିଧି ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି; ଯେଉଁଥିରେ ଶ୍ରମିକମାନଙ୍କ ଜୀବନଧାରଣର ମାନବୃଦ୍ଧି ନିମନ୍ତେ ପ୍ରତ୍ୟେକ କ୍ଷେତ୍ରରେ ନିୟୋଜିତ ସମସ୍ତ ବର୍ଗର ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ କରାଯିବା ବାଧ୍ୟତାମୂଳକ। କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଫ୍ଲୋର ୱେଜ୍‌କୁ ଆଇନଗତ ମାନ୍ୟତା ପ୍ରଦାନ କରାଯାଇଛି, ଯାହାଠାରୁ କମ୍ ସର୍ବନିମ୍ନ ମଜୁରି କୌଣସି ରାଜ୍ୟ ସ୍ଥିର କରିବା ଆଇନ ଉଲ୍ଲଂଘନ। କର୍ମଚାରୀମାନଙ୍କୁ ନିଯୁକ୍ତିଦାତାଙ୍କ ଦ୍ୱାରା ବାଧ୍ୟତାମୂଳକ ନିଯୁକ୍ତିପତ୍ର ପ୍ରଦାନର ବ୍ୟବସ୍ଥା ନିଯୁକ୍ତିଦାତା ଶ୍ରମିକଙ୍କୁ ସମୟାନୁସାରେ ମଜୁରି ପ୍ରଦାନ କରିବା ସହିତ ମହିଳା ଓ ପୁରୁଷ ଶ୍ରମିକଙ୍କୁ ସମାନ କାମ ପାଇଁ ସମାନ ପାରିଶ୍ରମିକ ପ୍ରଦାନ କରିବା ବାଧ୍ୟତାମୂଳକ ରହିବ। ଏହା ଶ୍ରମିକଙ୍କ ଆର୍ଥିକସୁରକ୍ଷା ସୁନିଶ୍ଚିତ କରିବା ସହିତ କାର୍ଯ୍ୟ ଚାପ ହ୍ରାସ କରିବାରେ ସହାୟକ ହୋଇପାରିବ। ଏହାସହିତ ନିଯୁକ୍ତିଦାତାମାନେ ୪୦ ବର୍ଷରୁ ଅଧିକ ବୟସର ସମସ୍ତ କର୍ମଚାରୀଙ୍କୁ ମାଗଣା ବାର୍ଷିକ ସ୍ୱାସ୍ଥ୍ୟପରୀକ୍ଷା ଯୋଗାଇବା, ସମୟୋଚିତ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ଶିଳ୍ପ ବିବାଦଗୁଡ଼ିକର ତ୍ୱରିତ୍ ସମାଧାନ ପାଇଁ ଉନ୍ନତ ବ୍ୟବସ୍ଥା ସହିତ ଶିଳ୍ପ ସଂସ୍ଥାଗୁଡ଼ିକରେ ଶ୍ରମିକମାନଙ୍କ ଅଭିଯୋଗ ସମାଧାନ ପାଇଁ ଗଠିତ ଅଭିଯୋଗ ପ୍ରକୋଷ୍ଠରେ ମହିଳାଙ୍କ ପ୍ରତିନିଧି ବ୍ୟବସ୍ଥା ରହିବ।

# କାର୍ଯ୍ୟକାରିତାରେ ବିଳମ୍ବ ନେଇ ସଚିବଙ୍କୁ ତାଗିଦ୍

ଭୁବନେଶ୍ୱର,୧୪।୧୨
(ରବିନାରାୟଣ ଜେନା)

## ମୁଖ୍ୟମନ୍ତ୍ରୀଙ୍କ ୬୮ ବ୍ୟକ୍ତିଗତ ନୋଟ୍‌ଶିଟ୍ ପ୍ରସଙ୍ଗ

ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟରେ ପରିଗଣିତ କରିବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ସ୍ୱପ୍ନ ଦେଖିଛନ୍ତି। ଏହାକୁ ସାକାର କରିବାପାଇଁ ଗତ ୧୮ମାସ ମଧ୍ୟରେ ବିଭିନ୍ନ ବିଭାଗକୁ ଯେଉଁ ବ୍ୟକ୍ତିଗତ ନୋଟ୍ ଶିଟ୍(ୟୁଓଆଇ) ପ୍ରଦାନ କରିଛନ୍ତି ତାହାକୁ ସୋମବାର ଅର୍ଥାତ୍ ଚଳିତମାସ ୧୫ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସମ୍ପୃକ୍ତ ବିଭାଗୀୟ ସଚିବଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ସେ କହିଥିଲେ, ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ୬୮ଟି ବ୍ୟକ୍ତିଗତ ନୋଟ୍‌ଶିଟ୍ ପ୍ରଦାନ କରିଛନ୍ତି। ତେବେ ଏହା କାହିଁକି କାର୍ଯ୍ୟକାରୀ ହେଉନାହିଁ। ତୁରନ୍ତ ଏହା ଉପରେ ସମୀକ୍ଷା କରି ଡିସେମ୍ବର ୧୫ ସୁଦ୍ଧା ଯେଉଁସବୁ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ପାଳନ କରିଛନ୍ତି ସେଥିରେ 'କମ୍ପ୍ଲିଟେଡ' ଲେଖି ସରକାରଙ୍କୁ ପ୍ରଦାନ କରିବାକୁ ହେବ।

ଏଥିସହ ସେ ଦର୍ଶାଇଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ବେଳେ ଏହାକୁ ଠିକଣା ଭାବେ ଯେପରି ଟ୍ରାକିଂ କରାଯାଇପାରିବ ସେଭଳି ବ୍ୟବସ୍ଥା କରିବାକୁ ପଡ଼ିବ; ଯଦ୍ୱାରା କାର୍ଯ୍ୟର ଅଗ୍ରଗତି ତଥା ସ୍ଥିତାବସ୍ଥା ସମ୍ପର୍କରେ ତତ୍କ୍ଷଣାତ୍ ଯେପରି ଜାଣି ହେବ। ତେବେ ଯେଉଁ ସବୁ ନିର୍ଦ୍ଦେଶ ପାଳନ ପାଇଁ ସରକାରୀ ପଦକ୍ଷେପ ଗ୍ରହଣ କରାଯାଇଛି, ମାତ୍ର ତାହା ଶେଷ ହୋଇନାହିଁ, ତାହାକୁ 'କନ୍‌ଷ୍ଟିଚ୍ୟୁଟେଡ୍' ଦର୍ଶାଇବାକୁ ସଚିବମାନଙ୍କୁ ମୁଖ୍ୟସଚିବ କହିଛନ୍ତି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାପାଇଁ ବିକଶିତ ଓଡ଼ିଶା ଭିଜନ-୨୦୩୬ ହାତକୁ ନେଇଛନ୍ତି। ଏହାକୁସଫଳ କରିବା ଲାଗି ଛୁଟିଦିନଗୁଡ଼ିକରେ ମଧ୍ୟ ଲୋକସେବାଭବନରେ ବସି କାର୍ଯ୍ୟ କରୁଥିବା ଦେଖାଯାଉଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ବିକାଶ ଲାଗି ଯେଉଁ ନିର୍ଦ୍ଦେଶ ସମ୍ପୃକ୍ତ ବିଭାଗକୁ ପ୍ରଦାନ କରୁଛନ୍ତି ତାହା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପାଳନ ହେଉନାହିଁ। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମୀକ୍ଷା କରିବା ସହିତ ନିଜେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ନୋଟ୍‌ଶିଟ୍ ମଧ୍ୟ ପ୍ରଦାନ କରୁଛନ୍ତି।

ତଥ୍ୟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଇତିମଧ୍ୟରେ ୬୮ଟି ବ୍ୟକ୍ତିଗତ ନିର୍ଦ୍ଦେଶନାମା ବିଭାଗୀୟ ସଚିବମାନଙ୍କୁ ପ୍ରଦାନ କରିଥିବାବେଳେ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ସମ୍ବନ୍ଧୀୟ ୨୨୭ଟି ନିର୍ଦ୍ଦେଶନାମା ପ୍ରଦାନ କରିଛନ୍ତି। ସେଥିରେ ଯୋଜନାର କାର୍ଯ୍ୟକାରିତା ପୂର୍ବରୁ କେଉଁସବୁ ନୀତିଗତ ନିଷ୍ପତ୍ତି ନିଆଯିବାର ଆବଶ୍ୟକତା ରହିଛି ତାକୁ ଭଲ ଭାବେ ଅନୁଧାନ କରିବାକୁ ହେବ। ଏପରି କି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଘୋଷଣା ହେବା ପୂର୍ବରୁ ଯେପରି ତାହା ଠିକଣା ଭାବେ ସମୀକ୍ଷା ହୋଇଥିବ ଏବଂ ବାସ୍ତବତା ତଦାରଖ ହୋଇଥିବ, ସେଥିପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟସଚିବ କହିଛନ୍ତି।

ତେବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ନୋଟ୍‌ଶିଟ୍ ଏବଂ ଯୋଜନା ସଂକ୍ରାନ୍ତରେ ଏଠାରେ କେତୋଟି ଉଦାହରଣ ଦିଆଯାଇପାରେ ଯଥା- ଜିଲାସ୍ତରରେ 'ପ୍ରଭାରୀ ମନ୍ତ୍ରୀ' ଦାୟିତ୍ୱ ପ୍ରଦାନ କରିବା, 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର କାର୍ଯ୍ୟକାରିତା, ରାଜ୍ୟରୁ ଗୁଟ୍‌ଖା ସମ୍ପୂର୍ଣ୍ଣ ନିଷେଧ, ପୁରୀ ମହାନଗର ନିଗମକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ, ମହାନଦୀ ମୁହାଁଣରେ ନୂତନ ବନ୍ଦର ନିର୍ମାଣ ଭଳି ଶତାଧିକ ନିର୍ଦ୍ଦେଶନାମା ରହିଛି। ହେଲେ ନିର୍ଦ୍ଦେଶନାମାଗୁଡ଼ିକ ଠିକଣା ସମୟରେ କାର୍ଯ୍ୟକାରୀ ହେଉ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହାକୁ ନେଇ ଚିନ୍ତା ପ୍ରକଟ କରିବା ପରେ ବ୍ୟକ୍ତିଗତ ନୋଟ୍‌ଶିଟ୍ ଲେଖାଯାଇ ବିଭାଗୀୟ ସଚିବମାନଙ୍କୁ ଅବଗତ କରାଯାଉଛି। ଆସନ୍ତାକାଲି ସୁଦ୍ଧା ବିଭିନ୍ନ ବିଭାଗର ସଚିବ କେତେଦୂର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ପାଳନ କରୁଛନ୍ତି ତାହା ଦେଖିବାର ରହିଛି।

# ତାପମାତ୍ରାରେ ସାମାନ୍ୟ ବୃଦ୍ଧି

ଭୁବନେଶ୍ୱର,୧୪।୧୨(ବନ୍ଦନା ସେଠୀ)

ରାଜ୍ୟରେ ପାରଦ ତଳମୁହାଁ ରହିଥିବାବେଳେ ଅନେକ ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହେଉଛି। ଏପରି ସ୍ଥିତିରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ହୋଇଛି। ରବିବାର କିଛି ସ୍ଥାନରେ ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୨ ଡିଗ୍ରୀକୁ ବୃଦ୍ଧି ପାଇଥିବାବେଳେ ଫୁଲବାଣୀ ଏବଂ ଦାରିଙ୍ଗବାଡ଼ିରେ ୬ ଡିଗ୍ରୀ, ସେମିଳିଗୁଡାରେ ୬.୧, କୋରାପୁଟ ୭, ରାଉରକେଲା ୮.୨, ଚିପିଲିମା ୮.୬, ଝାରସୁଗୁଡା ୮.୯, ଭବାନୀପାଟଣା ୯, ଅନୁଗୋଳ ୯.୬ ଏବଂ ବୌଦ୍ଧ ଓ କିରେଇରେ ସର୍ବନିମ୍ନ ୯.୮ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଭୁବନେଶ୍ୱରରେ ୧୩.୨ ଓ କଟକରେ ୧୩ ଡିଗ୍ରୀ ତାପମାତ୍ରା ରହିଥିଲା। ଅନ୍ୟପକ୍ଷରେ ରାଉରକେଲା ଓ ଭବାନୀପାଟଣାରେ କୁହୁଡ଼ି ଦେଖାଦେଇଥିବାବେଳେ ସୋମବାର ସୁନ୍ଦରଗଡ଼, କନ୍ଧମାଳ, କଳାହାଣ୍ଡି ଏବଂ କୋରାପୁଟ ଜିଲାରେ ମଧ୍ୟମରୁ ସାମାନ୍ୟ କୁହୁଡ଼ି ଦେଖାଦେବ। ତେବେ ବର୍ତ୍ତମାନ ରାଜ୍ୟରେ କୌଣସି ପାଣିପାଗ କ୍ଷେତ୍ର ସକ୍ରିୟ ନ ଥିବାରୁ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ପାଗ ଶୁଷ୍କ ରହିବ ବୋଲି ବିଭାଗ ପୂର୍ବାନୁମାନ କରିଛି।

# ଥ୍ରେସର ମେଶିନ ନେଲା ଶ୍ରମିକଙ୍କ ଜୀବନ

ବାଲେଶ୍ୱର,୧୪।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଧୀନ ବର୍ଦ୍ଧନପୁର ପଞ୍ଚାୟତର ସାହାଜାନଗର ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଧାନପିଟା ଥ୍ରେସର ମେଶିନରେ କଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଉକ୍ତ ଗ୍ରାମର ରାଧୁଆ ଦଲେଇଙ୍କ ପୁଅ ରାଜୁ (୨୦)।

ଅପରାହ୍ନରେ ଉକ୍ତ ଅଞ୍ଚଳରେ ଥ୍ରେସର ମେଶିନ ଯୋଗେ ଧାନବିଡ଼ା ପିଟାଯାଉଥିଲା। ମେଶିନରେ ଧାନ କଳେଇ ଜାମ୍ ହୋଇଯାଇଥିଲା। ଏହି ସମୟରେ ରାଜୁ କଳେଇକୁ ଗୋଡ଼ରେ ପେଲୁଥିବା ବେଳେ ସେ ମେଶିନରେ ପଶି ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା।

# ଧାନ ବିଲରେ ନିଆଁ ଲାଗି ଜଳିଗଲେ ଚାଷୀ

ପିପିଲି/ଡେଲାଙ୍ଗ,୧୪।୧୨
(ଦୁର୍ଗାମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର/ରଶ୍ମିରଞ୍ଜନ ପ୍ରଧାନ)

ପିପିଲି ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଚାଷୀ ବିଲ ମଝିରେ ନିଆଁରେ ଜଳିଯାଇ ମୃତ୍ୟୁବରଣ କରିଛନ୍ତି। ମୃତ ଚାଷୀ ହେଲେ ପିପିଲି ସୁନାମୁହିଁ ଗାଁର ଗଜେନ୍ଦ୍ର ସ୍ୱାଇଁ।

ସୂଚନାଯୋଗ୍ୟ, ଗଜେନ୍ଦ୍ର ନିଜ ବିଲରେ ଲଗାଇଥିବା ନିଆଁ ପାଖ ବିଲରେ ପଡ଼ିଥିବା ଧାନ କଳେଇରେ ଲାଗିଯାଇଥିବା ଦେଖି ନିରୁପାୟ ହୋଇ ନିଜେ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସେ ନିଜେ ସେହି ନିଆଁରେ ଜଳିଯାଇଥିବା ଜଣାପଡ଼ିଛି। ଗଜେନ୍ଦ୍ର ଜଳିଯାଇଥିବା ଖବର ପ୍ରଚାର ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଗଜେନ୍ଦ୍ର ହାର୍ଭେଷ୍ଟରରେ ଧାନ କାଟିଥିଲେ। ପାଗ ଉଡ଼ିଗଲେ ଆଉ ମୁଗ ବୁଣିହେବନି, ତେଣୁ ରବିବାର ସକାଳେ ଧାନଗଛ ମୂଳ ଏବଂ ବିଲରେ ପଡ଼ିଥିବା କୁଟାକୁ ନିଆଁ ଲଗାଇ ସଫା କରୁଥିଲେ। ମାତ୍ର ନିଆଁ ପାଖ ବିଲରେ କଟାହୋଇ ପଡ଼ିଥିବା ଧାନକୁ ଧରି ପକାଇଥିଲା। ଏହାଦେଖି ଗଜେନ୍ଦ୍ର ବିଚଳିତ ହୋଇପଡ଼ିଥିଲେ। ପାଖ ବିଲର ନିଆଁକୁ ଲିଭାଇବାକୁ ବହୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଏହାପରେ ସେ ନିଜେ ପୋଡ଼ିହୋଇ ମୃତ୍ୟୁବରଣ କରିଥିଲେ। ଅନ୍ୟ ଚାଷୀମାନେ ସେମାନଙ୍କ ବିଲକୁ ଯିବାରେ ଗଜେନ୍ଦ୍ର ପୋଡ଼ିହୋଇ ମୃତ୍ୟୁବରଣ କରିଥିବା ଦେଖି ଡାକ ପକାଇଥିଲେ। ଡାକ ଶୁଣି ଗ୍ରାମ ତଥା ଆଖପାଖ ଗ୍ରାମର ଲୋକମାନେ ସେଠାରେ ପହଞ୍ଚି ଥାନାକୁ ଜଣାଇଥିଲେ। ଖବରପାଇ ପିପିଲି ପୋଲିସ ଏବଂ ଅଗ୍ନିଶମ ଆସିଥାଇ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇବା ସହିତ ତଦନ୍ତ ଚଳାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ଅପରାହ୍ନ ୨ଟା।

## ବାଲେଶ୍ୱର

- ରକ୍ତଦାନ ଶିବିର,ସ୍ଥାନ:ହୋଟେଲ ହରିପ୍ଲାଜା, ବାଲେଶ୍ୱର,ସମୟ:ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାଲିଆପାଳ,ସମୟ:ପୂର୍ବାହ୍ନ ୧୦ଟା।
- ଶିକ୍ଷା ସଭା, ଆସ ସ୍କୁଲ ଯିବା, ସ୍ଥାନ:ପୁରୁଣା ସରକାରୀ ପ୍ରାଥମିକ ବିଦ୍ୟାଳୟ, ସିମୁଳିଆ ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ଉତ୍ସବର ଚତୁର୍ଥ ସନ୍ଧ୍ୟା,ସ୍ଥାନ:ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର,ସମୟ:ସନ୍ଧା ୬ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ପୂର୍ବତନ ଜିଲା ଉପସଭାପତି ସୁଧାକର ଧଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ତାଳପଦା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଆଦମପୁର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: କଳିଙ୍ଗା ଉଚ୍ଚ ବିଦ୍ୟାଳୟ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ହାଟଡ଼ିହୀ କଲେଜର ବାର୍ଷିକ କ୍ରୀଡ଼ା, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ଟ। ୩୦।
- ସ୍ୱପ୍ନେଶ୍ୱର ଶିବ ମନ୍ଦିରରେ ରୁଦ୍ରାଭିଷେକ ଏବଂ ଭଜନ ସମାରୋହ, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ: ପୂର୍ବାହ୍ନ ୧୦ଟା।
- ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ:ବିଜିପୁର ମାନଗୋବିନ୍ଦପୁର, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ରାଶନ କାର୍ଡ ବଣ୍ଟନ, ସ୍ଥାନ:ମ୍ୟୁନସିପାଲିଟି ପରିସର ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ସିଭିଲ ସର୍ଭିସ ପ୍ରାରମ୍ଭିକ ପରୀକ୍ଷାର ନିଃଶୁଳ୍କ କୋଚିଂ ଆରମ୍ଭ, ସ୍ଥାନ:ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) କାର୍ଯ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବାଳିକା ହଷ୍ଟେଲର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମୋରଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଗଞ୍ଜାମ

- ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର ବିଏଡ୍ କଲେଜ, ସମୟ: ସକାଳ ୯ ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ: ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ଦିଗପହଣ୍ଡି ବି.ତୁରୁବୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ବୁଗୁଡ଼ା ସଙ୍କୁରୁ ପଞ୍ଚାୟତ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୦ ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ପ୍ରତିଷ୍ଠା ଦିବସ ଓ ବାର୍ଷିକ କ୍ରୀଡ଼ା,ସ୍ଥାନ: ଆସିକା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ୫ମ ମହାକାଳେଶ୍ୱର ମହୋତ୍ସବ ଉଦଯାପନ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଂଟର, ଢେଙ୍କାନାଳ, ସମୟ: ସନ୍ଧ୍ୟା ୫ଟା ୩୦।

## ଅନୁଗୋଳ

- କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ : କେନ୍ଦ୍ରୀୟ ବିଦ୍ୟାଳୟ ପରିସର , ଆଠମଲ୍ଲିକ, ସମୟ : ସକାଳ ୯ ଟା ।

## ଜଗତ୍‌ସିଂହପୁର

- ବନ୍ୟପ୍ରାଣୀ ସୁରକ୍ଷା ଉପରେ ବୈଠକ, ସ୍ଥାନ: ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ପରିସର, ସମୟ: ପୂବାହ୍ନ ୧୧ଟା।
-

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଶୀତଳଭଣ୍ଡାର ଉଦ୍‌ଘାଟନ ସମାରୋହ, ସ୍ଥାନ: ଆରଏମ୍‌ସି, ଜମଧର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଡେରାବିଶ ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ଅନ୍ଦୋଳନ, ସ୍ଥାନ: ବିଦ୍ୟୁତ କାର୍ଯ୍ୟାଳୟ, ଛତା, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଘୋଡଲାଗି ପର୍ବର ୧୯ତମ ଦିବସ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା।, ସ୍ଥାନ: ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖଣ୍ଡପଡ଼ାର ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଘାଟନ ଦିବସ, ସ୍ଥାନ: ଖଣ୍ଡପଡ଼ା ମଧୁବନ କ୍ରୀଡାଙ୍ଗନ, ସମୟ: ସକାଳ ୭ଟା୩୦।
- ଧନୁଯାତ୍ରା ପାଇଁ ଗୀତାଯଜ୍ଞ, ସ୍ଥାନ: ଭାପୁର ବ୍ଲକର କାଳିଆପଲ୍ଲୀ, ସମୟ: ସକାଳ ୮ଟା।
- ମା' ବରୁଣେଇ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱାଦଶ ଦିବସରେ ବାଙ୍କୀର ରଜୀବ ସହ ବଗେଇ କ୍ରିକେଟ ଟିମ୍, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କପ କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ ଦିବସରେ ସମ୍ବଲପୁର ବନାମ କୋଲକାତା, ସ୍ଥାନ: ଭାପୁର ବ୍ଲକ ଫତେଗଡ ନାଳିସାଗର ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ ଶୁଭାରମ୍ଭ, ସ୍ଥାନ: ରାୟଗଡ଼ା ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା ।
- ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ବିଭାଗୀୟ ସମୀକ୍ଷା, ସ୍ଥାନ: ପ୍ରଶିକ୍ଷଣ ଗୃହ, ରାୟଗଡ଼ା, ସମୟ: ମଧ୍ୟାହ୍ନ ୧ଟା।
- ଉପଖଣ୍ଡସ୍ତରୀୟ ଚଇତି ସାଂସ୍କୃତିକ ଉତ୍ସବ ପାଇଁ ବିତର୍କ ପ୍ରତିଯୋଗିତା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଗୁଣପୁର, ସମୟ : ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: କୋଡ଼ିଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' କଙ୍କାଲୁଣୀଙ୍କ ବାର୍ଷିକ ଉତ୍ସବ ଦଶହରା ପାଳନ,ସ୍ଥାନ: କଙ୍କାଲୁଣୀଙ୍କ ମନ୍ଦିର ପରସର ମେଦନା, ଡାବୁଗାଁ ବ୍ଲକ୍, ସମୟ: ଅପରାହ୍ନ ୪ଟା।
- ପଲ୍ଲୀଶ୍ରୀ ମେଳା ୪ର୍ଥ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମଣ୍ଡେଇ ପଡିଆ, ନବରଙ୍ଗପୁର, ସମୟ: ରାତି ୭ଟା।
- ଅହୋରାତ୍ର ଆଦିବାସୀ ନାଟ, ସ୍ଥାନ: ମଣ୍ଡେଇ ପଡ଼ିଆ, ନବରଙ୍ଗପୁର, ସମୟ: ମଧରାତ୍ରି ୧୨ଟା।

## କୋରାପୁଟ

- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଗୋଲୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଗିର୍ଲା ପଞ୍ଚାୟତ, କୋଟପାଡ଼ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ନାରାୟଣପାଟଣା ବ୍ଲକ ସଭାଗୃହ, ସମୟ:ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ମରିଚମାଳ ପଞ୍ଚାୟତ କାର୍ଯ୍ୟାଳୟ, ମରିଚମାଳ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ,ରାଜପଲମା ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଅନାସ୍ଥା ପ୍ରସ୍ତାବ ଆଣିଥିବା ୱାର୍ଡସଭ୍ୟଙ୍କ ଦସ୍ତଖତ ଯାଞ୍ଚ, ସ୍ଥାନ: ବାଲଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଏନ୍‌କେଟି ରୋଡ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ରାଜସ୍ୱ ଓ ବନବିଭାଗ ଦ୍ୱାରା ଜମି ଯାଞ୍ଚ, ସ୍ଥାନ: ରାଣୀଡୁଡୁମା ପରିସର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସମ୍ବଲପୁର

- ଜିଲା ପ୍ରଶାସନ ଆୟୋଜନରେ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ରେଙ୍ଗାଲି ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରଜ ମହୋତ୍ସବ-୨୦୨୫, ସ୍ଥାନ: ସାକ୍ଷୀପଡା ସ୍ଥିତ ଲତା ଘନଶ୍ୟାମ ମଣ୍ଡପ, ସମୟ: ଅପରାହ୍ନ ୨ଟା।
- ପଶ୍ଚିମ ଓଡ଼ିଶା ଦିବ୍ୟ ଜୀବନ ସଂଘର ତ୍ରିଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଅମୃତ ବିହାର ପରିସରସ୍ଥ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ମଠଖାଇ ମହୋତ୍ସବ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆ, ସମୟ: ସକାଳ ୮ଟା।

## ରାଉରକେଲା

- ବୈଭବ ଅନୁଷ୍ଠାନ ପକ୍ଷରୁ ପାଠ୍ୟୋପକରଣ ବଣ୍ଟନ ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଗୋଲଘର ବସ୍ତି, ସମୟ: ପୂର୍ବାହ୍ନ ୧୦ଟା।
- ଗିନିଜ ରେକର୍ଡ ଦୌଡ଼ ସମାପନ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ, ସାଧାରଣ ସଭା, ସ୍ଥାନ: ଗୋଲାମୁଣ୍ଡା ବ୍ଲକ ଶିବାଜୀ ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବୌଦ୍ଧ

- ଜିଲାସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ଷଷ୍ଠ ଦିବସ, ସ୍ଥାନ: ଭୈରବୀ ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ ଡୋଲପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ଼ ମଠସାହି ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୩ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଡିଏଲ୍‌ଏସ୍‌ଏ ନୂଆପଡ଼ା ପକ୍ଷରୁ ୫ ଦିନିଆ ମଧ୍ୟସ୍ଥତା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ଡିଆର୍‌ପିସି ସିଲାଦା ନୂଆପଡ଼ା, ସମୟ: ସକାଳ ୯ଟା ୧୫।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଶୁଣାଣି ଶିବିର, ସ୍ଥାନ: ଖଡିଆଳ ବ୍ଲକ ରିଶଗାଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, କୋଲାବିରା, ସମୟ:ପୂର୍ବାହ୍ନ ୧୦ଟା।

# ଚର୍ଚ୍ଚାରେ ଅର୍ଚ୍ଚିତାଙ୍କ ବାହାଘର ଭୋଜି

ଭୁବନେଶ୍ୱର,୧୪।୧୨
(ରବିନାରାୟଣ ଜେନା)

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସୁକନ୍ୟା ଅର୍ଚ୍ଚିତା ଷଡ଼ଙ୍ଗୀଙ୍କ ବିବାହ ଉପଲକ୍ଷେ ବରମୁଣ୍ଡା ପଡ଼ିଆରେ ଅନୁଷ୍ଠିତ ବିବାହ ଭୋଜିକୁ ନେଇ ରବିବାର ରାଜଧାନୀରେ ବେଶ୍ ଚର୍ଚ୍ଚା ପରିଲକ୍ଷିତ ହୋଇଛି। ପ୍ରାୟ ୩୦ହଜାର ଲୋକ ଏହି ଭୋଜିରେ ସାମିଲ ହୋଇଥିବାବେଳେ ରାଜ୍ୟ ତଥା ଦେଶର ବହୁ ନାମୀଦାମୀ ନେତାଙ୍କୁ ବରବଧୂଙ୍କୁ ଆର୍ଶୀବାଦ ଦେଉଥିବା ଦେଖିବାକୁ ମିଳିଥିଲା। ତେବେ ବହୁ ରାଜନେତା, ନେତା, ଅମଲା ଏହି ବିବାହ ଭୋଜି ସମୟରେ ଉଠାଇଥିବା ଦୃଶ୍ୟକୁ ନିଜ ଫେସ୍‌ବୁକରେ ଅପଲୋଡ୍ କରିଥିବା ପରିଲକ୍ଷିତ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ସପ୍ତମସ୍ଥ ଚନ୍ଦ୍ର ଏବଂ ଉଚ୍ଚାରୋହୀ ରାଶ୍ୟାଧିପତିଙ୍କ କାରଣରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। କେତୁଙ୍କ କୁପ୍ରଭାବରୁ ସନ୍ତାନ ହେତୁକ ସମସ୍ୟା ବିବ୍ରତ କରିପାରେ। ପରୋକ୍ଷ ଶତ୍ରୁତାରୁ ବ୍ୟବସାୟ ଓ ବାଣିଜ୍ୟ ବାଧାପ୍ରାପ୍ତ ହୋଇପାରେ। ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ବୃଷ** ସ୍ଥଗିତ କାମକୁ ସମ୍ପନ୍ନ କରିବାରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲୋଡ଼ିପାରିବେ। ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ପୁଣି କେତେକ କାମରେ ମନ ବଳାଇବେ, ଯାହାକି ଅନର୍ଥର କାରଣ ହୋଇପାରେ। ଆନୁଷ୍ଠାନିକ କାମରେ ସହଯୋଗ ସକାଶେ ବନ୍ଧୁଙ୍କ ନିମନ୍ତ୍ରଣ ପାଇପାରନ୍ତି।

**ମିଥୁନ** ଦୈହିକ ଦୁର୍ବଳତା ହେତୁ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ ସକାଶେ ବନ୍ଧୁଙ୍କ ଉପରେ ନିର୍ଭର କରିବେ। ବନ୍ଧୁଙ୍କ କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି । ସଭାସମିତିରେ ନିଷ୍ପତ୍ତି ବଦଳାଇବା ପାଇଁ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ପଡ଼ିପାରେ। ନୂତନ କର୍ମାରମ୍ଭ ସକାଶେ ଅଧିକ ପୁଞ୍ଜିର ଆବଶ୍ୟକତା ଅନୁଭବକରିବେ।

**କର୍କଟ** ସମସ୍ୟା ଲାଗିରହୁଥିବାରୁ ପାରିବାରିକ ଅସ୍ଥିରତା ମାନସିକ ଅବସାଦର କାରଣ ହେବ। ଅର୍ଥ ସଙ୍କଟ ହେତୁ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହେବ। ଭାବପ୍ରବଣତାଜନିତ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବନ୍ଧୁଙ୍କ ସହ ଆଲୋଚନା କାଳରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିପାରନ୍ତି।

**ସିଂହ** ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଦେହ ଭଲ ରହିବ, ମାତ୍ର କଠିନ ପରିଶ୍ରମ କିମ୍ବା ବିଶେଷ ଭ୍ରମଣଜନିତ କ୍ଳାନ୍ତିବୋଧ କରିବେ। ବିଭିନ୍ନ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବା ସମ୍ଭାବନା ରହିଛି। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**କନ୍ୟା** ପାରିବାରିକ ସମସ୍ୟା ପାଇଁ ମାନସିକ ସ୍ଥିତି ଭଲ ରହିବନାହିଁ। କୌଣସି ଖଳଲୋକଙ୍କ କଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣକଲେ ହଇରାଣ ହେବେ। ଅବହେଳା ଯୋଗୁ କେତେକ କାମ ପାଇଁ ଅନ୍ୟର ସାହାଯ୍ୟ ନେବେ। କଚେରି ମାମଲା, ସଭାସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ଆଜି କାମ ହାସଲ ସକାଶେ ବିରୋଧ ଓ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବନ୍ଧୁଙ୍କୁ ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ଏକ ପ୍ରକାର ଆଶ୍ୱସ୍ତି ଲାଭକରିବେ । ଶିଳ୍ପ, ବାଣିଜ୍ୟ, ରାଜନୀତି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟହେବାରୁ ରାଗିପାରନ୍ତି। ଅନୁରାଧା ନକ୍ଷତ୍ର ସକାଶେ ସହକର୍ମୀଙ୍କ ବଦାନ୍ୟତାରୁ ଅର୍ଥ ଓ ସମ୍ମାନ ପାଇ ମନ ଖୁସି ହୋଇଯିବ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ାରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ପଡ଼ୋଶୀଙ୍କ ଭୁଲ୍ ପରାମର୍ଶ ବାଟବଣା କରିପାରେ। ସହକର୍ମୀଙ୍କଠାରୁ କୌଣସି ଖବର ପାଇ ନିଜକୁ ପ୍ରସ୍ତୁତ ରଖିବାକୁ ଚେଷ୍ଟା କରିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସମ୍ମୁଖରେ ପ୍ରିୟ କଥା କହି ସମସ୍ୟା ସୁଧାରିନେବାର ଉଦ୍ୟମ ଚଳାଇପାରନ୍ତି। ଅସହିଷ୍ଣୁ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ବାଧିଲା ଭଳି ଅପଶବ୍ଦ କହିପାରନ୍ତି।

**ମକର** ସାଂସ୍କୃତିକ କାର୍ଯ୍ୟରେ ବନ୍ଧୁମାନେ ଆପଣଙ୍କୁ ଅର୍ଥ, ମିତ୍ରତା, ମିଷ୍ଟାନ୍ନ ଭୋଜନାଦିରେ ଆପ୍ୟାୟିତ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ବନ୍ଧୁଙ୍କ ସହ ପ୍ରୀତିପ୍ରଦ ଆଲୋଚନା କରିବେ। ପିଲାଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ ଲଘୁକ୍ରୋଧ ପ୍ରକାଶ କରିବେ। ସନ୍ତାନଙ୍କ ବିବାହ ସମ୍ବନ୍ଧରେ ପଡ଼ୋଶୀଙ୍କ ଅବଦାନ ରହିବ।

**କୁମ୍ଭ** କର୍ମକ୍ଷେତ୍ରର ସମସ୍ୟା ସମାଧାନ ସକାଶେ ଚେଷ୍ଟା କରି ସଫଳତା ପାଇବେ। ଆର୍ଥିକ ଉନ୍ନତି ଘଟିବ, ଯଦିଓ ଏଥିପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବ୍ୟବସାୟ, ପରିବହନରୁ ଲାଭ ପାଇପାରନ୍ତି। ପରିବାରର ଆବଶ୍ୟକତା ଅନୁଭବକରି ନୂତନ ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି।


**ମୀନ** ଅନୁକୂଳ ଗ୍ରହ ସ୍ଥିତିରୁ ଆଜିର କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ଆତ୍ମୀୟଙ୍କ ସହଯୋଗରୁ ପ୍ରାପ୍ୟ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତହୋଇ କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିପାରନ୍ତି।

ଆଜି ଡିସେମ୍ବର ୧୫ ତାରିଖ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ତିରୋଧାନ ଦିବସ, ପୌଷ କୃଷ୍ଣପକ୍ଷର ସ୍ମାର୍ତସମ୍ମତ ସଫଳା ଏକାଦଶୀ,ମାସାନ୍ତ ସୋମବାର । ରାଶିନକ୍ଷତ୍ର-ଚିତ୍ରା/ତୁଳା, ଦିବା ଘ.୧୧।୦୮ ମି. ଗତେ ସ୍ୱାତୀନକ୍ଷତ୍ର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୧୭ ଗତେ ଘ.୦୭।୩୮ ମଧ୍ୟେ, ଘ.୦୯।୧୦ ଗତେ ଘ.୧୧।୨୦ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭। ୩୮ ଗତେ ଘ.୦୮।୫୯ ମଧ୍ୟେ ରାହୁକାଳ ।

# ପ୍ରଥମ ପୃଷ୍ଠାରୁ...

## ନୀତିନ ନବୀନ ଭାଜପା ...

ଏକ ବିବୃତିରେ ଜଣାଇଛନ୍ତି। ୬୫ ବର୍ଷୀୟ ଜେ.ପି. ନଡ୍ଡାଙ୍କୁ ୨୦୨୦ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା। ତେବେ ଅବଧି ଶେଷ ହେବା ପରେ ମଧ୍ୟ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କ ଅବଧି ବୃଦ୍ଧି କରାଯାଇଥିଲା। କାୟସ୍ଥ ସମୁଦାୟର ଯୁବ ଚେହେରା ନୀତିନ ଆଗକୁ ନଡ୍ଡାଙ୍କ ସ୍ଥାନରେ ଦଳର ମଙ୍ଗ ଧରିପାରନ୍ତି ବୋଲି ମନେକରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପାର ବରିଷ୍ଠ ନେତାମାନେ ନୀତିନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆମ୍ବ ବଉଳ, ମାଛ ମଞ୍ଜି,**
**ଖଚୁଆ ତୁଣ୍ଡ, ନାହାକ ପାଞ୍ଜି,**
**ସତ କେତେ ମିଛ କେତେ ।**

ଆମ୍ବ ବଉଳ ଉପରେ ଭରସା ନ ଥାଏ। ମାଛ ମଞ୍ଜି ବା ବିହନ ସେମିତି ସବୁବେଳେ ମିଳି ନ ଥାଏ। ମିଛୁଆ ବ୍ୟକ୍ତିଙ୍କ କଥାରେ ଆଦୌ ସତ୍ୟତା ନ ଥାଏ। ସେହିପରି ନାହାକ ପାଞ୍ଜି ଦେଖି ଯାହା ଗଣନା କରିଥାଏ ତାହା ମଧ୍ୟ ସମ୍ପୂର୍ଣ୍ଣ ସତ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆମ୍ବୁଲ ମାଠିଆ ଯେଉଁଠି,**
**ବୁଢ଼ୀ ଗଡ଼ି ଗଡ଼ି ଯାଇ ସେଇଠି ।**

ସାଧାରଣତଃ ଝିଅମାନେ ଖଟା ବା ଆଚାରପ୍ରିୟ ହୋଇଥାନ୍ତି। ଏଭଳି ସ୍ଥିତିରେ ବୟସ୍କା ମହିଳା ଜଣକ ଖଟା ଖାଇବା ନେଇ ନିଜ ଲୋଭକୁ ସମ୍ବରଣ କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସିଡ୍‌ନୀରେ ଆତଙ୍କବାଦୀ ...

ବିଅର ଧରି ଯାଉଥିବାବେଳେ ଗୁଳିଗୋଳାର ଶବ୍ଦ ଶୁଣି ବୋତଲଗୁଡ଼ିକୁ ଫୋପାଡ଼ି ଦେଇଥିଲେ। ସେହି ସମୟରେ ଉତ୍ସବ ପାଳନ କରୁଥିବା ଲୋକେ କିପରି ଗୁଳିମାଡ଼ରେ ଟଳିପଡ଼ୁଥିଲେ, ତାହା ଦେଖି ବିଚଳିତ ହୋଇଯାଇଥିଲେ।

ଇତିମଧ୍ୟରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲ୍‌ବାନିସ୍ କହିଛନ୍ତି, ବଣ୍ଡାଇରୁ ଆସୁଥିବା ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ। ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ପୋଲିସ ଓ ଏମର୍ଜେନ୍ସି ଟିମ୍‌କୁ ନିୟୋଜିତ କରାଯାଇଛି। ଲୋକେ ସ୍ଥାନୀୟ ପୋଲିସର ପରାମର୍ଶ ଗ୍ରହଣ କରି ଚଳନ୍ତୁ। ସେ ଏହାକୁ ଏକ ଲଜ୍ଜାକର ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ଏହା ପଛରେ ଯେଉଁମାନେ ଅଛନ୍ତି, ସେମାନଙ୍କୁ ଉଚିତ ଦଣ୍ଡ ଦିଆଯିବ। ଇସ୍ରାଏଲ୍‌ର ଗାଜା ଆକ୍ରମଣ ପରଠୁ ବିଶ୍ୱର ବିଭିନ୍ନ ଭାଗରେ ଇହୁଦୀଙ୍କୁ ହମାସ୍ ଆତଙ୍କବାଦୀମାନେ ଟାର୍ଗେଟ କରୁଥିବାରୁ ଏହା ପଛରେ ମଧ୍ୟ ଇରାନ୍ ସମର୍ଥିତ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ଥାଇପାରେ ବୋଲି ସନ୍ଦେହ ଦୃଢ଼ୀଭୂତ ହୋଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆରେ ଏହି ଆକ୍ରମଣକୁ ଦୃଢ଼ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

ଅଷ୍ଟ୍ରେଲିଆରେ ବନ୍ଧୁକ ହିଂସା ପ୍ରାୟତଃ ଦେଖିବାକୁ ମିଳି ନ ଥାଏ। ୧୯୯୬ରେ ପୋର୍ଟ ଆର୍ଥର ସହରରେ ଜଣେ ବନ୍ଧୁକଧାରୀ ଗୁଳିକାଣ୍ଡ ଘଟାଇଥିଲେ। ତାଙ୍କ ଆକ୍ରମଣରେ ୩୫ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୧୪ ଓ ୨୦୧୮ରେ ଘଟିଥିବା ଆକ୍ରମଣରେ ଯଥାକ୍ରମେ ୫ ଓ ୭ ଜଣଙ୍କ ପ୍ରାଣହାନି ଘଟିଥିଲା। ସେହିପରି ୨୦୨୨ରେ କୁଇନ୍ସଲାଣ୍ଡ ରାଜ୍ୟରେ ଜଣେ ଖ୍ରୀଷ୍ଟିଆନ୍ କଠୋରପନ୍ଥୀଙ୍କ ଗୁଳିମାଡ଼ରେ ୨ ପୋଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଥିଲା।

## ବିଳମ୍ବିତ ନ୍ୟାୟ ଲୋକଙ୍କ ...

ୟ ନ୍ୟାୟିକ ପ୍ରକ୍ରିୟାର ଯଥେଷ୍ଟ ଉନ୍ନତି ହୋଇଛି। ଯେକୌଣସି ସ୍ଥାନରେ ଥାଇ ବି ଜଣେ ହାଇକୋର୍ଟ ଅଥବା ସୁପ୍ରିମକୋର୍ଟରେ ମାମଲା ଦାୟର କରିପାରୁଛନ୍ତି। ବୈଷୟିକ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଛି, ଯାହାକି କୋଭିଡ୍ ମହାମାରୀ ସମୟରେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଛି ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ମତପୋଷଣ କରିଛନ୍ତି।

ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଯୋଗଦେଇ କହିଲେ, ନ୍ୟାୟ ସାଧାରଣ ଲୋକଙ୍କ ସନ୍ତୁଷ୍ଟି ପାଇଁ ହେବା ଦରକାର। ନ୍ୟାୟାଳୟଗୁଡ଼ିକରେ ଦିନକୁ ଦିନ ମାମଲାର ବୋଝ ବଢ଼ିବାରେ ଲାଗିଛି। ଏସବୁ ପ୍ରତିହତ କରିବା ପାଇଁ ମାମଲା ଅଦାଲତକୁ ଯିବା ପୂର୍ବରୁ ମଧ୍ୟସ୍ଥତା ଜରିଆରେ ସମାଧାନ ପାଇଁ ଉଦ୍ୟମ କରାଯିବା ଦରକାର। ବର୍ତ୍ତମାନର କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ନ୍ୟାୟିକ ବ୍ୟବସ୍ଥାର ଦକ୍ଷତା ବୃଦ୍ଧି ପାଇଛି। ମାମଲାର ଗୁରୁତ୍ୱ ଦେଖି ଅଗ୍ରାଧିକାର ଭିତ୍ତିରେ ଶୁଣାଣି କରାଯିବା ଆବଶ୍ୟକତା ରହିଛି ବୋଲି ଜଷ୍ଟିସ ଟଣ୍ଡନ ମତବ୍ୟକ୍ତ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏବଂ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସଭାପତି ସୀତାଂଶୁ ମୋହନ ଦ୍ୱିବେଦୀ ବକ୍ତବ୍ୟ ପ୍ରଦାନ କରିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା, ସମ୍ପାଦକ ଅଭିଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ଉପସଭାପତି ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ମୁଖ୍ୟ ବିଚାରପତି ଜଷ୍ଟିସ ଟଣ୍ଡନଙ୍କୁ ହାଇକୋର୍ଟ ବାର୍ ଆସୋସିଏଶନ୍ ସମେତ ଅନ୍ୟ ବାର୍ ଆସୋସିଏଶନ୍ ପକ୍ଷରୁ ସ୍ମୃତିଚିହ୍ନ, ଫୁଲତୋଡ଼ା ଏବଂ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଓଡ଼ିଶା ହାଇକୋର୍ଟରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଆଇନ ପେସାରେ ନିୟୋଜିତ ଥିବା ବିଜୟ କୁମାର ମହାନ୍ତି, ଭକ୍ତହରି ମହାନ୍ତି, ଜଗନ୍ନାଥ ପଟ୍ଟନାୟକ, ସୁରେନ୍ଦ୍ରନାଥ କର, ନରସିଂହ ପାତ୍ର, ଉମାବଲ୍ଲଭ ମହାପାତ୍ର, ବାସୁଦେବ ପଣ୍ଡା, ସତ୍ୟସୁନ୍ଦର ଦାଶ ଏବଂ ଦର୍ପହରି ଧଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ମିକ୍ସଡ୍ ଡବଲ୍ସରେ ଜଷ୍ଟିସ ସାବିତ୍ରୀ ରଥ ଓ ଜଷ୍ଟିସ ଭି. ନରସିଂହ ଏବଂ ୱିମେନ ସିଙ୍ଗଲସ୍‌ରେ ଜଷ୍ଟିସ ସାବିତ୍ରୀ ରଥଙ୍କୁ ଶ୍ରେଷ୍ଠ ଭାବେ ସମ୍ମାନିତ କରାଯାଇଥିଲା। ବିଚାରପତି ଶିବଶଙ୍କର ମିଶ୍ର ଓ ଆଇନଜୀବୀ ସଞ୍ଜୟ କୁମାର ମହାପାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ବିଚାରପତି, ଅବସରପ୍ରାପ୍ତ ବିଚାରପତି, ବରିଷ୍ଠ ଆଇନଜୀବୀ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ।

## ପୋଲିସ ହେପାଜତରେ ...

ହୋହଲ୍ଲା କରିଥିଲେ। ଖବରପାଇ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ପ୍ରମୁଖ ପୋଲିସ ଫୋର୍ସ ସହ ବାଣପୁର ଥାନାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ତେବେ ଛବୀନ୍ଦ୍ର ଗୁରୁତର ଥିବାବେଳେ ପୋଲିସ ତାଙ୍କୁ ଆମ୍ବୁଲାନ୍ସରେ ନ ଆଣି ନିଜ ଭ୍ୟାନରେ କାହିଁକି ଆଣିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଏନେଇ ଛବୀନ୍ଦ୍ରଙ୍କ ସ୍ତ୍ରୀ ରୀତା ନାୟକ କହିଛନ୍ତି ଯେ, କୌଣସି କାମରେ ସେ ନୟାଗଡ଼ ଆସିଥିବା ବେଳେ ଛବୀନ୍ଦ୍ର ଏକୁଟିଆ ଘରେ ଥିଲେ। ଶନିବାର ରାତିରେ ବାଣପୁର ପୋଲିସ ଛବୀନ୍ଦ୍ରଙ୍କୁ ଉଠାଇ ନେଇ ମାରିଦେଇଛି। ଏପରିକି ସକାଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ସମ୍ପର୍କରେ ନ ଜଣାଇ ଅସୁସ୍ଥ ଥିବା କହି ଡାକ୍ତରଖାନାକୁ ଆସିବା ପାଇଁ ପୋଲିସ ଖବର ଦେଇଥିଲା ବୋଲି ରୀତା ଅଭିଯୋଗ କରିଛନ୍ତି। ଏନେଇ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା କହିଛନ୍ତି, ଛବୀନ୍ଦ୍ରଙ୍କ ବିପି ଲୋ' ହୋଇ ଗୁରୁତର ହୋଇପଡ଼ିବାରୁ ବାଣପୁର ମେଡିକାଲ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ତାଙ୍କୁ ପୋଲିସ ଭ୍ୟାନରେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ଛବୀନ୍ଦ୍ରଙ୍କ ସହ ଆଉ ଜଣେ ମଦ ବେପାରୀ ହଳଦା ଗ୍ରାମର ବିଦ୍ୟାଧର ନାୟକଙ୍କୁ ମଧ୍ୟ ଉକ୍ତ ରାତିରେ ଥାନାକୁ ଅଣାଯାଇଥିଲା। ପୋଲିସ ସେମାନଙ୍କୁ କୌଣସି ନିର୍ଯ୍ୟାତନା ଦେଇନାହିଁ ବୋଲି ଦେବତା ପ୍ରକାଶ କରିଛନ୍ତି।

## ହାତୀକୁ ଖାଦ୍ୟରେ ...

ଚିକିତ୍ସାଳୟରେ ରଖି ଚିକିତ୍ସା କରାଯାଉଛି। ଅନାହାର ଓ ସଂକ୍ରମଣ ବୃଦ୍ଧି ଯୋଗୁ ହାତୀଟି ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛି।

ଆର୍‌ସିସିଏଫ୍ ଗୋଗିନେନୀ କୁହନ୍ତି, ହାତୀର ଜିଭଟି ଏକ ତୃତୀୟାଂଶ ଛିଣ୍ଡି ଯାଇଥିବା ବେଳେ ସଂକ୍ରମଣ ବୃଦ୍ଧି ପାଇଛି। ଡାକ୍ତରୀ ଟିମ୍ ତା'ର ଚିକିତ୍ସା ଜାରି ରଖିଛନ୍ତି। ତଦନ୍ତ ପରେ ବିସ୍ଫୋରଣଜନିତ ଘଟଣା ହୋଇଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଏହା ଏକ ଜଘନ୍ୟ ଅପରାଧ । ଏଭଳି ନୃଶଂସ କାର୍ଯ୍ୟ କରିଥିବା ଅଭିଯୁକ୍ତଙ୍କୁ ହତ୍ୟା ଭଳି ଆଇନରେ ଦଣ୍ଡିତ କରାଯିବା ଉଚିତ। ପରିବେଶବିତ୍ ସଂଯୁକ୍ତା ବସା କୁହନ୍ତି, ବାଣ ବିସ୍ଫୋରଣ ପାଇଁ ହାତୀର ଜିଭ ଛିଣ୍ଡିଛି। ଏଭଳି କ୍ରୁର ଘଟଣାକୁ ସେ ଦୃଢ଼ ନିନ୍ଦା କରିଛନ୍ତି। ତେବେ ଜଙ୍ଗଲୀ ବାରହା ଶିକାର କିମ୍ବା ବନ୍ୟଜନ୍ତୁଙ୍କୁ ଭୟଭୀତ କରିବା ପାଇଁ ବିଶେଷତଃ ଚାଷୀମାନେ ପନିପରିବା କିମ୍ବା ଫଳଜାତୀୟ ଖାଦ୍ୟରେ ବିସ୍ଫୋରକ ଭର୍ତ୍ତି କରି ବ୍ୟବହାର କରିଥାନ୍ତି। ଏହିଭଳି ଅମାନବୀୟ ଆକ୍ରୋଶର ଶିକାର ହୋଇ ମାଈହାତୀଟି ମୃତ୍ୟୁସହ ସଂଗ୍ରାମ କରୁଥିବା ଚର୍ଚ୍ଚା ହେଉଛି।

# ଧର୍ମଶାଳାରେ ରାଜନୈତିକ ହିଂସା






■ ହିମାଂଶୁ, ପ୍ରଣବଙ୍କ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ
■ ଭାଜପା, ବିଜେଡିର ୩ ଗୁରୁତର

ଯାଜପୁର,୧୪।୧୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ରାଜନୈତିକ ହିଂସା ସୃଷ୍ଟି ହୋଇଛି। ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମର୍ଥକଙ୍କ ମଧ୍ୟରେ ନିୟମିତ ବ୍ୟବଧାନରେ ଗଣ୍ଡଗୋଳ, ଭଙ୍ଗାରୁଜା, ଆରୋପ ପ୍ରତ୍ୟାରୋପ ଆଦି ଲାଗିରହିଛି। ରବିବାର ଅପରାହ୍ଣ ପ୍ରାୟ ୧ଟାରେ ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ପଞ୍ଚାୟତ ପଞ୍ଚେଶ୍ୱରୀ ମନ୍ଦିର ନିକଟରେ ଭାଜପା କର୍ମୀ ସୁନୀଲ ପଣ୍ଡା ଏବଂ ତାଙ୍କର କେତେଜଣ ସହଯୋଗୀଙ୍କୁ ୬ ବିଜେଡି କର୍ମୀ ରଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏହି ଘଟଣାର ପ୍ରାୟ ୨ ଘଣ୍ଟା ପରେ କେତେଜଣ ଭାଜପା କର୍ମୀ ଗଡ଼ମଧୁପୁର ପନ୍ଥୁରୀ ଫାର୍ମହାଉସରେ ପଶି ବିଜେଡି କର୍ମୀଙ୍କୁ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାଦ୍ୱୟରେ ଭାଜପାର ଜଣେ ଏବଂ ବିଜେଡିର ୨ କର୍ମୀ ଗୁରୁତର ହୋଇଛନ୍ତି। ଉଭୟ ଦଳର ୨୧ ଜଣ ଆହତ ହୋଇଥିବା ସୂଚନା ମିଳିଛି। ଗୁରୁତର ଭାଜପା କର୍ମୀ ସୁନୀଲଙ୍କ ଭାଇ ସୁମନ୍ତ ପଣ୍ଡା ଥାନାରେ କରିଥିବା ଅଭିଯୋଗ ଅନୁସାରେ, ଚଢ଼େଇଧରାରୁ ସୁନୀଲ ଓ ତାଙ୍କ ସହଯୋଗୀ ନିଜ ଗ୍ରାମ ନରସିଂହପୁରକୁ ଫେରୁଥିଲେ। ପଞ୍ଚେଶ୍ୱରୀ ମନ୍ଦିର ନିକଟରେ କେତେଜଣ ଯୁବକ ଭୋଜି କରୁଥିଲେ। ହଠାତ୍ ସୁନୀଲଙ୍କ ଗାଡ଼ିକୁ ଦେଖି ଯୁବକମାନେ ରାସ୍ତାରେ ଅଟକାଇଥିଲେ। ସେହି ଯୁବକମାନେ ରାଜନୀତି କରୁଛ କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗାଡ଼ିର ଡୋର୍ ଖୋଲି ସୁନୀଲଙ୍କୁ ଟାଣି ଆଣିଥିଲେ। ଏହାପରେ ସୁନୀଲଙ୍କ ମୁଣ୍ଡକୁ ରଡ୍‌ରେ ଆକ୍ରମଣ କରିଥିଲେ। ଫଳରେ ସୁନୀଲଙ୍କ ମୁଣ୍ଡ ଫାଟି ଯାଇଥିଲା। ସେ ମୁମୂର୍ଷ ଅବସ୍ଥାରେ ତଳେ ପଡ଼ି ଯାଇଥିଲେ। ଏହାପରେ ଅନ୍ୟ ଯୁବକମାନେ ମଧ୍ୟ ସୁନୀଲଙ୍କ ସମେତ ଅନ୍ୟ ସହଯୋଗୀଙ୍କୁ ମାଡ଼ ମାରି ଗାଡିକୁ ଚେପା କରି ଦେଇଥିଲେ। ଏହାବାଦ୍ ଗୁରୁତର ଥିବା ସମସ୍ତଙ୍କୁ ଘୋଷାଡି ରାସ୍ତା କଡ଼କୁ ଫୋପାଡ଼ି ଦେଇଥିଲେ। କେତେକ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ସୁନୀଲ ଏବଂ ଅନ୍ୟମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏହାପରେ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏଥିରେ ସୁବ୍ରତ ଧଳ, ପ୍ରଦୋଷ ନାୟକ, ସୌମ୍ୟ ପ୍ରକାଶ ବିଶ୍ୱାଳ, ଇନ୍ଦ୍ରଜିତ ତରାଇ, ଆଲୋକ ବେହେରା ଓ ମନୋଜ କୁମାର ଓଝା ସଂପୃକ୍ତ ଅଛନ୍ତି ବୋଲି ସୁମନ୍ତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷର ଅଭିଯୋଗ ଅନୁସାରେ, ଗଡ଼ମଧୁପୁର ପଞ୍ଚାୟତସ୍ଥିତ ପୂର୍ବତନ ବିଧାୟକ ପ୍ରଣବଙ୍କ ପନ୍ଥୁରୀ ଫାର୍ମ ହାଉସଠାରେ ବିଧାୟକ ହିମାଂଶୁଙ୍କ ସମର୍ଥକ ପଶି ଭଙ୍ଗାରୁଜା କରିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବିଜେଡି ଯୁବ ଛାତ୍ର ଦଳର ଏକ ବୈଠକ ହେଉଥିବା ସମୟରେ କେତେଜଣ ଭାଜପା କର୍ମୀ ପଶି ଭଙ୍ଗାରୁଜା ଓ ଆକ୍ରମଣ କରିଥିଲେ। ଏଥିରେ ସୁବ୍ରତ ଧଳ, ସୌମ୍ୟପ୍ରକାଶ ବିଶ୍ୱାଳ, ଶକ୍ତିରଞ୍ଜନ ଦାସ, ରଞ୍ଜିତ ବେହେରା, ନିରଞ୍ଜନ ପ୍ରଧାନ, ଆଲୋକ ବେହେରା, ମନୋଜ ଓଝା ଓ ମମତା ଦଣ୍ଡପାଟ ପ୍ରମୁଖ ଆହତ ହୋଇଥିବା ସୂଚନା ମିଳିଛି। ଉଭୟ ଗୋଷ୍ଠୀର ୩ଜଣ ଭାଜପାର ସୁନୀଲ ପଣ୍ଡା ଏବଂ ବିଜେଡିର ଶକ୍ତିରଞ୍ଜନ ଦାସ ଓ ନିରଞ୍ଜନ ପ୍ରଧାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଏହି ଘଟଣା ଉପରେ ବିଧାୟକ ହିମାଂଶୁ କହିଛନ୍ତି, ପୂର୍ବତନ ବିଧାୟକ ପ୍ରଣବ ହାରିବା ପରେ ରକ୍ତ ଚାଉଳ ଚୋବାଉଛନ୍ତି। ସେ ନିଜର ହିତାହିତ ଜ୍ଞାନ ବି ଭୁଲିଗଲେଣି। ଏପରିକି ସାଧାରଣ ଲୋକଙ୍କୁ ନିଜର ପୋଷାଗୁଣ୍ଡା ଲଗାଇ ଜୀବନରୁ ମାରିଦେବାକୁ ପଛାଉ ନାହାନ୍ତି। ପନ୍ଥୁରୀ ନିକଟରେ ପୂର୍ବତନ ବିଧାୟକଙ୍କ କେତେକ ଗୁଣ୍ଡା ଭାଜପା କର୍ମୀ ଓ ତାଙ୍କ ସମର୍ଥକଙ୍କୁ ସେହି ବାଟ ଦେଇ ଫେରୁଥିବା ବେଳେ ଅଚାନକ ଆକ୍ରମଣ କରିଥିଲେ। ତାଙ୍କ ସମର୍ଥକମାନେ ଜୀବନକୁ ବାଜି ଲଗାଇ ସେହିଠାରୁ ଖସି ଆସିଥିଲାବେଳେ ପ୍ରଣବଙ୍କ ଗୁଣ୍ଡାମାନେ ବିଭିନ୍ନ ଗାଡି ଓ ଫାର୍ମ ହାଉସ ଭଙ୍ଗାରୁଜାକରି ତାଙ୍କୁ ବଦନାମ କରିବାକୁ ଅପଚେଷ୍ଟା କରୁଛନ୍ତି। ପୂର୍ବତନ ବିଧାୟକ ପ୍ରଣବ କହିଛନ୍ତି, ତାଙ୍କୁ ଓ ତାଙ୍କ ସମର୍ଥକଙ୍କୁ ନିୟମିତ ଭାବେ ଆକ୍ରମଣ କରାଯାଉଛି। ପୋଲିସରେ ଅଭିଯୋଗ କଲେ ବି କିଛି ସୁଫଳ ମିଳୁନାହିଁ। ତେଣୁ ଏ ନେଇ ସେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ।

## ନୀତିନ୍ ନବୀନଙ୍କୁ ମନମୋହନଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୧୪।୧୨
(ରବିନାରାୟଣ ଜେନା)

ଭାରତୀୟ ଜନତା ପାର୍ଟିର ସଂସଦୀୟ ବୋର୍ଡ ପକ୍ଷରୁ ନୀତିନ୍ ନବୀନଙ୍କୁ ଭାଜପାର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିବାରୁ ଏହାକୁ ନେଇ ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଦେଶର ସଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶଳ ନେତୃତ୍ୱ ଓ ଦକ୍ଷ ମାର୍ଗଦର୍ଶନ ସହିତ ଆପଣଙ୍କର ଉତ୍ତମ ନେତୃତ୍ୱ ନିଶ୍ଚିତ ଭାବେ କର୍ମୀ ଓ ସଂଗଠନକୁ ନୂଆ ଉର୍ଜା ପ୍ରଦାନ କରିବ।




# ଅଗ୍ନିକାଣ୍ଡରେ ଧାନଖରି ଜଳିଗଲା

■ ୬୦୦ ବସ୍ତା ଧାନ ନଷ୍ଟ
■ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ
■ କ୍ଷତିପୂରଣ ଦାବିକଲା ଆମ୍ ଆଦ୍‌ମୀ ପାର୍ଟି

ଦେଓଗାଁ,୧୪।୧୨
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)


ଅଗ୍ନିଶମ କର୍ମଚାରୀ ଧାନଖରିରେ ନିଆଁ ଲିଭାଉଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଜଲିଆ ଗ୍ରାମର ଧାନଖରିରେ ରବିବାର ସକାଳେ ନିଆଁ ଲାଗି ପୋଡ଼ିଯାଇଛି। ଉକ୍ତ ଗ୍ରାମର ସୂର୍ଯ୍ୟନାରାୟଣ ନାଏକ ଖରିରେ ରଖିଥିବା ପ୍ରାୟ ୬୦୦ ବସ୍ତା ଧାନ ପୋଡ଼ି ପାଉଁଶ ହୋଇଯାଇଛି। ଦେଓଗାଁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ସୂର୍ଯ୍ୟନାରାୟଣ ପ୍ରାୟ ୧୦ ଏକର ଜମିରେ ଧାନଚାଷ କରିଥିଲେ। ସେଠାରୁ ଅମଳ ହୋଇଥିବା ଧାନକୁ ଆଣି ଜଲିଆ ଓ ଅସୁରଡୁଙ୍ଗୁରୀ ମଝିରେ ରହିଥିବା ଖଳାରେ ଗଚ୍ଛିତ କରି ଖରି ଆକାରରେ ରଖିଥିଲେ। ସୋମବାର ଧାନ ମଡାଇବା ପାଇଁ ସେ ସମସ୍ତ ପ୍ରସ୍ତୁତି କରିଥିଲେ। ହେଲେ ରବିବାର ସକାଳେ ଖରିରେ ନିଆଁ ଲାଗିଯାଇଥିଲା। ଖବରପାଇ ପୂର୍ବାହ୍ଣ ପ୍ରାୟ ୧୨ଟାରେ ସୂର୍ଯ୍ୟନାରାୟଣ ଖରିରେ ପହଞ୍ଚି ନିଆଁ ଲାଗିଥିବା ଦେଖିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିଲେ ମଧ୍ୟ କେହି ଦୁର୍ବୃତ୍ତ ଖରିରେ ନିଆଁ ଲଗେଇ ଦେଇଥିବା ସୂର୍ଯ୍ୟନାରାୟଣ ଅଭିଯୋଗ କରିଛନ୍ତି। ଦେଓଗାଁ ଅଗ୍ନିଶମ ଅଧିକାରୀ ଲାଲୁ ମୁଣ୍ଡାଙ୍କ ନେତୃତ୍ୱରେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଦମକଳ ଗାଡ଼ି ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସମସ୍ତ ଗଚ୍ଛିତ ଧାନ ପୋଡିଯିବାରୁ ସୂର୍ଯ୍ୟନାରାୟଣ ଭାଙ୍ଗିପଡିଛନ୍ତି। ଚାଷ ପାଇଁ କରିଥିବା ଧାରକରଜ କିପରି ଶୁଝିବେ ଓ ପରିବାର ପ୍ରତିପୋଷଣ କିଭଳି କରିବେ ତାହାକୁ ନେଇ ସେ ଚିନ୍ତାରେ ପଡିଛନ୍ତି। ତୁରନ୍ତ କ୍ଷତିପୂରଣ ଯୋଗାଇଦେବା ପାଇଁ ସେ ନିବେଦନ କରିଛନ୍ତି। ଖବରପାଇ କେତେଜଣ ସ୍ୱେଚ୍ଛାସେବୀ ଓ ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଆଶିଷ କୁମାର ପାଣ୍ଡେ ଖଳାରେ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଏଥିସହ ସମ୍ପୃକ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଓ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି। ପ୍ରଶାସନ ତୁରନ୍ତ କ୍ଷତିପୂରଣ ପ୍ରଦାନ ନ କଲେ ଆଗକୁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଆଶିଷ ଚେତାବନୀ ଦେଇଛନ୍ତି।

# ମେଘନାଦ ପାଚେରିରେ ପୁଣି ଫାଟ

ପୁରୀ,୧୪।୧୨(ଅଜିତ୍ କୁମାର ମହାନ୍ତି)



**ଏଏସ୍‌ଆଇକୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ମେଘନାଦ ପାଚେରି ଯୋଡ଼େଇରେ ପୁଣି ଫାଟ ସୃଷ୍ଟି ହୋଇଛି। ଏହାର ସୁରକ୍ଷା ଓ ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଏହି ଘଟଣା ନୂଆ ନୁହେଁ। ପାଚେରିରେ ଫାଟ ସୃଷ୍ଟି ହୋଇ ପାଣି ଗଳୁଥିବା ନେଇ ୨୦୨୪ରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଶିଉଳି ଛଡ଼ାଇ ଫାଟ ଯୋଡ଼େଇ ହୋଇଥିଲା। ଗ୍ରାଉଟିଂ କରାଯିବା ପରେ ଡ୍ରେନ୍ ପାଣି ପାଚେରି ଦେଇ ଝରିବା ବନ୍ଦ ହୋଇଯାଇଥିଲା। ମାତ୍ର ଗ୍ରାଉଟିଂ ମେଘନାଦ ପାଚେରିରୁ ବର୍ଷେ ବି ସୁରକ୍ଷା ଦେଇପାରିଲା ନାହିଁ। ପୁଣି ୩ଟି ସ୍ଥାନରେ ଡ୍ରେନ୍ ପାଣି ଝରି ଶିଉଳି ଚରିଗଲାଣି। ଏନେଇ ଖବର ପ୍ରକାଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ଘଟଣାକୁ ଗୁରୁତ୍ୱର ସହ ନେଇଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ରବିବାର ମେଘନାଦ ପାଚେରିରୁ ପାଣି ଝରିବା ସମ୍ପର୍କରେ ପତ୍ରସଂଖ୍ୟା ୧୭୮୦୦ କ୍ରମେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି।

ଏହି ଚିଠିରେ ସେ ଉଲ୍ଲେଖ କରିଛନ୍ତି, ଗତବର୍ଷ ମେଘନାଦ ପାଚେରିରୁ ପାଣି ଝରିବା ସାମ୍ନାକୁ ଆସିଥିଲା। ସେତେବେଳେ ଏଏସ୍‌ଆଇ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ମରାମତି ତଥା ନିରାକରଣ ପାଇଁ ପଦକ୍ଷେପ ନେବାକୁ ଅବଗତ କରାଯାଇଥିଲା। ଏଏସ୍‌ଆଇ ମାର୍ଗଦର୍ଶନରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମରାମତି କରାଯାଇଥିଲା। କିନ୍ତୁ ପୁଣି ଥରେ ମେଘନାଦ ପାଚେରିରୁ ପାଣି ଝରିବା ସହ କିଛିଅଂଶ ସନ୍ତସନ୍ତିଆ ରହୁଛି। ଶ୍ରୀମନ୍ଦିର ସୁରକ୍ଷାର ସବୁଠାରୁ ଅନ୍ୟତମ ତଥା ଗୁରୁତ୍ୱପୂର୍ଣ୍ଣ ହେଲା ମେଘନାଦ ପାଚେରି। ତେଣୁ ଏହାର ସୁରକ୍ଷା ପାଇଁ ଏଏସ୍‌ଆଇ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବାକୁ ସେ ଚିଠି ମାଧ୍ୟମରେ ଜଣାଇଛନ୍ତି।

ବର୍ଷେ ବ୍ୟବଧାନ ପରେ ମେଘନାଦ ପାଚେରିର ୨/୩ ଜାଗାରୁ ପାଣି ଝରିବାରେ ଲାଗିଛି। ଗତବର୍ଷ ସମାନ ସ୍ଥିତି ନେଇ ଖବର ପ୍ରସାରଣ ପରେ ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମେଘନାଦ ପାଚେରିର ଶିଉଳି ଛଡ଼ାଯାଇ ଗ୍ରାଉଟିଂ ହେବାପରେ ପାଚେରିରେ ଥିବା ପଥର ଫାଟକୁ ଯୋଡ଼େଇ କରାଯାଇଥିଲା। ପୁନର୍ବାର ମେଘନାଦ ପାଚେରିରୁ ପାଣି ଝରିବା ଯୋଗୁ ଏହା ଦୁର୍ବଳ ହେବା ଆଶଙ୍କା କରି ଏଏସ୍‌ଆଇ ଏହାର ଜରୁରୀ ମରାମତି କରୁ ବୋଲି ସେବାୟତମାନେ କହିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ମେଘନାଦ ପାଚେରିରୁ ଶିଉଳିକୁ ଛଡ଼ାଯାଇଥିବା ବେଳେ ଏଏସ୍‌ଆଇ ସହିତ ଆଲୋଚନା କରି ଖୁବଶୀଘ୍ର ଏହାର ସ୍ଥାୟୀ ସଂରକ୍ଷଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପାଢ଼ୀ ସୂଚନା ଦେଇଥିଲେ। ଆନନ୍ଦ ବଜାର ଭିତରେ କେଉଁ ସ୍ଥାନରୁ ପାଣି ଆସି ମେଘନାଦ ପାଚେରିରୁ ଝରୁଛି, ତାହାର ଅନୁଧ୍ୟାନ କରାଯାଉଥିବା ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ ପାଢ଼ୀ କହିଛନ୍ତି। ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ମେଘନାଦ ପାଚେରିରୁ ପାଣି ବାହାରୁଥିବା ନେଇ ସୂଚନା ମିଳିବା ପରେ ପାଚେରି ନିକଟରେ ଶ୍ରୀମନ୍ଦିର ତରଫରୁ ଟେକ୍ନିକାଲ୍ ଟିମ୍ ପହଞ୍ଚି ମରାମତି ଜାରି ରହିଛି। ଏଏସ୍‌ଆଇଙ୍କ ତତ୍ତ୍ୱାବଧାନରେ କାମ କରାଯିବ ଯାହା କି ମରାମତି କରାଯିବାକୁ ଅଛି, ତାହା କରାଯାଉଛି ବୋଲି ଜିଲାପାଳ କହିଛନ୍ତି।

## ଭାଜପା ସମ୍ପର୍କରେ ଯିଏ ଅଛ, ଦଳ ଛାଡ଼ି ଚାଲିଯାଅ: ଭକ୍ତ

**ମୋକିମ୍‌ଙ୍କୁ ତେରଛା ବାଣ**

ଭୁବନେଶ୍ୱର,୧୪।୧୨(ରବିନାରାୟଣ ଜେନା)

କଂଗ୍ରେସର ନେତୃତ୍ୱ ପରିବର୍ତ୍ତନ ପ୍ରସଙ୍ଗରେ ରବିବାର ନୂଆ ଟୁଇଷ୍ଟ ଲୋକଲୋଚନକୁ ଆସିଛି। ଏହି ପ୍ରସଙ୍ଗରେ ଏକ ସପ୍ତାହ ଧରି ଚୁପ୍ ରହିଥିବା ପିସିସି ସଭାପତି ଭକ୍ତ ଚରଣ ଦାସ ମୁହଁ ଖୋଲିଛନ୍ତି। ଯଦିଓ ସେ ମୋକିମଙ୍କ ନାଁ ନେଇ ନାହାନ୍ତି, ତଥାପି ତାଙ୍କୁ ପରୋକ୍ଷରେ ଭାଜପାରେ ମିଶିବା ଲାଗି ତେରଛା ବାଣ ମାରିଛନ୍ତି।

ଭକ୍ତ କହିଛନ୍ତି, ଯିଏ ଭାଜପା ସମ୍ପର୍କରେ ଅଛନ୍ତି, ସେ ଦଳ ଛାଡ଼ି ଚାଲିଯିବା ଦରକାର। ଦେଶରେ କଂଗ୍ରେସକୁ ଆଗକୁ ନେବାପାଇଁ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖାର୍ଗେ ଏବଂ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ କଠିନ ପରିଶ୍ରମ କରୁଛନ୍ତି। ସେମାନଙ୍କ ନେତୃତ୍ୱରେ କଂଗ୍ରେସ ଏବେ ଆଗକୁ ବଢୁଥିବାବେଳେ ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇବା ଠିକ୍ ହୋଇନାହିଁ ବୋଲି ଭକ୍ତ କହିଛନ୍ତି।

ସୂଚନାଯୋଗ୍ୟ, ସର୍ବଭାରତୀୟ ଏବଂ ରାଜ୍ୟସ୍ତରରେ କଂଗ୍ରେସ ନେତୃତ୍ୱକୁ ନେଇ ପୂର୍ବତନ ବିଧାୟକ ମୋକିମ ଏଆଇସିସିର ପୂର୍ବତନ ସଭାନେତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ସୋନିଆ ଗାନ୍ଧୀଙ୍କୁ ଚଳିତମାସ ୮ରେ ପତ୍ର ଲେଖିଥିଲେ। ସେ ଦର୍ଶାଇଥିଲେ, କଂଗ୍ରେସ ସହିତ ମୋର ଦୀର୍ଘ ଦଶନ୍ଧି ଧରି ସମ୍ପର୍କ ରହି ଆସିଛି। ହେଲେ ରାଜ୍ୟରେ ଏବଂ ଦେଶରେ ଯେଉଁମାନଙ୍କୁ ଦଳର ମଙ୍ଗ ଧରାଯାଇଛି ସେମାନେ ବାସ୍ତବରେ ସେତେଟା ଦକ୍ଷ ନୁହନ୍ତି। ମୋକିମ ତାଙ୍କ ପତ୍ରରେ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ଭକ୍ତ, ରାହୁଲ ଏବଂ ଖାର୍ଗେଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ପ୍ରଶ୍ନ ଉଠାଇଥିଲେ।






“ତୁମେ ତୁମ ହୃଦୟ ମନକୁ ଶୁଦ୍ଧ କରିବା ଲାଗି କାର୍ଯ୍ୟ କରିବା ଉଚିତ। ଅନ୍ୟମାନେ କ’ଣ କରୁଛନ୍ତି, ନ କରୁଛନ୍ତି- ସେ ସମ୍ବନ୍ଧେ ମୁଣ୍ଡଖେଳାଇ ସମୟ ନଷ୍ଟ କରିବା ଅନାବଶ୍ୟକ। -ଶ୍ରୀମା

ସଫଳା ଏକାଦଶୀ
ଉପବାସ ଓ ହଳ ନିଷେଧ



# ବଣ୍ଡାଇ

ଅଷ୍ଟ୍ରେଲିଆର ବଣ୍ଡାଇ ବେଳାଭୂମିରେ ୧୪ ଡିସେମ୍ବରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୯ ଜଣ ଆହତ ହୋଇଛନ୍ତି। ଗୁଳି ଚଳାଇଥିବା ତିନି ବନ୍ଧୁକଧାରୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାରୁ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଫେରାର ଥିବା କୁହାଯାଉଛି। ଆକ୍ରମଣ ବେଳେ ବେଳାଭୂମିରେ ଇହୁଦୀମାନଙ୍କ ପର୍ବ ‘ହାନୁକ୍କା’ ଚାଲିଥିଲା। ଇହୁଦୀଙ୍କ କ୍ୟାଲେଣ୍ଡର ଅନୁଯାୟୀ ହିବ୍ରୁ ମାସରେ ୮ ଦିନ ଧରି ଏହି ଉତ୍ସବ ପାଳନ କରାଯାଇଥାଏ। ଚଳିତବର୍ଷ ଏହା ଡିସେମ୍ବର ୧୪ରୁ ଆରମ୍ଭ ହୋଇ ୨୨ ଯାଏ ଚାଲିବ ବୋଲି ସ୍ଥିର ହୋଇଥିଲା। ଉକ୍ତ ଧର୍ମୀୟ ଉତ୍ସବର ପ୍ରଥମ ଦିନରେ ବଣ୍ଡାଇ ବେଳାଭୂମିରେ ୧ ହଜାରରୁ ଊର୍ଦ୍ଧ୍ୱ ଇହୁଦୀ ଏକତ୍ରିତ ହୋଇଥିବା ବେଳେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। କୁହାଯାଉଛି ଇହୁଦୀମାନଙ୍କ ପ୍ରତି ଘୃଣାଭାବ ପ୍ରଦର୍ଶନପୂର୍ବକ ଏଭଳି ଆକ୍ରମଣ କରାଯାଇଛି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିଜ୍ ସମ୍ପୃକ୍ତ ଆକ୍ରମଣରେ ବିଦେଶୀ ଶକ୍ତିର ହାତ ଥିବା କହି ଇରାନ୍ ଆଡ଼କୁ ଇଙ୍ଗିତ କରିଛନ୍ତି। ସୂଚନା ଦିଆଯାଇପାରେ ଯେ, ୭ ଅକ୍ଟୋବର ୨୦୨୩ରୁ ଇସ୍ରାଏଲ ଓ ହମାସ ମଧ୍ୟରେ ଲାଗି ରହିଥିବା ଯୁଦ୍ଧରେ ଇରାନ୍ ଇହୁଦୀ ବିରୋଧୀ ମନ୍ତବ୍ୟ ଦେବା ସହ ହମାସକୁ ସାମରିକ ସହଯୋଗ ଯୋଗାଇଆସୁଛି। ଇସ୍ରାଏଲ-ହମାସ ଯୁଦ୍ଧ ସ୍ଥିତି ଉପରେ ଅଷ୍ଟ୍ରେଲିଆ ବିଭିନ୍ନ ସମୟରେ ଭିନ୍ନ ମତ ରଖି ଆସୁଥିବାରୁ ହମାସ ସପକ୍ଷବାଦୀ ରାଷ୍ଟ୍ର ପକ୍ଷରୁ ଏଭଳି ଆକ୍ରମଣ ହୋଇଥାଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ଚଳିତବର୍ଷ ଜୁଲାଇରେ ଅଷ୍ଟ୍ରେଲିଆ ପକ୍ଷରୁ କୁହାଯାଇଥିଲା ଯେ, ଗାଜାର ସ୍ଥିତି ଅତି ଶୋଚନୀୟ ହୋଇପଡ଼ିଛି ଏବଂ ଅଷ୍ଟ୍ରେଲିଆ ପାଇଁ ପ୍ରତିଟି ନିରୀହଙ୍କ ଜୀବନ ଗୁରୁତ୍ୱପୂର୍ଣ୍ଣ । ପୁଣି ଆଧୁନିକ ଇସ୍ରାଏଲ ରାଷ୍ଟ୍ର ଗଠନକୁ ଅଷ୍ଟ୍ରେଲିଆ ସମର୍ଥନ କରିଆସୁଥିବା କହିଥିଲା। ଗତ ଡିସେମ୍ବର ୪ରେ ଅଷ୍ଟ୍ରେଲିଆ ପୁଣି ତା’ର ମତ ପରିବର୍ତ୍ତନ କରି ଜାତିସଂଘର ଏକ ପ୍ରସ୍ତାବକୁ ସମର୍ଥନ କରିଥିଲା, ଯାହା ଦାବି କରିଥିଲା ଯେ ଇସ୍ରାଏଲ ଯଥାସମ୍ଭବ ଅଧିକୃତ ପାଲେଷ୍ଟାଇନ୍ ଅଞ୍ଚଳରେ ତା’ର ବେଆଇନ ଉପସ୍ଥିତିକୁ ସମାପ୍ତ କରୁ। ଏଥିରୁ ବୁଝିବାକୁ ହେବ ଯେ, କୌଣସି ପ୍ରସଙ୍ଗରେ ଏକ ଦେଶ ତା’ର ବୈଦେଶିକ ନୀତିକୁ ବାରମ୍ବାର ପରିବର୍ତ୍ତନ କରିଚାଲିଲେ ତାହା ଅନ୍ୟମାନଙ୍କ ବିଶ୍ୱାସ ହରାଇଥାଏ।

**ଆଜିର ପୃଥିବୀରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲୁଥିଲେ ମଧ୍ୟ ଅନ୍ୟ ରାଷ୍ଟ୍ରଗୁଡ଼ିକ ପ୍ରଭାବିତ ହୋଇଥାଆନ୍ତି, ତାହା ସାମରିକ ହେଉ ବା ଆର୍ଥିକ ଦୃଷ୍ଟିକୋଣରୁ। ଏବେ ଇସ୍‌ଲାମୀୟ ଜେହାଦୀଙ୍କ ଦ୍ୱାରା ଘଟାଯାଉଥିବା ହିଂସା ବିଶ୍ୱବ୍ୟାପୀ ହୋଇଗଲାଣି। ସେଥିପାଇଁ ପ୍ରତ୍ୟେକ ଦେଶକୁ ନିଜ ସୁରକ୍ଷା ସକାଶେ ସ୍ୱଷ୍ଟ ପଦକ୍ଷେପ ନେବାକୁ ହେବ। କୌଣସି ଦେଶର ବିଭାଜିତ କିମ୍ବା ଦୁର୍ବଳ ନେତୃତ୍ୱ ଜେହାଦୀ ଆକ୍ରମଣକୁ ନିମନ୍ତ୍ରଣ କରିଥାଏ। ମନେରଖିବାକୁ ହେବ ଯେ, ଆଜିର ପରିସ୍ଥିତିରେ ଇସ୍‌ଲାମୀୟ ଆତଙ୍କବାଦୀ ବିଦେଶରୁ ଆସିବା ଦରକାର ନାହିଁ।**

ଆଜିର ପୃଥିବୀରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲୁଥିଲେ ମଧ୍ୟ ଅନ୍ୟ ରାଷ୍ଟ୍ରଗୁଡ଼ିକ ପ୍ରଭାବିତ ହୋଇଥାଆନ୍ତି, ତାହା ସାମରିକ ହେଉ ବା ଆର୍ଥିକ ଦୃଷ୍ଟିକୋଣରୁ। ଏବେ ଇସ୍‌ଲାମୀୟ ଜେହାଦୀଙ୍କ ଦ୍ୱାରା ଘଟାଯାଉଥିବା ହିଂସା ବିଶ୍ୱବ୍ୟାପୀ ହୋଇଗଲାଣି। ସେଥିପାଇଁ ପ୍ରତ୍ୟେକ ଦେଶକୁ ନିଜ ସୁରକ୍ଷା ସକାଶେ ସ୍ୱଷ୍ଟ ପଦକ୍ଷେପ ନେବାକୁ ହେବ। କୌଣସି ଦେଶର ବିଭାଜିତ କିମ୍ବା ଦୁର୍ବଳ ନେତୃତ୍ୱ ଜେହାଦୀ ଆକ୍ରମଣକୁ ନିମନ୍ତ୍ରଣ କରିଥାଏ। ମନେରଖିବାକୁ ହେବ ଯେ, ଆଜିର ପରିସ୍ଥିତିରେ ଇସ୍‌ଲାମୀୟ ଆତଙ୍କବାଦୀ ବିଦେଶରୁ ଆସିବା ଦରକାର ନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୫ ଡିସେମ୍ବର ୧୯୭୬

- ଐତିହାସିକ ଦଲିଲଗୁଡ଼ିକର ସଂରକ୍ଷଣ କ୍ଷେତ୍ରରେ ସହଯୋଗ ରକ୍ଷାକରିବା ନିମନ୍ତେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ଏକ ଆଞ୍ଚଳିକ ସଂସ୍ଥା ଗଠନ କରାଯାଇଛି।
- ଦକ୍ଷିଣାଞ୍ଚଳର ମୁଖ୍ୟ କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ ଜେନେରାଲ ଓ.ପି. ମାଲହୋତ୍ରାଙ୍କୁ ସାମରିକ ବାହିନୀର ଉପମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 8 | 3 | | | | | |
| 4 | | 7 | | | | | | |
| | | | | 8 | | | | |
| | | | 4 | 1 | | | | |
| | | | 6 | | 3 | | | 7 |
| 5 | | | 8 | | | 6 | | 2 |
| | | | | | | | | 8 |
| 2 | 6 | 3 | | | | | 9 | |
| | | 1 | 7 | | 4 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 9 | 8 | 3 | 5 | 4 | 6 |
| 8 | 6 | 4 | 1 | 5 | 2 | 3 | 7 | 9 |
| 9 | 3 | 5 | 4 | 6 | 7 | 2 | 1 | 8 |
| 5 | 4 | 7 | 2 | 3 | 8 | 6 | 9 | 1 |
| 1 | 2 | 8 | 7 | 9 | 6 | 4 | 5 | 3 |
| 3 | 9 | 6 | 5 | 1 | 4 | 7 | 8 | 2 |
| 2 | 7 | 3 | 8 | 4 | 9 | 1 | 6 | 5 |
| 6 | 8 | 1 | 3 | 7 | 5 | 9 | 2 | 4 |
| 4 | 5 | 9 | 6 | 2 | 1 | 8 | 3 | 7 |

ଗତକାଲିର ଉତ୍ତର

# ଜିଜ୍ଞାସାର ମହାଯଜ୍ଞ



ଡ. ପ୍ରଫୁଲ୍ଲ କୁମାର ସାହୁ

ପୁସ୍ତକଟିଏ ପ୍ରକାଶ ପାଇଲେ ପୁସ୍ତକର ସ୍ରଷ୍ଟା ଚାହେଁ ତା’ର ବହୁଳ ପ୍ରସାରଣ। କାରଣ ବହି ଖାଲି ଲେଖିଦେଲେ ହେବନି, ତାହା ପଢ଼ାଯିବା ଦରକାର। ପଢ଼ିବା ପାଇଁ ପ୍ରସାରଣ ଜରୁରୀ।

ପୁସ୍ତକର ବିପଣନ ତଥା ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବାର ଏକ ମାଧ୍ୟମ ହେଉଛି ପୁସ୍ତକ ପ୍ରଦର୍ଶନୀ ବା ବହିମେଳା। ଏହା ଜ୍ଞାନ ପିପାସା ଓ ଜିଜ୍ଞାସାର ମହାଯଜ୍ଞ। ସାହିତ୍ୟ ସହ ପାଠକକୁ ଯୋଡ଼ିବା ନିମନ୍ତେ ଏକ ସାଂସ୍କୃତିକ ମେଳଣ। ସୁସ୍ଥ ସମାଜ ଗଠନ ପାଇଁ ପୁସ୍ତକ ଏକ ମୂଲ୍ୟବାନ୍ ପୁଞ୍ଜି। ତା’ର ପ୍ରସାରଣ ଉପରେ ନିର୍ଭରକରେ ଦେଶ ଜାତିର ବୌଦ୍ଧିକ ବିକାଶ। ଏହାକୁ ଦୃଷ୍ଟିରେ ରଖି ଆମ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜନ ହେଉଛି ପୁସ୍ତକ ପ୍ରଦର୍ଶନୀ।

ଆମ ରାଜ୍ୟରେ ପୁସ୍ତକ ପ୍ରଦର୍ଶନୀ କହିଲେ ଆଗେ ଭୁବନେଶ୍ୱର ପୁସ୍ତକମେଳାକୁ ବୁଝାଉଥିଲା, ଯାହା ୧୯୮୫ ଜୁନ୍ ୨ ତାରିଖରେ ଆରମ୍ଭ ହୋଇଥିଲା ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଓ ଲେଖକ ସାମ୍ମୁଖ୍ୟର ମିଳିତ ପ୍ରୟାସରେ। ଏହାର ଲୋକପ୍ରିୟତାକୁ ଦେଖି ପରବର୍ତ୍ତୀ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସଂଗଠନ ପକ୍ଷରୁ ଆୟୋଜନ ହେଲା ଛୋଟ ବଡ଼ ଅନେକ ପୁସ୍ତକମେଳା। କେବଳ ରାଜଧାନୀରେ ଭୁବନେଶ୍ୱର ପୁସ୍ତକ ମେଳା,ରାଜଧାନୀ ପୁସ୍ତକ ମେଳା (୨୦୦୦), କଳିଙ୍ଗ ପୁସ୍ତକମେଳା(୨୦୦୪), ଏକାମ୍ର ପୁସ୍ତକ ମେଳା (୨୦୧୧) ନାମରେ ଚାରିଟି ବଡ଼ ବଡ଼ ପୁସ୍ତକମେଳା ଆୟୋଜନ ହେଲା ଭିନ୍ନ ଭିନ୍ନ ସମୟରେ।

ରାଜଧାନୀର ଏହି ଚାରୋଟି ଯାକ ମେଳାକୁ ମିଶାଇ ଗୋଟିଏ ବିଶ୍ୱସ୍ତରୀୟ ପୁସ୍ତକମେଳା ଆୟୋଜନ ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଲେ (୨୦୧୮) ଏବଂ ତଦନୁଯାୟୀ ଓଡ଼ିଶା ପୁସ୍ତକ ପ୍ରକାଶନ ଓ ବିକ୍ରେତା ସଂଘର ସହଯୋଗରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ହେଲା ରାଜ୍ୟ ପୁସ୍ତକ ମହୋତ୍ସବର ପ୍ରଥମ ସଂସ୍କରଣ ‘ଅକ୍ଷର’- ୨୦୧୯। ସେହି କ୍ରମରେ ଏଥର ଗତ ୬ ତାରିଖରୁ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଛି ତା’ର ଷଷ୍ଠ ସଂସ୍କରଣ ପୁସ୍ତକ ମହୋତ୍ସବ -୨୦୨୫।

ପୁସ୍ତକ ମେଳା ହେଉଛି ଏକ ଜ୍ଞାନଯଜ୍ଞ,ଯାହା ଜ୍ଞାନ କର୍ମକୁ ଦେଖାଏ ଠିକ୍ ରାସ୍ତା। ପୁସ୍ତକ ମେଳାରେ ଦେଶ ବିଦେଶର ବହୁ ପ୍ରକାଶକ ଯୋଗଦିଅନ୍ତି ଏବଂ ଏଠାରେ ଉପଲବ୍ଧ ହୁଏ ସବୁ ବର୍ଗର ପାଠକଙ୍କ ପାଇଁ ଉପାଦେୟ ବହି, ଯାହା ଏକକାଳୀନ ମିଳିବା ସମ୍ଭବ ନୁହେଁ ବଡ଼ ବଡ଼ ବହି ଦୋକାନରେ। ପୁସ୍ତକ ମେଳାରେ ପ୍ରକାଶକଙ୍କ ପକ୍ଷରୁ ଅତିରିକ୍ତ ରିହାତି ଦିଆଯାଏ, ଯାହା ଗ୍ରାହକମାନଙ୍କ ପାଇଁ ବିଶେଷ ଆକର୍ଷଣ। ଏଥିସହ ଏଠାରେ ଗ୍ରାହକଙ୍କୁ ମିଳୁଥିବା ଅତିରିକ୍ତ ରିହାତି ମଧ୍ୟ ତା’ର ଏକ ବିଶେଷ ଆକର୍ଷଣ। କଥାରେ ଅଛି ଘୋର କୀର୍ତ୍ତନ ବେଳେ ମୂକ ବି ଆଁ କରିଦିଏ କିଛି ଗାଇବା ପ୍ରୟାସରେ। ହାତ ପାହାନ୍ତାରେ ଓ ରିହାତି ଦରରେ ଦୁର୍ଲଭ ବହି ଉପଲବ୍ଧ ହେଉଥିବାରୁ ନ କିଣିବା ଲୋକ ବି




ଇଚ୍ଛାକରେ ମନପସନ୍ଦର କିଛି ବହି କିଣିନେବା ପାଇଁ।

ଲେଖକ ଯେମିତି ଶବ୍ଦ ବିନ୍ଧାଣି, ପ୍ରକାଶକ ସେମିତି ଐତିହ୍ୟର ସଂରକ୍ଷକ। ପାଠକ ହେଉଛି ଲେଖକର ପ୍ରେରଣା। ଏହି ୩ ଜଣଙ୍କୁ ଏକାଠି କରିବା ପାଇଁ ପୁସ୍ତକମେଳା ଏକ ସାଂସ୍କୃତିକ ମେଳଣ। ଏହି ମେଳଣ ପ୍ରତି ଜିଜ୍ଞାସୁ ପାଠକର ଆକର୍ଷଣ ବେଶି। ବହିମେଳା ସମୟକୁ ସେ ଉତ୍କଣ୍ଠାର ସହ ଅପେକ୍ଷାକରି ରହିଥାଏ ମନପସନ୍ଦର ବହି କିଣିବା ପାଇଁ। ପୁସ୍ତକ ମେଳା ତାକୁ ଆଣିଦିଏ ଭାବ ବିନିମୟର ସୁଯୋଗ। ଏଠାରେ ପ୍ରକାଶକ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରିପାରେ ପାଠକ। ସାହିତ୍ୟ ପ୍ରତି ପାଠକକୁ ଆକର୍ଷିତକରିବା ଏବଂ ଏକ ସାହିତ୍ୟିକ ପରିବେଶ ମାଧ୍ୟମରେ ବୌଦ୍ଧିକ ଚେତନାର ପରିବର୍ତ୍ତନ ଆଣିବା ପୁସ୍ତକମେଳାର ପ୍ରଧାନ ଲକ୍ଷ୍ୟ। ତେଣୁ ଏଠାରେ ପ୍ରତିଦିନ ଆୟୋଜନ ହୁଏ ସାରସତ ଆସର। ଏ ଆସର କବିତାର, ଗଳ୍ପର, ଉପନ୍ୟାସର, ଆଲୋଚନା ଓ ପଠନର। ଏଠାକୁ ଆମନ୍ତ୍ରିତ ହୋଇଆସନ୍ତି ଲବ୍ଧ ପ୍ରତିଷ୍ଠିତ କବି,ଲେଖକ,ଗବେଷକ,ସମାଲୋଚକ, ସ୍ତମ୍ଭକାର ଓ ଭିନ୍ନଭିନ୍ନ କ୍ଷେତ୍ରରେ ପାରଦର୍ଶତା ଅର୍ଜନ କରିଥିବା ବିଶେଷଜ୍ଞମାନେ। ସାହିତ୍ୟମୁଖର ହୋଇଉଠେ ପୁସ୍ତକମେଳାର ପ୍ରତିଟି ସନ୍ଧ୍ୟା। ଭାଷା,ସାହିତ୍ୟ ଓ ସଂସ୍କୃତି ସମ୍ପର୍କିତ ଆଲୋଚନା ସାଙ୍ଗକୁ ଆୟୋଜିତ ହୁଏ କବିତାପାଠ, କବି ସମ୍ମିଳନୀ, ଶିଶୁମେଳା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ। ଗୋଟିଏ ମଞ୍ଚରେ ଲେଖକ,ପାଠକ, ପ୍ରକାଶକ,ବିକ୍ରେତା,ମୁଦ୍ରାକର, ଚିତ୍ରଶିଳ୍ପୀ ପ୍ରମୁଖ ଏକାଠି ହୋଇ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରନ୍ତି ଏବଂ ଖୋଜନ୍ତି ତା’ର ସମାଧାନର ସୂତ୍ର।

କେବଳ ସାହିତ୍ୟ ସମ୍ପର୍କିତ ସମସ୍ୟା ନୁହେଁ, ଆଲୋଚନା ହୁଏ ଏକ ବୃହତର ସମାଜ ସଂସ୍କୃତି କଥା। ପୁସ୍ତକ ମେଳା ସହ ଯୋଡ଼ିହୋଇ ରହିଛି ପୂଜ୍ୟପୂଜା ପରମ୍ପରା। ଏଠାରେ ବିଶିଷ୍ଟ କବି, ଲେଖକ, ପ୍ରକାଶକ ତଥା ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ, ସମ୍ମାନିତ କରିବା ସହ ଲୋକାର୍ପଣ ହୁଏ ଅନେକ ନୂଆ ନୂଆ ବହି। ଗାଁ ପରିମଳ ଧୋବା ତୁଠରୁ ନ୍ୟାୟରେ ପୁସ୍ତକ ମେଳାରୁ ଜାଣିହୁଏ ଗୋଟିଏ ବର୍ଷରେ ପ୍ରକାଶ ପାଉଥିବା ବହିର ପରିମାଣ ଏବଂ ପାଠକୀୟ ଆଦୃତିର ସ୍ତର। ସମ୍ପ୍ରତି ରାଜ୍ୟ ପୁସ୍ତକ ମହୋତ୍ସବକୁ ଦେଖିଲେ ମନେହୁଏ ଯେଉଁ ପରିମାଣରେ ଆଙ୍ଗିକ ଚାକଚକ୍ୟ ବଢ଼ିଛି, ସେହି ମାତ୍ରାରେ ବଢ଼ିଛି ଆତ୍ମାର ମଳିନତା। ପୁସ୍ତକ ପ୍ରକାଶନ ପରିମାଣ ଯଥେଷ୍ଟ ବୃଦ୍ଧି ପାଇଥିଲେ ବି ଅନ୍ଧାରି ଉପତ୍ୟକାରେ ହଜିଯାଇଛି ବହି ପଢ଼ିବାର ନିଶା। ଗୋଟିଏ ସମୟରେ ବହିପ୍ରେମୀଙ୍କୁ ଉଚ୍ଚାଟ କରୁଥିଲା ବହିର ବାସ୍ନା। ବହିଖଣ୍ଡେ ପାଇବା ମାତ୍ରେ ପଢ଼ା ନ ସରିବା ପର୍ଯ୍ୟନ୍ତ ଭୁଲିଯାଉଥିଲେ ଭୋକଶୋଷ। ଭ୍ରମଣରେ ଗଲାବେଳେ ସାଙ୍ଗରେ ନେଉଥିଲେ ବହି। ସେମାନଙ୍କ ପାଇଁ ବହି ଥିଲା ବଞ୍ଚିବାର ସଞ୍ଜୀବନୀ। ଏମିତି ଲେଖକ ବି ଥିଲେ, ତାଙ୍କର ପରବର୍ତ୍ତୀ ବହି ବଜାରକୁ କେବେ ଆସିବ ବୋଲି ବାରମ୍ବାର ପଚାରି ବୁଝୁଥିଲେ ପାଠକ।

ଏବେ ତ କବି ଓ ଲେଖକଙ୍କ ଥାଟପଟାଳି ମଧ୍ୟରେ ଗାଁରୁସହରଯାଏପ୍ରତିଦିନଲୋକାର୍ପଣଅସୁମାରିପୁସ୍ତକ। ଅଥଚ ବହି ପଢ଼ିବାର ନିଶା ଅନ୍ଧାରି ଉପତ୍ୟକାରେ।

ସବୁ ଖାଦ୍ୟ ରକ୍ତରେ ମିଶେନାହିଁ କି ସବୁ ସାରକୁ ଗ୍ରହଣ କରେନାହିଁ ଗଛ। ଠିକ୍ ସେମିତି ସବୁ ଲେଖା ପାଠକଙ୍କ ହୃଦୟରେ ସୃଷ୍ଟି କରିପାରେନି ଆଲୋଡ଼ନ। ଲେଖା ଯଦି ପାଠକ ମନକୁ ନ ଛୁଇଁବ,ସେ କେମିତି ଅନୁଭବ କରିବ ପଠନର ପଞ୍ଚାମୃତ ? ପଠନ ଅଭ୍ୟାସ କମିବାର ସବୁଠାରୁ ବଡ଼ କାରଣ ହେଉଛି ମନୋରଞ୍ଜନ ଓ ଜ୍ଞାନ ଆହରଣ କ୍ଷେତ୍ରରେ ଯୁବପିଢ଼ିର ପ୍ରଥମ ପସନ୍ଦ ଏବେ ଇଣ୍ଟରନେଟ୍। ସେମାନେ ଭୁଲିଯାଉଛନ୍ତି ପୁସ୍ତକ ଗର୍ଭିତ ଜ୍ଞାନ ଓ ଇଣ୍ଟରନେଟ୍‌ରୁ ମିଳୁଥିବା ସୂଚନା ମଧ୍ୟରେ ରହିଛି ଆକାଶ ପାତାଳ ଫରକ। ସେମାନେ ଜାଣିବା ଉଚିତ ଯେ ଇଣ୍ଟରନେଟ୍‌ରୁ ଯେଉଁ ତଥ୍ୟ ମିଳୁଛି, ତା’ର ତାତ୍ତ୍ୱିକ ଦିଗକୁ ଛୁଏଁ ପୁସ୍ତକ। ଗୁଗଲ ସର୍ଚ୍ଚକଲେ ମିଳିବ ରାମାୟଣ ସମ୍ପର୍କରେ ଅନେକ ତଥ୍ୟ। ମାତ୍ର

ରାମଚନ୍ଦ୍ର କାହିଁକି ମର୍ଯ୍ୟାଦା ପୁରୁଷ- ଏ ପ୍ରଶ୍ନର ଉତ୍ତର ନାହିଁ ଗୁଗଲ ପାଖରେ । ତା’ର ଉତ୍ତର ଜାଣିବା ପାଇଁ ପୁସ୍ତକ ଅଧ୍ୟୟନ କରିବାକୁ ପଡ଼ିବ, ଯେଉଁ ପୁସ୍ତକରେ ରହିଛି ବିଦ୍ୱାନମାନଙ୍କର ବିଚାର ଓ ମନନ। ସେଥିପାଇଁ କୁହାଯାଏ ଜୀବନକୁ ଜାଣିବା ପାଇଁ, ଜଗତକୁ ବୁଝିବାପାଇଁ ପୁସ୍ତକ ହିଁ ଜ୍ଞାନର ବତିଘର। ପୁସ୍ତକ ଅଧ୍ୟୟନ ଦ୍ୱାରା ଜିଜ୍ଞାସା ବଢ଼େ ଓ ଜାଗ୍ରତ ହୁଏ ଚେତନା। ତେଣୁ ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ପରିବାର ପାଇଁ ବହି ଏକ ଅମୂଲ୍ୟ ସମ୍ପଦ। ଯେଉଁ ପରିବାରରେ ବହି ନାହିଁ,ସେ ପରିବାର ଧନୀ ହେଲେ ବି ଅନୁନ୍ନତ । ସେ ଘର ଗୋଟେ ସୁରମ୍ୟ ଅଟ୍ଟାଳିକା ହୋଇପାରେ,ମାତ୍ର ତାହା ଗୋଟେ ଆତ୍ମା ବିହୀନ ଶରୀର ପରି। ଏହି ଦୃଷ୍ଟିରୁ ଯେଉଁ ଶିକ୍ଷିତମାନେ ବହି ପଢ଼ନ୍ତି ନାହିଁ ଓ ସାମର୍ଥ୍ୟ ଥାଇ ବି ବହି କିଣନ୍ତି ନାହିଁ,ସେମାନେ ଅଶିକ୍ଷିତ ଲୋକଙ୍କ ସହ ସମାନ। ମନେରଖିବାକୁ ହେବ ପଠନ ଅଭ୍ୟାସ କମିଗଲେ ସଙ୍କୁଚିତ ହୋଇଯାଏ ମଣିଷର ଦୃଷ୍ଟିକୋଣ। କମିକମି ଯାଏ ଭାବ ବ୍ୟକ୍ତ କରିବାର ସାମର୍ଥ୍ୟ। ସ୍ଥାଣୁ ହୋଇଯାଏ ଚିନ୍ତନ ପ୍ରକ୍ରିୟା।

**ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁ ପଟ୍ଟନାୟକ ନଗର
ମୋ: ୬୩୭୧୬୪୨୪୬୪**

# ଡଙ୍ଗରୁଣୀର ବାଟରେ ପ୍ରାଥମିକ ଶିକ୍ଷା



ଡ. ଚନ୍ଦନ କୁମାର ସିଂହ

ଆମ୍ବଗଛ ଭିତରୁ ଧୀରେ ଧୀରେ ଶୀତୁଆ ଖରା ପିଲାଙ୍କ ଉପରେ ଅଣେଇହୋଇ ଆସୁଥାଏ। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ର ନିର୍ଗୁଣ୍ଡି ଗାଆଁ। ଗାଆଁ ଭିତରୁ ପବନ କାନ୍ଦୁଲ ବାଡ଼ ଆଡ଼କୁ ମାଡ଼ି ଆସୁଥାଏ। ଦେହକୁ ଥଣ୍ଡା ଆଉ ଥଣ୍ଡା ଆଉଜି ପଡୁଥାଏ। ଖରା ଆଜି ନାହିଁ କହିଲେ ହେବ। ପବନର ମଗଜ ତେଣୁ ବହୁତ ବେଶି ଆମ୍ବଗଛ ତଳକୁ । ଆକାଶରେ ଧଳା ଧଳା ଖଣ୍ଡ ବଉଦ। ବଉଦ ସେପଟରେ ଡଙ୍ଗରର ମଥା ଦେଖାଯାଉଛି ନୁଖୁରା ନୁଖୁରା। ନିର୍ଗୁଣ୍ଡି ସ୍କୁଲ ପଛ କାନି କାନ୍ଦୁଲ ବାଡ଼, ସୂର୍ଯ୍ୟମୁଖୀ ବାଡ଼ ଆଉ କପା ବାଡ଼। ଏଥରକ ଜହ ଜହ ବର୍ଷା ହେବାରୁ କପା ଜୁରି (ପାକଳ ହେବା) ନାହିଁ। ସୂର୍ଯ୍ୟମୁଖୀ ଜୁରି ଗଲାଣି। ବଜାରରେ ଝୁଣ୍ଗୁଙ୍ଗ ମିଳିଲାଣି। କିଲୋପିଛା ରଙ୍ଗ ଝୁଣ୍ଗୁଙ୍ଗ ୫୦ଟଙ୍କା। କୁଇକନ୍ଧ କୁଳ ସମାଜରେ ମାଣ୍ଡିଆ, ଝୁଣ୍ଗୁଙ୍ଗ, କୋଳଥ, କୋଶଲା, ଜହ୍ନା, ସୁଆଁର ଭିତ୍ତିଭୂମି କେତେ କେତେ ଗହୀରକୁ ଭେଦିଯାଇଛି, ତାକୁ ଆକଳନ କରିବା ପାଠକର ପାଠ। ଏବେ ଏବେକୁ ବାଡ଼ା ଉପରେ ବି ଝୁଣ୍ଗୁଙ୍ଗ ଶୁଖି ଶୁଖି ଓହଳିଛି। ଲଇ ଝୁଣ୍ଗୁଙ୍ଗ ଭଜାହୁଏ, ଆଉ ଗୋଟେ ଝୁଣ୍ଗୁଙ୍ଗ ଡାଲି ହୁଏ। ମାଣ୍ଡିଆ ଜାଉରେ ବି ଝୁଣ୍ଗୁଙ୍ଗ ପଡ଼େ। ଏସବୁର ସୁଆଦ କେବଳ ନିଆରା ନୁହେଁ ଖୁବ୍ ବଳିଷ୍ଠ ଓ ସକ୍ରିୟ ମଧ୍ୟ। ଅଧକଂସେ ମାଣ୍ଡିଆ ଜାଉ ପିଇ ଦେଲେ ବେଳେ ଅଉତେ ପର୍ଯ୍ୟନ୍ତ କାମ ଚାଲିଯିବ। ଦେହକୁ ବାଧିବ ନାହିଁ ଖରାତରା। କୁଇକନ୍ଧ କୁଳ ସମାଜର ପ୍ରତି ପରିବାରର ସମସ୍ତେ ମାଣ୍ଡିଆର ଆହାରରେ ବନ୍ଧା। ସେଦିନ ନିର୍ଗୁଣ୍ଡି ଗାଆଁ ସ୍କୁଲ ପଛକାନିରେ କେଇଜଣ ପିଲା ଆମ୍ବଗଛ ଛାଇରେ ଆଙ୍କି ବସିଥିଲେ କାନ୍ଦୁଲବାଡ଼ର ପ୍ରତ୍ୟକ୍ଷ ଚିତ୍ର। ନିକଟରୁ ଦୂରହେଉଛି ପ୍ରାଥମିକ ଶିକ୍ଷାର ଏକ ଅନନ୍ୟ ପ୍ରସଙ୍ଗ। କାହିଁକିନା ଏହାରି ଭିତରେ ଜମାଟ ବାନ୍ଧିଥାଏ ପରିଚିତ ଶବ୍ଦ, ପରିଚିତ ଭାବନା, ପରିଚିତ ସଂଯୋଜନା, ପରିଚିତ ଭାବ ବିନିମୟ। ଏହାକୁ ମୂଳକରି ଧରିଲେ ଆଗକୁ ବଢ଼ିହୁଏ, ଭାଷା ବାଧକ ହୁଏ ନାହିଁ, ଭାଷା ଅଲୌକିକ ସମ୍ପଦର ସମ୍ବଳ ହୁଏ। ପ୍ରାଥମିକ ଶିକ୍ଷାରେ ଏହି ଅଲୌକିକ ଭୂଷଣ ହେଉଛି ଭାଷା। ଚାରିପାଖର ଭାଷା-ଛଟା। କୌଶଳ ଅପେକ୍ଷା ଭାବାବେଗ ଅଧିକ ଥାଏ। ଦେଖିବା ଓ ବୁଝିବା ଗୋଟିଏ ମନର ଦୁଇ କାନି ହୋଇରହିଥାନ୍ତି।

ଆମ୍ବଗଛ ତଳେ କାଠମଞ୍ଚା । ତା’ରି ଉପରେ ବସି କାନ୍ଦୁଲ ବାଡ଼କୁ ଆଖିପାଇ ଯାଉଥାଏ ପିଲାଙ୍କର। ଭାବନାରେ ବାଧା ନାହିଁ, କହିବାରେ ମଧ୍ୟ ବାଧା ନାହିଁ। ଭାଷା ନିଜର, ଭାବ ନିଜର ଚାରିପାଖର ପରିବେଶ ଆହୁରି ମଧ୍ୟ ନିଜର। ପ୍ରାଥମିକ ଶିକ୍ଷାରେ ଏହି ନିଜର ପଣଟି ଅମୂଳ ମୂଳ। ଏଥକୁ ହାତ, ମନ ଓ ମୁଣ୍ଡ ପାଇବା ସହଜ। ଦୂରକୁ ଯିବାକୁ ପଡ଼େ ନାହିଁ।



ପିଲାଏ ଆଙ୍କିଲେ କାନ୍ଦୁଲ ବାଡ଼ର ଛବି। ରଙ୍ଗ ଓ ତୂଳୀ ଧରି ନ ଥିବା ହାତ, ଖୁବ୍ ନିକଭାବରେ ପିଲାଙ୍କ ହାତକୁ ସଳଖି ଦେଲେ। ଯାହା ଥିଲା ତାକୁ ଦେଖିଲେ, ତାକୁ ମଧ୍ୟ ଆଙ୍କିଲେ। ଧଳା କାଗଜ ଉପରେ ଚିତ୍ରମାନ ଧୀରେ ଧୀରେ ଝଟକି ଉଠିଲେ। କାନ୍ଦୁଲଗଛର ମୂଳଠାରୁ ଆକାଶର ଖଣ୍ଡ ଖଣ୍ଡ ଧଳା ବଉଦ ଆହା କି ମନଲୋଭା ହୋଇ ଉଠିଲା। ପିଲାଙ୍କ ନଜରରୁ କିଛି ବି ହଟୁ ନ ଥିଲା ସେତେବେଳେ କାନ୍ଦୁଲବାଡ଼ର ଘାସଠାରୁ କୁମୁଡ଼ା (ବୋଇତାଳୁ) ମାଳ (ଡଙ୍କ ବା ଲଟି)। ଶୁଖିଲା ଝୁଣ୍ଗୁଙ୍ଗଠାରୁ କପାବାଡ଼ରେ ଉଡୁଥିବା ପ୍ରଜାପତି। ଏମାନେ ଧରାଦେଉଥିଲେ ପିଲାଙ୍କ ରଙ୍ଗରେ। ଶିକ୍ଷକଭାଇମାନଙ୍କର ଆଦୌ ହସ୍ତକ୍ଷେପ ନ ଥିଲା। ଥିଲା କେବଳ ଯତ୍‌ସାମାନ୍ୟ ପରାମର୍ଶ ରଙ୍ଗ ଓ ତୂଳୀର ବ୍ୟବହାରକୁ ନେଇ। ଫୁଲ କାହାର ବୋଲକଥା ନ ମାନି ଗଛରେ ବେଶ୍ ଫୁଟେ। ସେହିପରି କାନ୍ଦୁଲବାଡ଼ରେ ବି ଫୁଲ ଆସିଲା କାହାକୁ କିଛି ନ ଜଣାଇ। ପ୍ରାଥମିକ ଶିକ୍ଷାରେ ଫୁଲ ଫୁଟିବାର ନଜର ସେହିପରି। ସମସ୍ତଙ୍କ ଅଜାଣତରେ ଫୁଟି ଉଠୁଥାଏ। ଯେଉଁଠି ଶିକ୍ଷକ-ଭାଇ ସକ୍ରିୟ-ସହାୟକ ସେଠାରେ ଏହାକୁ ଅନ୍ଦାଜ କରିହୁଏ। କେହି ବି ପିଲା ଅଲୋଡ଼ା ହୁଅନ୍ତି ନାହିଁ। ‘ମୋ ହୃଦୟ ପିଲାଙ୍କ ପାଇଁ’ ଗ୍ରନ୍ଥ ଭାସିଲି ସୁଖୋମୋଲିନ୍‌ସ୍କିଙ୍କର ଅମର ଚାହାଣୀ ସେଥିପାଇଁ ସମସ୍ତଙ୍କ ଲାଗି। ଡଙ୍ଗରୁଣୀଠାରୁ କଥା ନେଇ ଶୁଖିଯାଇଥିବା ଲଇ ଝୁଣ୍ଗୁଙ୍ଗର ଚେହେରା ପର୍ଯ୍ୟନ୍ତ। ଆପଣ ଯେଉଁମାନେ ପରିଚୟ ପାଇ ନ ଥିବେ ଡଙ୍ଗରୁଣୀ ସେମାନଙ୍କ ଲାଗି ଏହା ନୂଆ ନୂଆ। ଡଙ୍ଗରୁଣୀ ବା କଟିଂ ହେଉଛି ଡାଲିଜାତୀୟ ଶସ୍ୟ। ଝୁଣ୍ଗୁଙ୍ଗ ଦାନା ପରି ସବୁଜ ଓ ହଳଦିଆ ରଙ୍ଗର ମିଶାମିଶି। ଡଙ୍ଗର କାନିରେ କାହାର ଆକଟ ନ ମାନି ଡଙ୍ଗର ପବନରେ ଡଙ୍ଗରର ଭସା ମେଘକୁ ଅନାଇ ଅନାଇ ବଢୁଥାଏ। ଡଙ୍ଗରୁଣୀର ଅମଳ ସମୟ ଏତିକିବେଳେ ମାର୍ଗଶିର ଓ ପୁଷମାସରେ। ତାକୁ ନା ଦିଆଯାଏ ସାର, ନା ଖତ, ନା ଆଉ କିଛି। ଆଦିବାସୀ ଜନ ସମୁଦାୟ ବିହନ ଛାଟିଦିଏ ଡଙ୍ଗର ଦିହରେ ପାଣିପାଗକୁ ନଜର ଦେଇ। ଡଙ୍ଗରୁଣୀ ସମସ୍ତଙ୍କ ନିକଟରେ ଖୁବ୍ ନିଜର। ଆମ ଗାଆଁ ସ୍କୁଲର ପ୍ରାଥମିକ ଶିକ୍ଷା ଏହି ଡଙ୍ଗରୁଣୀର ଛବି। କେବଳ ପିଲା ପାଇଁ ଯେତିକ ନୁହେଁ, ଆମ ସଭିଙ୍କ ଲାଗି ହେପାଜତର ପ୍ରସଙ୍ଗ। କାନ୍ଦୁଲବାଡ଼ ନିକଟରେ ପିଲାଏ ଡଙ୍ଗର କାନିକୁ ଖରା ଆସିବାବେଳକୁ ଆସିଯାଇଥିଲେ ; କାନ୍ଦୁଲବାଡ଼ ଅଙ୍କା ସରିଲା ବେଳକୁ ଡଙ୍ଗର ମଥାକୁ ଛୁଇଁଆସୁଥିଲେ ସୂର୍ଯ୍ୟ। ଚିତ୍ର ସିନା ସରି ଆସୁଥିଲା, ମାତ୍ର ମନ ସରୁ ନ ଥିଲା । ଡଙ୍ଗରୁଣୀର ଭାବନାରେ ପିଲାଏ ଥିଲେ ଏତେ ଏତେ ହସର ଗୋଟେ ଗୋଟେ ଉଚ୍ଛୁଳୁଥିବା ଝୁଡ଼ି।

**ବିଷମକଟକ, ରାୟଗଡ଼ା
ମୋ: ୮୨୪୯୬୫୭୭୭୮**

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ଥିବା ମଣିଷ ଲକ୍ଷ୍ୟ ହାସଲ ନ ହେବା ଯାଏ ଥକିଯାଏ ନାହିଁ। ସବୁ ବାଧା ଏପରିକି ସୁଯୋଗକୁ ମଧ୍ୟ ପଛକରି ସେଠାରେ ପହଞ୍ଚିଯାଆନ୍ତି ସେମାନେ। ଏମିତି ଜଣେ ମହିଳା ହେଉଛନ୍ତି ତୃପ୍ତି ଭଟ୍ଟ। ସେ ଭାରତୀୟ ପୋଲିସ ସେବା( ଆଇପିଏସ୍) ଅଧିକାରୀ ହେବା ପାଇଁ ଲକ୍ଷ୍ୟ ରଖି ତାହା ହାସଲ କରିଛନ୍ତି ଏବଂ ଏହା ପୂର୍ବରୁ ସେ ୧୬ଟି ସରକାରୀ ଚାକିରି ପାଇଁ ଯୋଗ୍ୟ ହୋଇ ସେସବୁକୁ ଛାଡ଼ିଛନ୍ତି। ଏପରିକି ୨୦୧୩ରେ ସେ ୟୁପିଏସ୍‌ସିରେ କୃତକାର୍ଯ୍ୟ ହୋଇ ଆଇଏଏସ୍ ପାଇଥିଲେ ମଧ୍ୟ ଆଇପିଏସ୍‌ରେ ଯୋଗଦେଇଥିଲେ। ତୃପ୍ତି ଏବେ ଡେରାଡୁନ୍‌ର ଏସ୍‌ପି( ଗୋଇନ୍ଦା ଓ ସୁରକ୍ଷା) ଅଛନ୍ତି। ତାଙ୍କ ସଫଳତା ପଛରେ ଏକ କାହାଣୀ ରହିଛି। ସେ ଯେତେବେଳେ ୯ମ ଶ୍ରେଣୀରେ ପଢୁଥିଲେ ସେତେବେଳେ ପୂର୍ବତନ ରାଷ୍ଟ୍ରପତି ଡ.ଏପିଜେ ଅବଦୁଲ କଲାମଙ୍କ ସହ ତାଙ୍କୁ ସାକ୍ଷାତ ହେବାର ସୁଯୋଗ ମିଳିଥିଲା। ଡ.କଲାମ ଏକ ହାତଲେଖା ଚିଠି ଦେଇଥିଲେ ଯାହା ତାଙ୍କୁ ଦେଶ ସେବା ଲାଗି ପ୍ରେରିତ କରିଥିଲା। ପରେ ସେ ଆଇପିଏସ୍ ଅଧିକାରୀ ହେବାକୁ ଚାହିଁଥିଲେ। କିନ୍ତୁ ତା’ପୂର୍ବରୁ ସେ ନିଯୁକ୍ତି ପାଇଁ ଯୋଗ୍ୟହୋଇ ଛାଡ଼ିଥିବା ସରକାରୀ ଚାକିରିରେ ଇସ୍ରୋର ଚାକିରି ମଧ୍ୟ ରହିଛି।

## ଚିରନ୍ତନୀ

ଆପେ ଶିଖି ଯେବେ ଫେରାଇବୁ ତୋର ମୁଖ
ବାଜିବ ଏ ବୁକେ ତିଳେକ ଦାରୁଣ ଦୁଃଖ
କିଛି ନୁହେ ବୋଲି ପୋଛିଦେବି ମୋର ଲୁହ
ନିମେଷକ ଲାଗି ହେବ ଏ ବଦନ ମୂକ ।
-(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତି ମହାମାରୀ

ମହାଶୟ,

କରୋନା ମହାମାରୀକୁ ଦମନ କରାଗଲା। ଯକ୍ଷ୍ମା ଭଳି ଅନେକ ଯନ୍ତ୍ରଣାଦାୟକ ରୋଗକୁ ମଧ୍ୟ ନିରାକରଣ କରାଯାଇଛି। ହେଲେ ଦୁର୍ନୀତି ମହାମାରୀ ଏପରି ରୋଗ, ତାକୁ ଦମନ କରାଯାଇପାରୁନାହିଁ। କେବଳ ଖଜୁରି ଗଛ ଗୁଣି ବାହୁନା ସାର ହେଉଛି। ପୂର୍ବେ କର୍ମଚାରୀମାନଙ୍କ ଦରମା କମ୍ ଥିଲା। ସେମାନେ ଆୟ ଦେଖି ବ୍ୟୟ କରିବାରେ ଅଭ୍ୟସ୍ତ ଥିଲେ। ସୀମିତ ସମ୍ବଳକୁ ଆଧାରକରି ପରିବାର ପୋଷଣ ପୂର୍ବକ ସୁଖରେ ଥିଲେ। ପରବର୍ତ୍ତୀ ସମୟରେ ଆଧୁନିକ ମାନସିକତା ଜାଗ୍ରତ ହେଲା। ନିଜ ଚଳଣିରେ ଅପୂର୍ବ, ଅହେତୁକ ପରିବର୍ତ୍ତନ ଘଟିବାକୁ ଲାଗିଲା। ଅର୍ଥାତ୍ ନିଜର ଆବଶ୍ୟକତା ପୂରଣ ପାଇଁ ଅଧିକ ଅର୍ଥର ଲୋଡ଼ା ପଡ଼ିଲା। ଅଧିକ ଅର୍ଥ ଉପାର୍ଜନ ପାଇଁ କେତେଜଣ ଲୋକ ଉପାୟମାନ ଚିନ୍ତାକଲେ। ଟେବୁଲ ତଳେ ହାତ ଗଳାଇବାଠାରୁ ଆରମ୍ଭକରି ନାନାଦି ଅସତ୍ ଉପାୟ ଅବଲମ୍ବନ ପୂର୍ବକ ମାଲାମାଲ ହୋଇଗଲେ। ଏପରିକି ଲୋକମାନଙ୍କ ମଧ୍ୟରେ ଏହି ଅସତ୍ ଉପାୟରେ ଅର୍ଥ ଉପାର୍ଜନକରି ବିଳାସବ୍ୟସନରେ ଜୀବନ ବିତାଇବା ଏକ ଶୈଳୀରେ ପରିଣତ ହୋଇଗଲା। ଏଥିରେ ସର୍ବସାଧାରଣ ସମ୍ପତ୍ତି ଲୁଟ୍ ହେଲା। ଅବଶ୍ୟ ଅନେକ ଦୁର୍ନୀତିଖୋର ଲୋକ ଜେଲଦଣ୍ଡ ଓ ଅର୍ଥଦଣ୍ଡରେ ଦଣ୍ଡିତ ହେଉଛନ୍ତି। ସେଥିମଧ୍ୟରୁ ଅନେକ ସମ୍ପତ୍ତି ମଧ୍ୟ ବାଜ୍ୟାପ୍ତି ହେଉଛି। ତଥାପି ରାଜ୍ୟରୁ ଦୁର୍ନୀତି ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧିପାଇବାରେ ଲାଗିଛି। ଘୋର ପରିତାପର ବିଷୟ, ବର୍ତ୍ତମାନ ସମୟରେ ଆଧୁନିକ ଉଚ୍ଚ ଶିକ୍ଷିତ ବ୍ୟକ୍ତି କର୍ମନିଯୁକ୍ତି ପାଉ ପାଉ ଦୁର୍ନୀତି ଉପାୟରେ ଅର୍ଥ ଉପାର୍ଜନ କରୁଥିବା ଖବର ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶ ପାଉଛି। ଜନସମାଜ କ’ଣ ଭବିଷ୍ୟତ ପିଢ଼ିଙ୍କଠାରୁ ଏପରି କାର୍ଯ୍ୟ ଆଶା କରୁଥିଲେ। ବୋଧହୁଏ ମହାପ୍ରଳୟ ପରେ ଏ ଦୁର୍ନୀତି ମହାମାରୀ ରୋଗର ଅବସାନ ଘଟିବ। ତଥାପି ଦୁର୍ନୀତି ହଟାଇବା ପାଇଁ ଏକ ବିପ୍ଳବର ଆବଶ୍ୟକତା ଅନୁଭୂତ ହୁଏ।

**-ମହେଶ୍ୱର ନାୟକ, ଦୋବନ୍ଧା, କେନ୍ଦ୍ରାପଡ଼ା**

### ଔଷଧ ସମସ୍ୟା ନ ହେଉ

ସରକାରୀ ଚିକିତ୍ସାଳୟରେ ନିରାମୟରେ ମିଳୁଥିବା ମାଗଣା ଔଷଧ ଦୁଇଶହ ରୋଗର ଔଷଧ ମଧ୍ୟରୁ ଅଶୀଟି ମିଳୁଛି। ଏଥିପ୍ରତି ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ଗୁରୁଦାୟିତ୍ୱ ରହିଛି। ଏପରିକି ରାଜ୍ୟ ତଥା ଅନ୍ୟ ରାଜ୍ୟରୁ ମାଗଣାରେ ଚିକିତ୍ସା ସହିତ ଔଷଧ ନେବାକୁ ଗରିବ ରୋଗୀମାନେ ଆସିଥା’ନ୍ତି। ଏଥିପ୍ରତି ମେଡିକାଲର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ। ଖୋଲାବଜାରରୁ ଔଷଧ କିଣିବାକୁ ପରାମର୍ଶ ଦେବା ଅନୁଚିତ। ପ୍ରତିକାର ବ୍ୟବସ୍ଥା ଜରୁରୀ।

**- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭାସମାନ ଇନ୍ଦ୍ରଧନୁର ମଜା ଉଠାଉଛନ୍ତି ପର୍ଯ୍ୟଟକ

## ଖଣ୍ଡାଧାର ଜଳପ୍ରପାତରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼

କେନ୍ଦୁଝର,୧୪।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ପର୍ଯ୍ୟଟନ ଋତୁର ଆଗମନକୁ ଦେଖି କେନ୍ଦୁଝର ଜିଲାରେ ଥିବା ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଆସି ଜଳପ୍ରପାତ ଓ ପର୍ଯ୍ୟଟନସ୍ଥଳ ବୁଲି ଦେଖିବା ସହ ଭୋଜିଭାତକରି ମଜା କରୁଛନ୍ତି। କେନ୍ଦୁଝର ଜିଲାରେ ଏବେ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସି ଆସିଥିଲେ ହେଁ ପର୍ଯ୍ୟଟକ ଶୀତର ମଜା ଉଠାଇବା ସହ ବଣଜଙ୍ଗଲ, ଘାଟି ରାସ୍ତା, ଜଳପ୍ରପାତ, ଜଳଭଣ୍ଡାର ଆଦି ବୁଲି ଦେଖୁଛନ୍ତି। ଏହା ମଧ୍ୟରେ ଖଣ୍ଡାଧାର ଜଳପ୍ରପାତରେ ଏବେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଉପରୁ ଖସୁଥିବା ପାଣିର ସ୍ରୋତରେ ଉତ୍ପନ୍ନ ହେଉଥିବା ଭାସମାନ ଇନ୍ଦ୍ରଧନୁ ଦେଖିବାକୁ ଏଠାରେ ପର୍ଯ୍ୟଟକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧିପାଉଛି। ପ୍ରକାଶ ଯେ, ଜଳପ୍ରପାତ କେନ୍ଦୁଝର ସହରଠାରୁ ପ୍ରାୟ ୬୦ କି.ମି. ଦୂରରେ ଅବସ୍ଥିତ। ଜଳପ୍ରପାତରେ ପ୍ରାୟ ୫୦୦ ଫୁଟ୍ ପାହାଡ଼ ଉପରୁ ଜଳରାଶି ଖସି ଆସି ଖଣ୍ଡା ସଦୃଶ ଦେଖାଯାଉଥିବାରୁ ଖଣ୍ଡାଧାର ନାମ ରହିଥିବା କୁହାଯାଉଛି। ଏହି ପାଣି ତଳକୁ ଖସି ପଥର ଦେହରେ ପିଟିହେଲେ ଜଳରାଶି ଚାରିଆଡ଼େ ବିସ୍ତୃତ ହୋଇ ପଡୁଥିବାରୁ ଏକ ନିଆରା ଦୃଶ୍ୟ ସୃଷ୍ଟି ହୋଇଥାଏ। ପାଣି ତଳକୁ ବୋହିଯାଇ ଉକ୍ତ ଅଞ୍ଚଳର କୃଷି କାର୍ଯ୍ୟ କରାଯିବା ସହ ଓ ଜୀବନରେଖା ଭାବରେ ପ୍ରତିପାଦିତ ହେଉଛି। ଏବେ ଜିଲାରେ ପ୍ରବଳ ଶୀତ ହେଉଥିଲେ ହେଁ ପର୍ଯ୍ୟଟକମାନେ ଜଳପ୍ରପାତର ଥଣ୍ଡା ପାଣିରେ ଗାଧୋଇବାର ମଜା ଉଠାଇବା ସହ ଜଳପ୍ରପାତ ଦ୍ୱାରା ସୃଷ୍ଟି ହେଉଥିବା କୁହୁଡ଼ିଆ ପରିବେଶ ଦେଖି ବିମୋହିତ ହେଉଛନ୍ତି। ପର୍ଯ୍ୟଟକମାନେ ବହୁ ଉଚ୍ଚରୁ ଖସି ଆସୁଥିବା ଜଳ ପାହାଡ଼ରେ ପିଟିହୋଇ ସୃଷ୍ଟି ହେଉଥିବା ଜଳକଣିକା ଓ ଏହା ଉପରେ ପଡୁଥିବା ତୀର୍ଯ୍ୟକ ସୂର୍ଯ୍ୟାଲୋକ ଯୋଗୁ ସୃଷ୍ଟି ହେଉଥିବା ଭାସମାନ ଇନ୍ଦ୍ରଧନୁର ଫଟୋ ଉଠାଇବା ସହ ସେଲ୍‌ଫି ନେଉଛନ୍ତି। ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ବହୁ ଦୂରରୁ ଦୃଶ୍ୟମାନ ହେଉଥିବା ଜଳପ୍ରପାତକୁ ପ୍ରକୃତିପ୍ରେମୀ ପାଖରେ ଦେଖି ଖୁସି ବ୍ୟକ୍ତ କରୁଛନ୍ତି। ଜିଲା, ଜିଲା ବାହାରୁ ଏପରିକି ପଶ୍ଚିମବଙ୍ଗ ସମେତ ପଡ଼ୋଶୀ ରାଜ୍ୟର ପର୍ଯ୍ୟଟକମାନେ ବୁଲିବାକୁ ଆସି ଏହାର ସୌନ୍ଦର୍ଯ୍ୟକୁ ଦେଖି ମୁଗ୍ଧ ହେଉଛନ୍ତି। ବିଭିନ୍ନ ପ୍ରକାର ଜୈବବିବିଧତା ସମ୍ପନ୍ନ ଖଣ୍ଡାଧାର ପାହାଡ଼ରେ ବହୁ ମୂଲ୍ୟବାନ୍ ବୃକ୍ଷଲତା, ଔଷଧୀୟ ଗୁଳ୍ମ, ବନ୍ୟପ୍ରାଣୀ ରହିଛନ୍ତି। ଏହା ମଧ୍ୟରେ ଜିଲାର ପୁରାତନ ଅନ୍ୟତମ ଜନଜାତି ଭୂୟାଁ ସମ୍ପ୍ରଦାୟର ଲୋକେ ମଧ୍ୟ ବସବାସ କରୁଛନ୍ତି। ଏହି ସ୍ଥାନରେ ଥିବା ଶିବମନ୍ଦିରରେ ମକର ସମୟରେ ମେଳା ବସେ। ଅନ୍ୟପକ୍ଷେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିଲେ ହେଁ ଗାଧୋଇବା ପରେ ପୋଷାକ ବଦଳାଇବା ଘର ନାହିଁ, ବିଦ୍ୟୁତ୍ ଆଲୋକ, ପାନୀୟଜଳ ସମସ୍ୟା ଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ କହିଛନ୍ତି, ପର୍ଯ୍ୟଟକଙ୍କ ସମସ୍ୟାକୁ ପ୍ରାଧାନ୍ୟ ଦେଇ ଏହାର ବିକାଶ କରାଯାଉଛି। ଏଠାକୁ ରାଜ୍ୟ ବାହାରୁ ପର୍ଯ୍ୟଟକ ଆସୁଥିବାରୁ ସେମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ସ୍ଥାନୀୟ ପୋଲିସ ତଥା ପ୍ରଶାସନ ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ସଂସ୍ଥା ତତ୍ପର ଅଛନ୍ତି।


ଜଳପ୍ରପାତରେ ସୃଷ୍ଟି ହୋଇଥିବା ଭାସମାନ ଇନ୍ଦ୍ରଧନୁ।

# କାର୍ଯ୍ୟାନୁଷ୍ଠାନ ନ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ବର୍ଦ୍ଧିତ ଦରମା ପାଇଁ ଚାକିରିରୁ ବିଦା ଘଟଣା

କେନ୍ଦୁଝର/ ହାଟଡିହି,୧୪।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଶୁଭକାନ୍ତ ନାୟକ)

ସରକାରୀ ରିଜୋଲ୍ୟୁସନ ଅନୁଯାୟୀ ବର୍ଦ୍ଧିତ ଦରମା ପାଇଁ ନିବେଦନ କରିବାରୁ କେନ୍ଦୁଝର ଡିଏମ୍‌ଏଫ୍ ଅଫିସରେ ୫ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ମୌଖିକ ଭାବେ ଚାକିରିରୁ ବିଦା କରାଯାଇଥିଲା। ଏନେଇ ଅଭିଯୋଗର ବିଚାର କରି କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। ବିଚାରପତି ବିରଜା ପ୍ରସନ୍ନ ଶତପଥୀ ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଇବାର ୪ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କ ଅଭିଯୋଗକୁ ବିଚାର କରିବା ପାଇଁ କେନ୍ଦୁଝର ଜିଲାପାଳଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ସୂଚନାଯୋଗ୍ୟ, ଡିଏମ୍‌ଏଫ ଅଫିସରେ ୧ ଜାନୁଆରୀ ୨୦୧୯ରୁ ରଞ୍ଜିତ କୁମାର ସାହୁ ମାସିକ ଦରମା ୧୯ ହଜାର ୯୫୬ ଟଙ୍କା ବିନିମୟରେ ଡିଇଓ ଭାବେ ଆଉଟସୋର୍ସିଂ ଏଜେନ୍ସି ଜରିଆରେ ନିଯୁକ୍ତି ପାଇଥିଲେ। ପରେ ଡିଏମ୍‌ଏଫ୍ ଅଫିସ ଚିଠି (ନଂ. ୨୧୬୩/୨୭ ଜୁଲାଇ ୨୦୨୩) ଅନୁସାରେ ସେହି ସମାନ ଦରମାରେ ତାଙ୍କୁ ଡିଇଓ କାର୍ଯ୍ୟ ସହ ଏମ୍‌ଆଇଏସ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଜିଏଡି ବିଭାଗର ରିଜୋଲ୍ୟୁସନ (ନଂ. ୭୩୮୨/୭ ମାର୍ଚ୍ଚ ୨୦୨୪ ଏବଂ ଚିଠି ନଂ. ୧୯୧୬୨/୪ ଜୁଲାଇ ୨୦୨୪) ଅନୁସାରେ ତାଙ୍କୁ ବର୍ଦ୍ଧିତ ଦରମା ବାବଦରେ ମାସିକ ୨୭ ହଜାର ୪୦୦ ଟଙ୍କା ମିଳିବା କଥା। କିନ୍ତୁ ମିଳି ନ ଥିଲା। ଫଳରେ ୨୭ ଅକ୍ଟୋବର ୨୦୨୫ରେ ବର୍ଦ୍ଧିତ ଦରମା ପ୍ରଦାନ ନିମନ୍ତେ ଡିଏମ୍‌ଏଫ୍ ସିଇଓଙ୍କୁ ଲିଖିତ ଭାବେ ନିବେଦନ କରିଥିଲେ। କିନ୍ତୁ ୧ ନଭେମ୍ବର ୨୦୨୫ରୁ ତାଙ୍କୁ ଚାକିରିରୁ ବିଦା କରାଗଲା ଏବଂ ଆଉ ଅଫିସ ଆସିବ ନାହିଁ ବୋଲି ଡିଏମ୍‌ଏଫ୍ ସିଇଓ ମୌଖିକ ଭାବେ ରଞ୍ଜିତଙ୍କୁ କହିଥିଲେ। ଏ ବାବଦରେ ରଞ୍ଜିତ ଜିଲାପାଳଙ୍କୁ ଲିଖିତ ଭାବେ ୨୬ ନଭେମ୍ବର ୨୦୨୫ରେ ଜଣାଇଥିଲେ। ଡିଏମ୍‌ଏଫ୍‌ରେ କୋଟି କୋଟି ଟଙ୍କାର ଦୁର୍ନୀତି ନେଇ ମାମଲା ହାଇକୋର୍ଟଙ୍କଠାରେ ବିଚାରାଧୀନ ରହିଛି। କେନ୍ଦୁଝର ଜିଲାର ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯାଉ ନ ଥିବା, ପୁରୁଣା କର୍ମଚାରୀଙ୍କୁ ବିଦା କରି ନୂଆ କର୍ମଚାରୀଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିଅନୁଦାନ ହେରଫେର୍ କରାଯାଉଥିବା ପରି ନାନା ଅଭିଯୋଗ ହୋଇଥିବା ବେଳେ ତାହା ମୁଖ୍ୟ ପ୍ରସଙ୍ଗ ସାଜିଛି। ଅଭିଯୋଗ ହେବା ପରେ ରାଜ୍ୟ ମୁଖ୍ୟ ଶାସନ ସଚିବ ରିପୋର୍ଟ ତଲବ କରିଛନ୍ତି।

# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଡେଙ୍କିକୋଟ,୧୪।୧୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଡେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ୨୨୦ ନଂ. ଜାତୀୟ ରାଜପଥ ଉପରେ ଶନିବାର ରାତି ୭ ଟା ୩୦ରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା ଅନ୍ତର୍ଗତ କୁମୁଳାବାହାଳି ଗ୍ରାମର ଉମାକାନ୍ତ ମହାନ୍ତଙ୍କ ପୁଅ ବୁଦ୍ଧାଧର ମହାନ୍ତ(୩୧)। ସେ ଡେଙ୍କିକୋଟ ସାପ୍ତାହିକ ହାଟରୁ ପରିବା ବିକ୍ରି କରି ଘରକୁ ଫେରୁଥିଲେ। ଜାତୀୟ ରାଜପଥ କଡ଼ରେ ବେଢ଼ା ଛକରେ ଭାରସାମ୍ୟ ହରାଇ ଏନ୍‌ଏଚ୍‌ଆଇ ତରଫରୁ ଲାଗିଥିବା ଏକ ବିଦ୍ୟୁତ ଖୁଣ୍ଟରେ ତାଙ୍କ ବାଇକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଡେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିଥିଲେ। ଘଟଗାଁ ଥାନାରେ ଏକ ମାମଲା(ନଂ.୫୯୧/୨୫) ରୁଜୁ ହୋଇଛି। ରବିବାର କେନ୍ଦୁଝର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ ଚାଲିଥିବା ପୋଲିସ ସୂଚନା ଦେଇଛି।

# ଆନନ୍ଦପୁର ବାଣିଜ୍ୟ ମହୋତ୍ସବ ଆରମ୍ଭ



ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଆନନ୍ଦପୁର,୧୪।୧୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଆନନ୍ଦପୁର ପ୍ରେସ୍‌କ୍ଲବ ପକ୍ଷରୁ ବାଣିଜ୍ୟ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରେସ୍ କ୍ଲବ୍ ସଭାପତି ନାରାୟଣ ଶାହୁଙ୍କ ସଭାପତିତ୍ୱରେ ମଶାଲ ଶୋଭାଯାତ୍ରା ଆନନ୍ଦପୁର ଆରାଧ୍ୟ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିରରେ ପୂଜା ପରେ ଆନନ୍ଦପୁର ଷ୍ଟାଡ଼ିୟମ ପଡ଼ିଆରେ ପହଞ୍ଚିଥିଲା। ମୁଖ୍ୟ ଅତିଥିଭାବେ ଘସିପୁରା ବିଧାୟକ ବଦ୍ରିନାରାୟ ପାତ୍ର, ସମ୍ମାନିତ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଫିତାକାଟି ବାଣିଜ୍ୟ ମେଳାକୁ ଉଦ୍‌ଘାଟନ କରିଥିଲେ। ପ୍ରେସ୍ କ୍ଲବ୍‌ର ବାଣିଜ୍ୟ ମହୋତ୍ସବର ସଭା କାର୍ଯ୍ୟକ୍ରମରେ ଆଧାମିକ ବାର୍ତ୍ତା ଦେଉଥିବା ଜିତୁ ଦାସ ବକ୍ତାଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମ୍ପାଦକ ସନ୍ତୋଷ ରାଉତ, ଉପଦେଷ୍ଟା ଶତ୍ରୁଘ୍ନ ସାହୁ, ଦିଲ୍ଲୀପ କୁମାର ମିଶ୍ର, ରାଜୀବ ଜେନା, ସ୍ୱପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ଅମିୟ ବରାଳଙ୍କ ସହ ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ସନ୍ଧ୍ୟା ସମୟରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା।

# ୩୪ ୟୁନିଟ୍ ରକ୍ତ ସଂଗୃହୀତ

ବଉଳା,୧୪।୧୨
(ଦୁର୍ଗା ପ୍ରସାଦ ଆୟତ)

କେନ୍ଦୁଝର ଜିଲା ହାଟଡିହି ବ୍ଲକ୍ ବାଙ୍ଗୋର ସମବାୟ ସମିତି କାର୍ଯ୍ୟାଳୟରେ ଏଡ୍‌ଭିଏସି ବ୍ୟାଙ୍କ ପକ୍ଷରୁ ବାଙ୍ଗୋର ସମବାୟ ସମିତି ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସମିତିର ସଭାପତି ବିଶ୍ୱଜିତ୍ ରାଉତ, ସମବାୟ ସମିତିର ସମ୍ପାଦକ ସୁଶାନ୍ତ ମହାରଣା, ବିକାଶ ସାହୁ, ଏଡ୍‌ଭିଏସି ବ୍ୟାଙ୍କର ଶିବ କୁମାର ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୩୪ ୟୁନିଟ୍ ରକ୍ତ ସଂଗୃହୀତ କରାଯାଇଥିଲା। ଆନନ୍ଦପୁର ମେଡ଼ିକାଲ ରକ୍ତ ଭଣ୍ଡାରର ଅଶୋକ କୁମାର, ରମାକାନ୍ତ ମହାନ୍ତି, ସଞ୍ଜିତା ଦେହୁରୀ, ପୂର୍ଣ୍ଣଚନ୍ଦ୍ର ମାଝୀ, ମଞ୍ଜୁଳି ସାହୁ, ଡ. ପ୍ରଭାତ ରଞ୍ଜନ ସିଂ ଉପସ୍ଥିତ ଥିଲେ। ସମିତିର ସମସ୍ତ କର୍ମଚାରୀ ଓ ସଦସ୍ୟ ସହଯୋଗ କରିଥିଲେ।

# ବନଦୁର୍ଗା ଷ୍ଟାର୍ କ୍ଲବ୍ ପକ୍ଷରୁ ଚାରାରୋପଣ



ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ଚାରାରୋପଣ କରୁଛନ୍ତି।

ବଞ୍ଚୋ,୧୪।୧୨(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ବନଦୁର୍ଗା ଷ୍ଟାର୍ କ୍ଲବ୍ ଆନୁକୂଲ୍ୟରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇ ପ୍ରଥମେ ଚାରାରୋପଣ କରିଥିଲେ। ପରେ ଅନ୍ୟ ସଦସ୍ୟମାନେ ଶତାଧିକ ଚାରାରୋପଣ କରିଥିଲେ। ଅନୁଷ୍ଠିତ ଆଲୋଚନା ସଭାରେ ଦିନକୁ ଦିନ ଜଙ୍ଗଲର ଦ୍ରୁତ ଅବକ୍ଷୟ, କଳ କାରଖାନା ବୃଦ୍ଧି ଓ ଯାନ ବାହାନର ଧୂଆଁ ଫଳରେ ପରିବେଶ ଅତ୍ୟନ୍ତ ଦୂଷିତ ହେଉଛି। ଏଣୁ ପ୍ରକୃତିର ଶନ୍ତୁଳନକୁ ରକ୍ଷା କରିବା ପାଇଁ ବ୍ୟାପକ ଚାରାରୋପଣ କରିବା ପାଇଁ ମୁଖ୍ୟ ଅତିଥି ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବନଦୁର୍ଗା ଷ୍ଟାର୍ କ୍ଲବର ସଭାପତି ଯଶୋବନ୍ତ ଦାସ, ସମ୍ପାଦକ ଶରତ ଚନ୍ଦ୍ର ପାତ୍ର, କାଉନ୍‌ସିଲର ଜ୍ୟୋସ୍ନାରାଣୀ ଖୁଣ୍ଟିଆ, ସରୋଜ ସାହୁ, ନାରାୟଣ ପାତ୍ର, ସମୀର ରଞ୍ଜନ ସାହୁ, ରଞ୍ଜନ ସାହୁ, ସୁଧାକର ପାତ୍ର, ଶିବାନନ୍ଦ ପାତ୍ର, ପିଣ୍ଟୁ ପାତ୍ର, ଦୀପକ ପାତ୍ର, ଅମୂଲ୍ୟ ମୁଖୀ, ଦେବବ୍ରତ ଜେନା, ରାଜେନ୍ଦ୍ର ଜେନା, ବିଶ୍ୱଜିତ୍ ଜେନା, ଦୀପୁ ପାତ୍ର, କୈଳାଶ ଚନ୍ଦ୍ର ପାତ୍ର, ଗୁଲୁ ଦାଶ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

# ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଚମ୍ପୁଆ,୧୪।୧୨(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ତାଲୁକ ଆଇନ ସେବା କମିଟି ପକ୍ଷରୁ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ପ୍ରଣୟ ଦାସଙ୍କ ଅଧ୍ୟକ୍ଷତାରେ ସବ୍‌ଜଜ୍ ଜିତେନ୍ଦ୍ର ଦାସ, ଏସ୍‌ଡିଜେଏମ୍ ଦୀପକ ସାହୁଥା, ଜେଏମ୍‌ଏଫ୍‌ସି ସୁଶ୍ରୀ ସୁସ୍ମିତା ମିଶ୍ର ଯୋଗଦେଇଥିଲେ। କୋର୍ଟରେ ବିଚାରାଧୀନ ଥିବା ଗୋଟିଏ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ କେସ ବାବଦକୁ ୯ ଲକ୍ଷ ୫୦ ହଜାର ଟଙ୍କା ପକ୍ଷଙ୍କୁ କ୍ଷତିପୂରଣ ରାଶି ବାବଦରେ ପ୍ରଦାନ କରାଯିବା ସହିତ ୩ ଗୋଟି ଏନ୍‌ଆଇ ଆକ୍ଟ ମାମଲାରୁ ୩ ଲକ୍ଷ ୨୫ ହଜାର ଟଙ୍କା, ୪ ଗୋଟି ବ୍ୟାଙ୍କ ମାମଲାରୁ ୭ ଲକ୍ଷ ୯୪ ହଜାର ୫ ଶହ ୬୯ ଟଙ୍କା ୫୯ ପଇସା, ୪ ଗୋଟି ସିଏମ୍‌ସି କେସ୍‌ରୁ ୧ ଲକ୍ଷ ୧ ହଜାର ୬ ଶହ ଟଙ୍କା ଆଦାୟ କରାଯାଇଥିଲା। ୧୦୯ ଗୋଟି ମାମଲାରୁ ୧୪ ଗୋଟି ମାମଲାର ଫଇସଲା କରାଯାଇ ୩୧ ଲକ୍ଷ ୭୧ ହଜାର ୧ ଶହ ୬୨ ଟଙ୍କା ୫୯ ପଇସା ଆଦାୟ କରାଯାଇଥିଲା। କମିଟି ସହକାରୀ ଅବକୁଲ ସୁରଜ ଖାନ ପରିଚାଳନା କରିଥିଲେ।

# ଶିଶୁ ବିଦ୍ୟାମନ୍ଦିର ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ




ପାଟଣା,୧୪।୧୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅନ୍ତର୍ଗତ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର (ସପ୍ତଶକ୍ତି ସଙ୍ଗମ)ନାରୀଙ୍କ ସାତଶକ୍ତିଙ୍କୁ ଜାଗ୍ରତ କରିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅଭିଭାବିକାଙ୍କ ସହ ବିଭିନ୍ନ ବର୍ଗର ମହିଳା ସାମିଲ ହୋଇଥିଲେ। ଆୟୋଜିତ ସଭାରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଦେବେକି ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ମାତୃ ଭାରତୀର ସଭାପତି ସଂଘମିତ୍ରା ସାହୁ, ମୁଖ୍ୟ ବକ୍ତାଭାବେ ଗାୟତ୍ରୀ ପରିବାର ସଦସ୍ୟା ସନ୍ଧ୍ୟାରାଣୀ ସାହୁ, ସମ୍ମାନିତ ଅତିଥିଭାବେ ପୂର୍ବତନ ପରିଚାଳନା ସମିତିର ସହ ସମ୍ପାଦିକା କୁନ୍ତଳା ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଭାଗବତ ଗୀତାର ଦଶମ ଅଧ୍ୟାୟ ୩୪ ନମ୍ବର ଶ୍ଳୋକରେ ଥିବା ନାରୀଙ୍କ ୭ଟି ଗୁଣ କୀର୍ତ୍ତି, ଶ୍ରୀ ବାଣୀ, ସ୍ମୃତି, ମେଧାଧୃତି, କ୍ଷମାର ବିକାଶ ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ପଦ୍ମାଳୟା ମିଶ୍ର ଅତିଥିଙ୍କ ପରିଚୟ କରିଥିବା ବେଳେ ବିଦ୍ୟାଳୟର ଆଚାର୍ଯ୍ୟା ସଂଯୁକ୍ତା ପ୍ରହରାଜ ମଂଚସଂଯୋଜନା ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଅଚାର୍ଯ୍ୟ, ଆଚାର୍ଯ୍ୟା, ସେବକ, ସେବିକା ଓ ମାତୃଭାରତୀର ମାଆମାନେ ସହଯୋଗ କରିଥିଲେ।


## ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି

### ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍

### ପରିବେଶ ମଞ୍ଜୁରୀ

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଓଡ଼ିଶା, ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ମୌଜା- ରଘୁନାଥପୁର, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାରେ ଅବସ୍ଥିତ ପ୍ଲଟ୍ ନଂ.- ୨୧୫୯/୨୫୮୨ ଏବଂ ୫୦ଟି ଅନ୍ୟାନ୍ୟ ପ୍ଲଟ୍ ଏବଂ ଖାତା ନଂ.- ୭୨୯/୧୦୨୪ ଓ ୩୫ଟି ଅନ୍ୟାନ୍ୟ ଖାତା ଉପରେ ନିର୍ମିତ ହେଉଥିବା "ଇଭୋସ୍ ଆଲ୍‌କେମୀ" ନାମ ଓ ଶୈଳୀର ଗ୍ରୁପ୍ ହାଉସିଂ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଇସି ଚିହ୍ନଟୀକରଣ ସଂଖ୍ୟା: ଇସି୨୩ବି୦୩୯ଓଆର୍୧୯୨୧୨୩ (EC23B039OR192123), ତା୨୬।୦୯।୨୦୨୩ରିଖ ଅଧୀନରେ ପରିବେଶ ମଞ୍ଜୁରୀର ନକଲ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ରେ ଉପଲବ୍ଧ ଏବଂ ତାହାକୁ ପ୍ରାଧିକରଣ/ବୋର୍ଡର ୱେବ୍‌ସାଇଟ୍‌ରେ ମଧ୍ୟ ଦେଖାଯାଇପାରିବ।

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଇଆଇଏ ନୋଟିଫିକେସନ୍, ୨୦୦୬ ଅନୁସାରେ ଉପରୋକ୍ତ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍
କଳିଙ୍ଗ କେଶରୀ ରଥ (ପରିଚାଳନା ନିର୍ଦ୍ଦେଶକ)
ପ୍ରାଧିକୃତ ସ୍ୱାକ୍ଷରକର୍ତ୍ତା


# ୨ ପଞ୍ଚାୟତରେ ଶୀତବସ୍ତ୍ର ବଣ୍ଟନ

ଆନନ୍ଦପୁର,୧୪।୧୨
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲାର ଯୁବ ଭାଜପା ନେତା ଯଜ୍ଞ ପ୍ରସାଦ ସାହୁ ତାଙ୍କ ଜନ୍ମ ଦିନରେ ରବିବାର ଘସିପୁରା ବ୍ଲକର ସାଇଁକୁଲ ଓ ଖଲଣା ପଞ୍ଚାୟତରେ ଶୀତବସ୍ତ୍ର ବିତରଣ କରିଛନ୍ତି। ୨ ପଞ୍ଚାୟତରେ ୧୨୭ ଜଣ ଦିବ୍ୟାଙ୍ଗ, ବୃଦ୍ଧାବୃଦ୍ଧ ଓ ବିଧବାଙ୍କୁ କମ୍ବଳ ସହଯୋଗ କରିଛନ୍ତି। ବ୍ରହ୍ମାନନ୍ଦ ସାମନ୍ତ, କଳାକାର ସାହୁଙ୍କ ତତ୍ତ୍ୱାବଧାନରେ ସାଇଁକୁଲ ପଞ୍ଚାୟତରେ ଗରିବ ଲୋକଙ୍କୁ ଏହି ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଖଲଣା ପଞ୍ଚାୟତରେ ଚୈତନ୍ୟ ରାଉତ, ସୁଚିତ୍ର ମାଝୀ, ଖଗେଶ୍ୱର ମନ୍ତ୍ରୀ, ଗୁଣନିଧି ମାଝୀଙ୍କ ତତ୍ତ୍ୱାବଧାନରେ ଅସହାୟଙ୍କୁ ସହଯୋଗ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ଜେନା, ଯୁବ ସାମାଜିକକର୍ମୀ ଦେବାଶିଷ ମହାକୁଡ଼ ଉପସ୍ଥିତ ଥିଲେ।

# ଚନ୍ଦକା ଯତ୍ନକେନ୍ଦ୍ରକୁ ଗଲା ହାତୀଛୁଆ

## ହାତୀକୁ ମା', ହାତୀପଲ ଗ୍ରହଣ କରୁ ନ ଥିବା ଘଟଣା

କେନ୍ଦୁଝର,୧୪।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପିଡ଼ ରେଞ୍ଜରୁ ଉଦ୍ଧାର ହାତୀଛୁଆ ରବିବାର ଚନ୍ଦକା ହାତୀ ଯତ୍ନକେନ୍ଦ୍ରକୁ ପଠାଯାଇଛି। ଉଦ୍ଧାର ପରେ ହାତୀଛୁଆକୁ ବନ ବିଭାଗ ପକ୍ଷରୁ ପଦ୍ମପୁର ହାତୀଛୁଆ ଉଦ୍ଧାର କେନ୍ଦ୍ରରେ ରଖାଯାଇଥିଲା। ପିସିସିଏଫ୍‌ଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଗାଡ଼ିରେ ଚନ୍ଦକା ପଠାଯାଇଛି। ସାଥିରେ ବିଶେଷଜ୍ଞ ଡାକ୍ତରୀ ଦଳ ସହ ବନ ଅଧିକାରୀ ଯାଇଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ହାତୀଛୁଆଟି ୧୨ ଦିନ ପୂର୍ବେ ଭୂୟାଁ ଜୁଆଙ୍ଗ ପିଡ଼ ରେଞ୍ଜର ସୁଆକାଟି ସେକ୍ସନ ଅନ୍ତର୍ଗତ ଗୁଲାଡାଲା ଗ୍ରାମ ନିକଟ ଜଙ୍ଗଲରୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ପରେ ବନ ବିଭାଗ ପକ୍ଷରୁ ମା' ସହ ମିଶାଇବା ଉଦ୍ୟମ କରାଯାଇଥିଲା। ମାତ୍ର ବାରମ୍ବାର ପ୍ରୟାସ ପରେ ମଧ୍ୟ ହାତୀପଲ, ମା' ଛୁଆକୁ ଗ୍ରହଣ କରି ନ ଥିଲେ। ନିରାଶ ହୋଇ ବନ ବିଭାଗ ପକ୍ଷରୁ ହାତୀଛୁଆକୁ କେନ୍ଦୁଝର ବନ ବିଭାଗ ସଦର ବ୍ଲକ୍ ପଦ୍ମପୁର ହାତୀ ଉଦ୍ଧାର କେନ୍ଦ୍ରରେ ରଖାଯାଇ ଲାଳନପାଳନ କରାଯାଉଥିଲା। ପିସିସିଏଫ (ବନ୍ୟପ୍ରାଣୀ)ଙ୍କ ନିର୍ଦ୍ଦେଶ କ୍ରମେ ରବିବାର ସକାଳେ ପଦ୍ମପୁର ଉଦ୍ଧାର କେନ୍ଦ୍ରରୁ ଚନ୍ଦକା ହାତୀ ଯତ୍ନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ହାତୀଛୁଆଟି ସୁସ୍ଥ ଅଛି ଏବଂ ଇଇଏନ୍‌ଡି ଭାଇରସ ପାଇଁ ପରୀକ୍ଷଣରେ ନେଗେଟିଭ ଆସିଛି। ହାତୀଛୁଆକୁ ଏକ ସ୍ୱତନ୍ତ୍ର ପରିବହନ ଯାନ'ଙ୍କ୍ କୁଙ୍କର'ରେ ଭୂୟାଁ ଜୁଆଙ୍ଗ ପିଡ଼ ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁଙ୍କ ନେତୃତ୍ୱରେ ସ୍ଥାନାନ୍ତର କରାଯାଇଛି। ତାଙ୍କ ସହିତ ପ୍ରାଣୀ ଚିକିତ୍ସକଙ୍କ ଏକ ଦଳ, ଏକ ଏସ୍କର୍ଟ ଯାନ 'ରକ୍ଷକ' ଯାଉଛନ୍ତି। ସାମାଜିକ ପାଳନ ଏବଂ ସ୍ୱାସ୍ଥ୍ୟ ପରିଚାଳନା ପାଇଁ ନିର୍ଦ୍ଧାରିତ ପ୍ରୋଟୋକଲ ଅନୁସରଣ କରି ସ୍ଥାନାନ୍ତରିତ କରାଯାଇଥିବା ଡିଏଫ୍‌ଓ ଧନରାଜ ଏଡ଼ି ସୂଚନା ଦେଇଛନ୍ତି।


ସ୍ୱତନ୍ତ୍ର ଗାଡ଼ିରେ ହାତୀଛୁଆକୁ ନିଆଯାଉଛି।


## EKLAVYA MODEL RESIDENTIAL SCHOOL, KUCHINDA

DIST.-SAMBALPUR-768222 (ODISHA)
Email: emrskuchinda2018@gmail.com
Website: https://emrskuchinda.com

### TENDER NOTICE

Notice No. : 759 Date: 12.12.2025

Sealed tenders are invited from reputed and experienced manpower service providers/ firms/ agencies for **outsourcing of manpower** skilled/unskilled (e.g., 2 Security Guards, 5 Sweepers, 1 Gardener, 1 Female Cook, 1 Male Cook, 1 Peon.) for **EKLAVYA MODEL RESIDENTIAL SCHOOL, KUCHINDA** as per the requirements of the authority for a period of one year which may be extended based on performance.

- Registered with appropriate government authorities (e.g., Labour Department, EPF, ESI, GST)
- Minimum 03 years of experience in similar field
- Should not have been blacklisted by any Govt./PSU Organization

The tender document containing terms and conditions can be obtained from the office of the undersigned by downloaded from the website: https://emrskuchinda.com **from** 15.12.2025 to 30.12.2025.

The Technical & Financial bids in sealed envelopes are to be submitted in the sealed box kept in the office within the time 9:00 AM to 4:00 PM on the working days.

- Last date and time for submission : **30.12.2025, up to 4.00 PM.**
- Tender opening date : **06.01.2026 at 10.00 AM**
- Place of submission and opening : **EMRS, KUCHINDA PREMISES**

The undersigned reserves the right to reject any or all tenders without assigning any reason thereof.

Sd/- PRINCIPAL
EMRS, KUCHINDA

# ବିଦ୍ୟାଳୟରେ ପୂଜ୍ୟପୂଜା ଉତ୍ସବ

ବାସୁଦେବପୁର,୧୪।୧୨(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ପଞ୍ଚାୟତର ରାସବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ପୁରାତନ ଛାତ୍ରସଂସଦ ପକ୍ଷରୁ ଗୁରୁ ପୂଜନ ଓ ପୂଜ୍ୟପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୁରାତନ ଛାତ୍ରସଂସଦର ସଭାପତି ସୁଦର୍ଶନ ଅଗସ୍ତି ଓ ସମ୍ପାଦକ ଦୟାନିଧି ନାୟକ ଦିବଂଗତ ଗୁରୁମାନଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟଅତିଥି ଭାବେ ବାଇଚଢ଼େଇର ସମ୍ପାଦକ ବିକାଶ ଶତପଥୀ ଓ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଦାନନ୍ଦ ପାଣିଗ୍ରାହୀ ଯୋଗଦେଇଥିଲେ। ପୁରାତନ ଛାତ୍ରସଂସଦର ମାନଗୋବିନ୍ଦ ଦାଶ, ସନାତନ ପାଣିଗ୍ରାହୀ, ମନ୍ମଥ ଅଗସ୍ତି, ଅଧ୍ୟାପକ ବ୍ରଜମୋହନ ଦାଶ, ସତ୍ୟସୁନ୍ଦର ମଲ୍ଲିକ, ସରସ୍ୱତୀ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଚଳିତବର୍ଷ ଦଶମ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ନୂତନ ପ୍ରଭା ବେହେରା ଓ ଅନୁସୟା ଦାଶଙ୍କୁ କୁନା ପାଳ ମେଧା ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା

# ୨ବର୍ଷରେ ୧୧୫ ନୂତନ ହିତାଧିକାରୀ

## ତିହିଡ଼ିରେ ଗାଈ, ମଇଁଷି ପାଳନ ପ୍ରତି ବଢ଼ିଛି ଆଗ୍ରହ

ତିହିଡ଼ି,୧୪।୧୨(ସଞ୍ଜିତ ବଳ)

ଗ୍ରାମାଞ୍ଚଳରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ହିତାଧିକାରୀମାନଙ୍କ ପାଇଁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ଗତ ୨ବର୍ଷ ମଧ୍ୟରେ ତିହିଡ଼ି ବ୍ଲକରେ ଉଭୟ ଗାଈ ଓ ମଇଁଷି ପାଳନ କ୍ଷେତ୍ରରେ ୧୧୫ଜଣ ନୂତନ ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏଥିରୁ ବ୍ଲକରେ ଗାଈ ଓ ମଇଁଷି ପାଳନ ପ୍ରତି ଲୋକଙ୍କର ଆଗ୍ରହ ବଢ଼ିଥିବା ଜଣାପଡ଼ିଛି। ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ଅଧିକ ୭୦ଜଣ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଜଣାପଡ଼ିଛି।

ଗ୍ରାମାଞ୍ଚଳରେ ଗାଈ ଓ ମଇଁଷି ପାଳନ ପାଇଁ ଲୋକେ ଆଗ୍ରହ ପ୍ରକାଶ କରୁ ନ ଥିଲେ। ଉପଯୁକ୍ତ ଚିକିତ୍ସାର ଅଭାବ, ଚାରଣ ଭୂଇଁ କମିଯିବା, ଲୋକଙ୍କ ବ୍ୟସ୍ତବହୁଳ ଜୀବନ ଇତ୍ୟାଦି ବିଭିନ୍ନ ସମସ୍ୟା ଏହି ପ୍ରାଣୀ ପାଳନ କ୍ଷେତ୍ରରେ ଅନ୍ତରାୟ ହୋଇଥିଲା। ଫଳରେ ତିହିଡ଼ି ବ୍ଲକରେ ଏହି ଯୋଜନା ଆରମ୍ଭର ୧୦ବର୍ଷ ମଧ୍ୟରେ ଗାଈ ଓ ମଇଁଷି ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇଥିଲା। ଏହାଦ୍ୱାରା ଦୁଗ୍ଧ ଉତ୍ପାଦନ ମଧ୍ୟ ଯଥେଷ୍ଟ କମିଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ ହେବା ପରେ ଗାଈ ଓ ମଇଁଷି ସଂଖ୍ୟା ବୃଦ୍ଧି ପାଇଛି। ପ୍ରଥମ ବର୍ଷରେ ୩୦ଜଣ ଗାଈ ଏବଂ ୪ଜଣ ମଇଁଷି ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପ୍ରତ୍ୟେକ ହିତାଧିକାରୀଙ୍କୁ ୨ଟି ଲେଖାଏ ଗାଈ ଓ ମଇଁଷି ବାହାର ରାଜ୍ୟରୁ ଆଣି ପାଳନ କରିବାକୁ ଯୋଜନାର ନିୟମ ଥିବାବେଳେ ପ୍ରାଣୀ ବିଭାଗ ପକ୍ଷରୁ ୨୫ଜଣ ଗାଈ ଓ ୪ଜଣ ମଇଁଷି ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯାଇଥିଲା। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ୧୩୦ଜଣ ଗାଈ ଏବଂ ୨୫ଜଣ ମଇଁଷି ହିତାଧିକାରୀଙ୍କୁ ଯୋଜନାରେ ସାମିଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏବେ ସୁଦ୍ଧା ୬୫ଜଣ ଗାଈ ଓ ୨୧ଜଣ ମଇଁଷି ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯାଇଥିବା ଜଣାପଡ଼ିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବ ବୋଲି ଆଶା ରଖାଯାଇଛି। ଯୋଜନାରେ ବାହାର ରାଜ୍ୟରୁ ଉନ୍ନତ କିସମର ଗାଈ ଓ ମଇଁଷି କିଣାଯିବାକୁ କୁହାଯାଇଛି। ଏହା କିଣିବା ଉପରେ ସରକାରଙ୍କ ପକ୍ଷରୁ ୭୦ପ୍ରତିଶତ ସବ୍‌ସିଡ୍ ପ୍ରଦାନ କରାଯାଉଛି। ଗୋ ବୀମା ଯୋଜନାରେ ୮୫ ପ୍ରତିଶତ ସବ୍‌ସିଡ୍‌ର ମଧ୍ୟ ବ୍ୟବସ୍ଥା ରହିଛି। ଏହାବ୍ୟତୀତ ଘାସ ଚାଷ ପାଇଁ ଏକର ପିଛା ୩୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି। ମାଈ ବାଛୁରୀ ପାଳନ କ୍ଷେତ୍ରରେ ୫ ମାସରୁ ୨ବର୍ଷ ପର୍ଯ୍ୟନ୍ତ ବାଛୁରୀକୁ ସବ୍‌ସିଡ୍‌ରେ ଦାନା ସହ ମାଗଣା ବୀମାକରଣ ବ୍ୟବସ୍ଥା ରହିଛି। ସମିତିରେ ଦୁଗ୍ଧ ବିକ୍ରୟ କରୁଥିବା ଚାଷୀମାନେ ବର୍ଷ ଶେଷରେ ଲିଟର ପିଛା ୫ଟଙ୍କା ଲେଖାଏ ବୋନସ ମଧ୍ୟ ପାଇପାରିବେ। ଯୋଜନାରେ ମଇଁଷି ପାଳନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ମଧ୍ୟ ସହଯୋଗ କରାଯାଉଛି। ବ୍ଲକ୍‌ର ବାରସର ଓ ଗୋବିନ୍ଦପୁର ପଞ୍ଚାୟତରେ ଅଧିକ ମଇଁଷି ପାଳନ କରାଯାଇଥାଏ। ଏହି ଯୋଜନା ଆରମ୍ଭ ହେବା ପରେ ଫତେପୁର, ବୋଡ଼କ, ବାହାବଳପୁର ପ୍ରମୁଖ ପଞ୍ଚାୟତରେ ୧୪ଜଣ ହିତାଧିକାରୀ ୨୮ଟି ମଇଁଷି ପାଳନ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା କହିଛନ୍ତି, ଲୋକଙ୍କୁ ଏହି ଯୋଜନା ସମ୍ପର୍କରେ ସଚେତନ କରାଯାଇ ସେମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରାଯାଉଛି। ଯାହାଦ୍ୱାରା ସେମାନେ ଗାଈ ଓ ମଇଁଷି ପାଳନ କରି ଯୋଜନାରୁ ଲାଭ ପାଇ ଉପକୃତ ହୋଇପାରିବେ।

# ନ୍ୟାୟ ଦାବିରେ ଥାନା ଆଗରେ ଧାରଣା

## ଷଣ୍ଢ ଘଉଡ଼ାଇବାକୁ ନେଇ ଦୋକାନୀଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ



ଚାନ୍ଦବାଲି ଥାନା ସମ୍ମୁଖରେ ଧାରଣା ଦେଇଥିବା ଦୋକାନୀମାନେ।

ଚାନ୍ଦବାଲି,୧୪।୧୨(କିଷାନ ପାତ୍ର)

ଚାନ୍ଦବାଲି ହାଟ ମଧ୍ୟରେ ଥିବା ଏକ ପରିବା ଦୋକାନରେ ଷଣ୍ଢଟିଏ ପରିବା ଖାଇଦେବା ଘଟଣାକୁ କେନ୍ଦ୍ରକରି ରବିବାର ମଧ୍ୟାହ୍ନରେ ଉତ୍ତେଜନା ଦେଖାଦେଇଛି। ଷଣ୍ଢକୁ ଘଉଡ଼ାଇବା ବେଳେ ଦୋକାନୀଙ୍କୁ ସଂଘବଦ୍ଧ ଆକ୍ରମଣ ନେଇ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଦୋକାନୀ ଜଣକ ଷଣ୍ଢଟିକୁ ମାରି ଘଉଡ଼ାଇବା ସମୟରେ ବରେହିଁପୁର ଅଞ୍ଚଳର ଜଣେ ସ୍ଥାନୀୟ ବ୍ୟକ୍ତି ଷଣ୍ଢକୁ କାହିଁକି ମାରିଲ ବୋଲି ପ୍ରଶ୍ନ କରି ଯୁକ୍ତିତର୍କ କରିଥିଲେ। ଏହାକୁ ନେଇ ଗାଳିଗୁଲଜ ସହ ଘଟଣା ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଅଭିଯୋଗ ଅନୁଯାୟୀ ପରେ ୮ରୁ ୧୦ଜଣ ମାରଣାସ୍ତ୍ର ସହ ଦୋକାନରେ ପଶି ଦୋକାନୀଙ୍କୁ ଆକ୍ରମଣ କରିଥିଲେ। ଦୋକାନୀଙ୍କୁ ରକ୍ଷା କରିବା ବେଳେ ଅନ୍ୟ ଦୁଇଜଣ ଦୋକାନୀ ଗୁରୁତର ହୋଇ ଚାନ୍ଦବାଲି ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ପରେ ନ୍ୟାୟ ଦାବିରେ ଉକ୍ତ ପରିବା ଦୋକାନୀଙ୍କ ସମେତ ଶତାଧିକ ବ୍ୟବସାୟୀ ଚାନ୍ଦବାଲି ଥାନାରେ ପହଞ୍ଚି ଦୋଷୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଖବର ଲେଖାହେବା ବେଳକୁ ଥାନା ସମ୍ମୁଖରେ ଧାରଣା ଜାରି ରହିଛି। ଅନ୍ୟପକ୍ଷେ ଦୋକାନୀ ଜଣକ ଥାନାରେ ଅଭିଯୋଗ କରିବାକୁ ଯାଇଥିବା ବେଳେ ଏସ୍‌ଆଇ ଗାଳିଗୁଲଜ କରିବା ସହ ତାଙ୍କୁ ଥାନା ଭିତରକୁ ଟାଣି ନେଇଥିବା ପରିବା ଦୋକାନୀ ସଂଘର ସଭାପତି କର୍ଣ୍ଣ ବାରିକ ଅଭିଯୋଗ କରିଛନ୍ତି।

# ବିଶ୍ୱ ମାନବ ଅଧିକାର ସୁରକ୍ଷା ସଙ୍ଗଠନର ଜିଲା ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ସଭାରେ ମାନବ ଅଧିକାର ସୁରକ୍ଷା ସଙ୍ଗଠନର କର୍ମକର୍ତ୍ତା।

ଭଦ୍ରକ,୧୪।୧୨(ରବିନାରାୟଣ ଖିଲାର)

ଭଦ୍ରକର ଚରମ୍ପାର ଡାହାଣିଗଡ଼ିଆସ୍ଥିତ ତାରିଣୀ କଣ୍ଟିନେଣ୍ଟାଲଠାରେ ରବିବାର ମାନବ ଅଧିକାର ସୁରକ୍ଷା ସଙ୍ଗଠନ ପକ୍ଷରୁ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ ଶିଶିର କୁମାର ମିଶ୍ର ସଙ୍ଗଠନର ଜିଲା ସଭାପତି ଭାବେ ମନୋନୀତ ହୋଇଛନ୍ତି। ଜାତୀୟ ସଭାପତି ଡ. ଅର୍ଭିଣ୍ଡ ହୋତା, କାର୍ଯ୍ୟକାରୀ ସଭାପତି ରାଜକିଶୋର ଦୋରା ଓ ସଂଘମିତ୍ରା ମହାନ୍ତି ଯୋଗ ଦେଇଥିଲେ। ସମାଜରେ ଆଇନ ଆଗରେ ସମସ୍ତେ ସମାନ ଓ ସବୁ କ୍ଷେତ୍ରରେ ସ୍ୱାଧୀନତା ପାଇବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ଲୋକଙ୍କର ସମ୍ମାନ ରହିବା ଉଚିତ ଓ ମୌଳିକ ଅଧିକାର ସୁରକ୍ଷା ଦେବା ହେଉଛି ବିଶ୍ୱ ମାନବିକ ସୁରକ୍ଷା ସଙ୍ଗଠନର ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନବନିର୍ବାଚିତ ଜିଲା ସଭାପତି ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଭାଗନେଲେ ୪୪୨ ପ୍ରତିଯୋଗୀ

## ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଭଦ୍ରକ,୧୪।୧୨(ସନାତନ ରାଉତ)

ଭଦ୍ରକ ଜିଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଭଦ୍ରକ କଲେଜ ପଡ଼ିଆରେ ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାର ୭ ବ୍ଲକରୁ ବାଳିକା ବାଳକ ଉଭୟ ଜୁନିୟର ଓ ସିନିୟରରେ ମୋଟ ୪୪୨ ପ୍ରତିଯୋଗୀ ୭୫ଟି ବିଭାଗରେ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କ୍ରୀଡ଼ା ଶରୀରର ବୌଦ୍ଧିକ ବିକାଶ ପାଇଁ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଆସୋସିଏଶନର ସହସମ୍ପାଦକ ଅତିସ୍ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅନ୍ୟତମ ଅତିଥି ଭାବେ ଭଦ୍ରକ କଲେଜର ଅଧ୍ୟକ୍ଷ ଦୁର୍ଗାଶଙ୍କର ଦାସ, ସ୍ୱତନ୍ତ୍ର କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି, ଆସୋସିଏଶନର ସମ୍ପାଦକ ଧୀରେନ ପଲାଇ, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, ସଦସ୍ୟ ଭବତୋଷ ଦାସ, ରବିନାରାୟଣ ପାଣିଗ୍ରାହୀ, ବେଦପ୍ରକାଶ ଗୁପ୍ତା, ସଞ୍ଜୀବ ଦାସ, ରବିନାରାୟଣ ଓଝା, ମନୋଜ ସାହୁ, ସୁଶୀଲ ପଟ୍ଟନାୟକ, ବାଇଧର ମହାକୁଡ଼, ଲକ୍ଷ୍ମଣ ବାରିକ, ଯଦୁବୀର ପ୍ରତାପରାୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜିଲାର ବରିଷ୍ଠ ପର୍ବତାରୋହୀ ବିଜୟ କୁମାର ଗୁପ୍ତା, ବକ୍ସର କମଳାକାନ୍ତ ସାହୁ, ରେସ୍‌ଲର୍ ଶିବପ୍ରସାଦ ରାୟ, ଜାତୀୟସ୍ତରର ଫୁଟ୍‌ବଲ୍ ଖେଳାଳି ଇପ୍‌ସିତା ରାଉତ, ଜାତୀୟସ୍ତରର ଆଥ୍‌ଲେଟିକ୍ ହରିଶଙ୍କର ପାଣିଗ୍ରାହୀ, ଜାତୀୟସ୍ତରର ସାଇକ୍ଲିଷ୍ଟ ସସ୍ମିତା ପଣ୍ଡା, ରାଜ୍ୟସ୍ତରୀୟ ସାଇକ୍ଲିଷ୍ଟ ହର୍ଷିତ୍ ନାୟକ, ସତ୍ୟଜିତ ଗୋଛାୟତ, ସଚିନ ଜେନା, ଅନୁସୟା ନନ୍ଦୀ ଓ ସୂର୍ଯ୍ୟକାନ୍ତ ରାଉଳଙ୍କୁ ସମ୍ମାନିତ କରାଯାଇଛି।



ଜିଲାପାଳ ଦିଲୀପ ରାଉତରାଏ ଜାତୀୟସ୍ତରର ସାଇକ୍ଲିଷ୍ଟ ସସ୍ମିତା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଭଣ୍ଡାରିପୋଖରୀ,୧୪।୧୨
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ କହରାପୋଖରୀ ସତ୍‌ସଙ୍ଗ ବିହାରରେ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ଓ ଶ୍ରୀ ଶ୍ରୀ ବଡଦାଙ୍କର ୫୩ତମ ଶୁଭ ଆଗମନ ମହୋତ୍ସବ ରବିବାର ପାଳିତ ହୋଇଯାଇଛି। ପ୍ରଦୀପ ଲେଙ୍କା, ଗୌରାଙ୍ଗ ରଣା, ମାଧବ ଲେଙ୍କା, ଅନଳ ଚନ୍ଦ୍ର ପଣ୍ଡା, ଧରଣୀଧର ସ୍ୱାଇଁ, ନିରାକାର ରାଉତ, ରାଜକିଶୋର ସ୍ୱାଇଁ, ସନ୍ତୋଷ ପଲାଇ ପ୍ରମୁଖ ବେଦପାଠ, କୀର୍ତ୍ତନ ଆଦି କରିଥିଲେ। ଯାଜକ କର୍ମୀ ରାଜକିଶୋର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ହରପ୍ରସାଦ ସାହୁ ଯୋଗଦେଇ ମାନବ ଜୀବନରେ ସଦ୍‌ଗୁରୁ ଅନୁସରଣ ଓ ଅନୁଶାସନ ପାଳନ ଦ୍ୱାରା ମୁକ୍ତିମାର୍ଗ ପ୍ରାପ୍ତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସତ୍‌ସଙ୍ଗ ବିହାର ସଭାପତି ପ୍ରତାପ ନାୟକ, ସମ୍ପାଦକ ଅଭିମନ୍ୟୁ ଖଟୁଆ, ରବୀନ୍ଦ୍ର କୁମାର ନାଥ, ଶ୍ରୀଧର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୂର୍ବତନ ପ୍ରଧାନଶିକ୍ଷକଙ୍କ ସ୍ମୃତିଚାରଣ



ସ୍ମୃତିସଭାରେ ଉପସ୍ଥିତ ଅତିଥି।

ଧାମନଗର,୧୪।୧୨(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଅଧୀନ ଭଇସାହି ପଞ୍ଚାୟତ ଫଳପୁର ଗ୍ରାମର ପୂର୍ବତନ ପ୍ରଧାନଶିକ୍ଷକ, ସାମାଜିକ କର୍ମୀ ସ୍ୱର୍ଗତ ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ଏକାଦଶାହ ଅବସରରେ ଶନିବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ନିତ୍ୟାନନ୍ଦ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ବିଜେଡି ନେତା ତଥା ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଡା. ସଞ୍ଜୟ ଦାସ, ସାରଦା ପ୍ରସନ୍ନ ସାହୁ, ସୀତାକାନ୍ତ ମିଶ୍ର, ଦୟାନିଧି ମିଶ୍ର, ରାମଚନ୍ଦ୍ର ବେହେରା, ଉମେଶ ମହାନ୍ତି, ପ୍ରତାପ ସାମଲ, ମାନସ ବାରିକ, ସେବାନିବୃତ୍ତ ଶିକ୍ଷକ ହୃଦାନନ୍ଦ କର, ମାନସ ରାଉତ, ସସ୍ମିତା ସାହୁ, ହରେକୃଷ୍ଣ ପାଢ଼ୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକ ଓ ସାମାଜିକ କର୍ମୀ ଭାବେ ସ୍ୱର୍ଗତ ମହାପାତ୍ରଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ କହିଥିଲେ। ଖବରଦାତା ପ୍ରଦୀପ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ଜିତନ ପଣ୍ଡା, ନିର୍ମଳ ଦାସ, ସନ୍ତୋଷ ଦାଶ, ସସ୍ମିତା ଦାସ, ସୁରେନ୍ଦ୍ର ପଲାଇ, କାଳନ୍ଦୀ ଜେନା, କାର୍ତ୍ତିକ ସାମଲ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ସାନପୁଅ ସଞ୍ଜୟ କୁମାର ମହାପାତ୍ର ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ଜିଲାର ଐତିହ୍ୟସ୍ଥଳୀ ଲୋକଲୋଚନକୁ ଆଣିବାକୁ ପ୍ରକାଶ ପାଇବ ପୁସ୍ତକ

## ଇନ୍‌ଟାକ୍ ଭଦ୍ରକ ଶାଖାର ବୈଠକ

ଭଦ୍ରକ,୧୪।୧୨(ସନାତନ ରାଉତ)

ଭଦ୍ରକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କୁଆଁସସ୍ଥିତ ନିତ୍ୟାନନ୍ଦ ଭବନଠାରେ ଶନିବାର ଇନ୍‌ଟାକ୍ ଭଦ୍ରକ ଶାଖାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଭାକର ମଲ୍ଲିକ, ଡ. ଗୋଲକ ବିହାରୀ ସାହୁ, ହରମୋହନ କୁଅଁର, ଶାନ୍ତନୁ ରାଉତ, ଚିତ୍ରାନନ୍ଦ ମହାନ୍ତି, ଅଜିତ୍ କୁମାର ଦାସ, କରୁଣାକର ଉପାଧ୍ୟାୟ, ଅଜିତ୍ କୁମାର ନାୟକ, ମୁକ୍ତିକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶାଖାର ସାଧାରଣ ସଦସ୍ୟଙ୍କର ସଦସ୍ୟତାର ନବୀକରଣ ଓ ବାର୍ଷିକ ଦେୟ ବାବଦରେ ଆଲୋଚନା କରାଯାଇଥିଲା। ୧୧ ସଦସ୍ୟଙ୍କୁ ନେଇ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାଯାଇଥିଲା। ଚାନ୍ଦବାଲି ବନ୍ଦର ସମ୍ପର୍କରେ ଅନୁଧ୍ୟାନ, ଧାମନଗର ଗୋହିରାଟିକିରି ଐତିହାସିକ ଅନୁସନ୍ଧାନ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଗାନ୍ଧୀ ସ୍ମୃତି ପୀଠର ନବୀକରଣରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଇବା ସହ ଭଦ୍ରକର ବିଭିନ୍ନ ଲୁକ୍କାୟିତ କଳା, ସଂସ୍କୃତି, ଐତିହ୍ୟ ପୁନର୍ବିନ୍ୟାସ ପାଇଁ ପଦଯାତ୍ରା ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ପୁସ୍ତକ ପ୍ରକାଶନ ନିମନ୍ତେ ସ୍ଥିର ହୋଇଛି। ମଦନ ମୋହନ ନାୟକ, ବିଜୟ ମହାନ୍ତି, ସନ୍ତୋଷ ମହାନ୍ତି, କୈଳାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# 'ଉତ୍ତରପିଢ଼ି ପାଇଁ ଉଦାହରଣ ପୂଜ୍ୟପୂଜା ପରମ୍ପରା'

ତିହିଡ଼ି,୧୪।୧୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ଦୋଳସାହି ପଞ୍ଚାୟତର ହଳଧରବିନ୍ଧା ଗ୍ରାମରେ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଉଦୟକର ନାୟକଙ୍କ ୯ମ ଶ୍ରାଦ୍ଧବାର୍ଷିକୀ ଏବଂ ତାଙ୍କ ପତ୍ନୀ ସ୍ୱର୍ଗତ ପଦ୍ମାବତୀଙ୍କ ୨ୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଶିକ୍ଷକ ଉଦୟକର ନାୟକ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସଭାରେ ବରିଷ୍ଠ କଥାକାର ପବିତ୍ର ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ପୂଜ୍ୟପୂଜା ପରମ୍ପରା ଉତ୍ତରପିଢ଼ି ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲାପାଳ ଦିଲୀପ ରାଉତରାଏ ଏବଂ ବରେଣ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଐର ଖାରବେଳ ସ୍ୱାଇଁ, ଡ. ଶଶଧର ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

ଏହି ଅବସରରେ ଆଦର୍ଶ ଶିକ୍ଷକ ନରେନ୍ଦ୍ର ନାଥ ଦାସ, ଭାଗବତ ପାଠିକା ତିଳୋତ୍ତମା କୁଅଁର ଓ ସଞ୍ଜୁଲତା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମେଧାବୀ ଛାତ୍ରୀ ପ୍ରିୟଙ୍କା ଦାସ, ଛାତ୍ର ଗଣେଶ ଗୁଡୁ ଓ ପର୍ଶୁରାମ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ କବି ହୃଦାନନ୍ଦ ପାଣିଗ୍ରାହୀ, ଦୀନବନ୍ଧୁ ପତି, ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ ନାୟକ, ଭାଜପାର ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ଶ୍ରୀହର୍ଷ ସ୍ୱାଇଁ, ରଘୁନାଥ ପାତ୍ର, ସୀତାକାନ୍ତ ନାୟକ, ପ୍ରଦୋଷ ସ୍ୱାଇଁ, ସୁଧାଂଶୁ ପାଣିଗ୍ରାହୀ, ସରୋଜ ନାୟକ, ବିଭୂତି ଭୂଷଣ ସେନାପତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅଜିତ କୁଅଁର ଧନ୍ୟବାଦ ଦେଇଥିଲେ। ରାଷ୍ଟ୍ରପତିଙ୍କ ପ୍ରେସ୍ ସଚିବ ବିଜୟ ନାୟକ, କବି ଅଭୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଆସ ସ୍କୁଲ ଯିବା' ଶିକ୍ଷାସଭା

ଧାମନଗର, ୧୪।୧୨ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଶିକ୍ଷା ବିଭାଗ ଅଧୀନ ଖଡ଼ିପଦା ଆଞ୍ଚଳିକ ସାଧନକେନ୍ଦ୍ର ପକ୍ଷରୁ ଶୁକ୍ରବାର କଣ୍ଟାପାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ଆସ ସ୍କୁଲ ଯିବା' ଶୀର୍ଷକ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗଗନ କୁମାର ଦେହୁରୀ ଏଥିରେ ସଭାପତିତ୍ୱ କରିଥିଲେ। ସାଧନକେନ୍ଦ୍ର ସଂଯୋଜକ ଦେବବ୍ରତ ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଆଦୌ ନାମ ଲେଖାଇ ନ ଥିବା, ଅଧାରୁ ଶିକ୍ଷା ଛାଡ଼ିଥିବା ୧୮ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଗ୍ରହଣ ସ୍ରୋତରେ ପୁନଃ ସାମିଲ କରିବା ନିମନ୍ତେ ସରକାରଙ୍କ ରାଜ୍ୟବ୍ୟାପୀ ଅଭିଯାନକୁ ସଫଳ କରିବା ପାଇଁ ସମସ୍ତେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା। ସଭାରେ ପାଠପଢ଼ାର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ପିଲାମାନଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ତରାଇ, ପବିତ୍ର ମହାନ୍ତି, ସନାତନ ମୁର୍ମୁ, କେଶବ ଚନ୍ଦ୍ର ସାହୁ, ସହକାରୀ ଶିକ୍ଷକ ପ୍ରଦୋଷ ଦାସ, ରତ୍ନାକର ତରାଇ, ରାଜୀବ ଲୋଚନ ମାଝୀ, ଶୁଭମ ବାରିକ, ପ୍ରଦୀପ ସାହୁ, ଦେବାଶିଷ ସାହୁ, ସୁଶାନ୍ତ ସେଠୀ, ମିନତି ସ୍ୱାଇଁ, ପଲ୍ଲବୀ ବେହେରା, ସସ୍ମିତା ସାହୁ, ବିଦ୍ୟାଳୟ କମିଟି ଅଧ୍ୟକ୍ଷା ଗିତାଞ୍ଜଳି ମାଝୀ, ଛାତ୍ରୀଛାତ୍ରଙ୍କ ଅଭିଭାବକ ଯୋଗ ଦେଇଥିଲେ।

# ରାଜ୍ୟସ୍ତରୀୟ ବାସ୍କେଟବଲ୍ ପ୍ରତିଯୋଗିତାରେ ଭଦ୍ରକ ଜିଲାର ପୁରୁଷ ଦଳ

ଭଦ୍ରକ,୧୪।୧୨(ସନାତନ ରାଉତ)

କଟକ ବାରବାଟୀ ଷ୍ଟାଡିୟମ୍‌ଠାରେ ରବିବାରଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ବରିଷ୍ଠ ବାସ୍କେଟବଲ୍ ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଜିଲାର ୧୨ଜଣିଆ ପୁରୁଷ ଦଳ ଘୋଷଣା କରାଯାଇଛି। ଏହି ଦଳରେ କେଶବ କୁମାର ବେହେରା, ଅଶ୍ୱିନୀ ମହାନ୍ତି, ଦେବବ୍ରତ ବାରିକ, ସ୍ମିଥ ମହାନ୍ତି, ଅଙ୍କିତ ସାହୁ, ଯତିନ ସେଠୀ, ସୁଦୀପ ମଲିକ, ଜୟ ଯଜ୍ଞାଶ ସେନାପତି, ତନ୍ମୟ ମହାନ୍ତି, ବିଶ୍ୱାମିତ୍ର ବେହେରା, ଶ୍ରୀକାନ୍ତ ଜେନା ଓ ପୁରୁଷୋତ୍ତମ ମିଶ୍ର ସାମିଲ ହୋଇଛନ୍ତି। ଶନିବାର ଏହି ଦଳ କଟକ ଅଭିମୁଖେ ଯାତ୍ରା କରିଥିଲା। ସେମାନଙ୍କ ସହ କୋଚ୍ ସୁଶାନ୍ତ ଜେନା ଓ ମ୍ୟାନେଜର ଅଭିଷେକ ମହାନ୍ତି ଯାତ୍ରା କରିଛନ୍ତି। ଜିଲା ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଧୀରେନ ପଲାଇ, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, ବାସ୍କେଟବଲ୍ କୋଚ୍ ମନୋଜ କୁମାର ସାହୁଙ୍କ ସମେତ ସଂଘର ସଦସ୍ୟମାନେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଖେଳାଳିମାନଙ୍କ ସହ ସଂଘର କର୍ମକର୍ତ୍ତା।

# ସାଂସଦ ଖେଳ ମହୋତ୍ସବ: ସାଇକେଲ ପ୍ରତିଯୋଗିତା



ଜିଲାପାଳ ଦିଲୀପ ରାଉତରାଏ କ୍ରୀଡ଼ା ପତାକା ଦେଖାଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

ଭଦ୍ରକ,୧୪।୧୨(ସନାତନ ରାଉତ)

ସାଂସଦ ଖେଳ ମହୋତ୍ସବ ଅବସରରେ ଭଦ୍ରକ ବ୍ଲକସ୍ତରୀୟ ସାଇକେଲ ପ୍ରତିଯୋଗିତା ରବିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ରାନ୍ଦିଆ ଫେକର ଗେଟ୍ ନିକଟରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୪୦ ପ୍ରତିଯୋଗୀ ୪ କି.ମି. ସାଇକେଲ ଚାଳନା କରିଥିଲେ। ବରପଦା ନିକଟରେ ପ୍ରତିଯୋଗିତା ଶେଷ ହୋଇଥିଲା। ଅନ୍ୟତମ ଅତିଥି ଭାବେ ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ଜିଲା କ୍ରୀଡ଼ା ଅଧିକାରିଣୀ ରମେଶ ଚନ୍ଦ୍ର ମହାନ୍ତି, ଜିଲା ଭାଜପା ସମ୍ପାଦକ ତପନ ମହାନ୍ତି, ସଂସଦୀୟ କ୍ଷେତ୍ର ସଂଯୋଜକ କିଶୋର କିଙ୍କର ପଢ଼ିଆରୀ, ବ୍ଲକ ସଂଯୋଜକ ପ୍ରସନ୍ନଜିତ୍ ପଢ଼ିଆରୀ, ସାତଭଉଣୀ ମଣ୍ଡଳ ସଭାପତି ସୀତାରାମ ପ୍ରସାଦ ସେଠୀ, ହନୁମାନ ମଣ୍ଡଳ ସଭାପତି ସରୋଜ ରାଉତ, ଦେବରକୁଣ୍ଡ ମଣ୍ଡଳ ସଭାପତି ଲକ୍ଷ୍ମଣ ମୁଦୁଲି, ଭାରତମାତା ମଣ୍ଡଳ ସଭାପତି ସନ୍ତୋଷ ଲେଙ୍କା, ଜୋନ୍ ସଂଯୋଜକ ମାନସ ନାୟକ, ରାନ୍ଦିଆ ସମିତିସଭ୍ୟ ଶ୍ରୀଧର ନାୟକ, ବ୍ଲକ ସଂଯୋଜିକା ଅନୁସୟା ପଣ୍ଡା, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାମଲ ଓ ରାନ୍ଦିଆ ପଞ୍ଚାୟତ ପ୍ରମୁଖ ପୂର୍ଣ୍ଣଚନ୍ଦ୍ର ଦାସ ଯୋଗ ଦେଇଥିଲେ।

# କବାଡ଼ି ପ୍ରତିଯୋଗିତା

ଭଣ୍ଡାରିପୋଖରୀ,୧୪।୧୨
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ଆଦମପୁର ମିନିଷ୍ଟାଡିୟମ୍‌ରେ ଚାଲିଥିବା ସାଂସଦ ଖେଳ ମହୋତ୍ସବର ରବିବାର ୩ୟ ଦିନରେ କବାଡ଼ି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ରାଉଣ୍ଡ ଶେଷ ହୋଇଛି। ୧୭ ବର୍ଷରୁ କମ୍ ପ୍ରତିଯୋଗିତାରେ ୧୪ ଦଳ ଭାଗ ନେଇଥିଲେ। ୧୭ ବର୍ଷରୁ ଅଧିକ ଦଳରେ ବାରିକପୁର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଓ ବଳଦେବଜୀଉ ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ମୋଟ ୧୨୦ ପ୍ରତିଯୋଗୀ ଦଳଗତ ଭାବେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସରପଞ୍ଚ ଅମୂଲ୍ୟ କୁମାର ନାୟକ ମୁଖ୍ୟଅତିଥି, ତପନ ପାତ୍ର ଓ ନିରଞ୍ଜନ ବାରିକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସୋମବାର ଉଭୟ ବର୍ଗର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇ ମହୋତ୍ସବ ଉଦ୍‌ଯାପିତ ହେବ। ବ୍ଲକ କ୍ରୀଡ଼ା ଶିକ୍ଷକ ଜୋନ୍ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ, ବନ୍ତ ଜୋନ୍ ସମ୍ପାଦକ ମନୋଜ କୁମାର ଖଣ୍ଡାଇ, କ୍ରୀଡ଼ା ଶିକ୍ଷୟିତ୍ରୀ ବିକଶି ସାହୁ, ଭାଗବତ ମହାନ୍ତି, ବିଶ୍ୱନାଥ ପଣ୍ଡା, ପବିତ୍ର ମୋହନ ଦାସ, ଗୋବିନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ସ୍ନାୟୁ, ହୃଦ୍‌ରୋଗ ବିଭାଗ ଖୋଲାଯାଉ

- ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ବାର୍ଷିକ ସମ୍ମିଳନୀ
- ଉନ୍ନତ ସରକାରୀ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଗୁରୁତ୍ୱ

ବାଲେଶ୍ୱର,୧୪।୧୨(ବାଞ୍ଛାନିଧି ଦେ)



ଅତିଥିମାନେ ସଙ୍ଗଠନର ବାର୍ଷିକ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ବାଲେଶ୍ୱର ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ୨୦ତମ ବାର୍ଷିକ ସମ୍ମିଳନୀ ଶିଳ୍ପାଞ୍ଚଳସ୍ଥିତ ଉଦ୍ୟୋଗ ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦେଇ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଡ. କ୍ଷୀତିଶ୍ୱର ଦାଶ ବେଦ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, କୃଷି ବୈଜ୍ଞାନିକ ଡ. ଅଦ୍ୱୈତ ପ୍ରସାଦ ପାତ୍ର, ବାଲେଶ୍ୱର ଫଲୋଅପ୍ ମୁଖ୍ୟ ବିଶପ ହୃଦୟ ଯୋଗଦେଇ ବାଲେଶ୍ୱରବାସୀଙ୍କୁ ଉନ୍ନତ ସରକାରୀ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ କମିଟି ପକ୍ଷରୁ ଦାମୋଦର ଦାସମହାପାତ୍ର, କୁମୁଦ ରଞ୍ଜନ ଗିରି, ଶତ୍ରୁଘ୍ନ ମଲ୍ଲିକ, ମାୟାଧର ନାୟକ, ଜଗତାନନ୍ଦ ବିଶ୍ୱାଳ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଇଂ ବନମାଳୀ ନାୟକ, ଦାମୋଦର ନାୟକ, ରମେଶଚନ୍ଦ୍ର ଜେନା, ମହେଶ୍ୱର ବେହେରା, ଗୋବିନ୍ଦ ଭୋଇ, ମହମ୍ମଦ ଇସଲାମ, ଭାଗବତ ଦଳେଇ, ଶମ୍ଭୁନାଥ ମହାନ୍ତି, ପଦ୍ମଲୋଚନ ଦତ୍ତ, ବୈଦ୍ୟନାଥ ଷଡ଼ଙ୍ଗୀ, ଡ. ଅରୁଣ କୁମାର ଗିରି, ମାଣିକମାନା ମହାନ୍ତି, ଅଜୟ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋକପାତ କରିଥିଲେ।

ଆଇନଜୀବୀ ନିରଞ୍ଜନ ପରିଡ଼ା ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରଦୀପ ଦାସ ବାର୍ଷିକ ବିବରଣୀ ଓ ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ବିବରଣୀ ପାଠ କରିଥିଲେ। ସଙ୍ଗଠନର ବାର୍ଷିକ ମୁଖପତ୍ରକୁ ମଞ୍ଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ। ମୁଖ୍ୟ ସମ୍ପାଦକ ନିରଞ୍ଜନ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବାଲେଶ୍ୱର ଜିଲାରେ ଉନ୍ନତ ଓ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ପାଇଁ ୧୮ଦଫା ଦାବି ସମ୍ବନ୍ଧରେ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଡ. ହୃଷିକେଶ ସାହୁ ଆଲୋଚନା କରିଥିଲେ। ସରକାରୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ରମାନଙ୍କରେ ଆବଶ୍ୟକୀୟ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି, ମେଡିକାଲ କଲେଜରେ ହୃଦ୍‌ରୋଗ, ସ୍ନାୟୁରୋଗ ଆଦି ଗୁରୁତର ରୋଗର ବିଭାଗ ଖୋଲିବା, ସମସ୍ତ ବିଭାଗର ସ୍ନାତକୋତ୍ତର ଶ୍ରେଣୀ ପ୍ରତିଷ୍ଠା କରିବା, ମଞ୍ଜୁରୀପ୍ରାପ୍ତ ନର୍ସିଂ ଓ ଫାର୍ମାସିଷ୍ଟ ଶିକ୍ଷାଦାନ ଆରମ୍ଭ କରିବା, ନିର୍ମାଣାଧୀନ ଆୟୁଷ ହସ୍ପିଟାଲ ସମ୍ପୂର୍ଣ୍ଣ କରିବା, ଏମସ୍ ସାଟେଲାଇଟ୍ ସେଣ୍ଟରକୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ କରିବା, ଫକୀରମୋହନ ମେଡିକାଲ କଲେଜକୁ ଜାତୀୟ ରାଜପଥରୁ ପ୍ରସ୍ତାବିତ ରାସ୍ତା ନିର୍ମାଣ କରିବା, ମେଡିକାଲ କଲେଜ ପରିସରରେ ଥିବା ପୋଲିସ ଫାଣ୍ଡିକୁ କାର୍ଯ୍ୟକ୍ଷମ ଏବଂ ମେଡିକାଲ କଲେଜକୁ ନିୟମିତ ଯାତାୟାତ ସୁଯୋଗ ସୃଷ୍ଟି କରିବା ଆଦି ଦାବି ଉପରେ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟତମ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଉପ-ସଭାନେତ୍ରୀ ସରସ୍ୱତୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ନାବାଳିକାଙ୍କୁ ଅନୈତିକ କାର୍ଯ୍ୟରେ ଲଗାଇବା ଅଭିଯୋଗ

ଲଙ୍ଗଳେଶ୍ୱର,୧୪।୧୨(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲା ସିଂଲା ଥାନା ଗିରିଚକ ଗ୍ରାମରେ ପଶ୍ଚିମବଙ୍ଗ ଅଞ୍ଚଳର ଜଣେ ପକ୍କା ମିସ୍ତ୍ରି ମହିଳାମାନଙ୍କୁ କାମ ଦେବା ବାହାନାରେ ଆଣି ଅନୈତିକ କାର୍ଯ୍ୟରେ ଲଗାଇଥିବା ନେଇ କିଛିଦିନ ତଳେ ଗ୍ରାମବାସୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରବିବାର ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ମହିଳା ତାଙ୍କର ୧୪ ବର୍ଷୀୟା ନାବାଳିକା ଝିଅକୁ ଅନୈତିକ କାର୍ଯ୍ୟରେ ଲଗାଯାଇଥିବା ନେଇ ସିଂଲା ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୨୯୫/୨୫) ରୁଜୁ କରିବା ସହିତ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

## ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ



ବାଲିଆପାଳ,୧୪।୧୨(ଗୋପାଳ ଚନ୍ଦ୍ର ସାହୁ)

ବାଲିଆପାଳ ଲାୟନ୍ସ କ୍ଲବ ପକ୍ଷରୁ ରବିବାର ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ କ୍ଲବର ସଭାପତି ଅମିତ କୁମାର ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲବ୍‌ର ସମ୍ପାଦକ ତାରାକାନ୍ତ ଜେନା, ବରିଷ୍ଠ ସଦସ୍ୟ ଖାଡ଼େଶ୍ୱର ପ୍ରଧାନ, ଜେଡସି ତରୁଣ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଭୁବନ ମୋହନ ପିଲା, ନବୀନ କୁମାର ପାତ୍ର, ଡ. ଗୟାରାମ ଗଙ୍ଗାଇ, ଗୋପାଳ ଚନ୍ଦ୍ର ଜେନା ଏବଂ ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରକୁ ସଫେଇ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ରମାନାଥ କରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମୃତ ଝିଙ୍କ, କୁଟୁରା ଜବତ

ନୀଳଗିରି,୧୪।୧୨(ପ୍ରଶାନ୍ତ ବିଶ୍ୱାଳ)

କୁଲଡ଼ିହା ଅଭୟାରଣ୍ୟରୁ ଜନ୍ତୁ ଶିକାର ଥମିବାର ନାଁ ଧରୁନି। ଶନିବାର ୩ ଶିକାରୀ ଗିରଫ ହେବା ସହିତ ୫ ଦେଶୀବନ୍ଧୁକ ଜବତ କରାଯାଇଥିଲାବେଳେ ରବିବାର ପୁଣି ଗୋଟିଏ ଦେଶୀ ବନ୍ଧୁକ ଜବତ ସହ ୩ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ଝିଙ୍କ ଓ କୁଟୁରାର ମୃତଦେହ ଜବତ କରାଯାଇଛି। ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅଧୀନରେ ଶ୍ୟାମସୁନ୍ଦରପୁର ଅଞ୍ଚଳର କଟି ସିଂ (୩୭), ମଙ୍ଗଳ ସିଂ (୪୦) ଏବଂ କଣ୍ଟାବଣିଆ ଅଞ୍ଚଳର ନାଥ ସିଂ(୪୭) ନାମକ ୩ ଶିକାରୀ ଜଙ୍ଗଲ ମଧ୍ୟରେ ଅବାଧରେ ପ୍ରବେଶକରି ଗୋଟିଏ ଝିଙ୍କ ଏବଂ ଗୋଟିଏ କୁଟୁରା ଶିକାର କରିଥିବା ନେଇ କୁଲଡ଼ିହା ବନ ବିଭାଗ ଖବରପାଇଥିଲା। ସେମାନଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଓ କିଛି ବାରୁଦ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯିବା ସହ ଅଧିକ ତଦନ୍ତ ଜାରି ରହିଥିବା ନେଇ ବନ ବିଭାଗ ସୂଚନା ଦେଇଛି।


ଜବତ ସାମଗ୍ରୀ ସହ ଗିରଫ ୩ ଶିକାରୀ।

## ‘ମହତ୍ ଉଦ୍ଦେଶ୍ୟରେ ଅନୁଷ୍ଠିତ ଉତ୍ସବ ହିଁ ମହୋତ୍ସବ’



ଅତିଥିଙ୍କ ଦ୍ୱାରା ବାର୍ଷିକ ପତ୍ରିକା ଉନ୍ମୋଚନ କରାଯାଉଛି।

ସିମୁଳିଆ,୧୪।୧୨(ସନ୍ତୋଷ ନାୟକ)

### ଚତୁର୍ଥ ମଇତାପୁର ମହୋତ୍ସବ

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତର ରୟାଲ ହାଇସ୍କୁଲ ପଡ଼ିଆରେ ଚତୁର୍ଥ ମଇତାପୁର ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରୟାଲ ହାଇସ୍କୁଲର ପ୍ରିନ୍ସପାଲ ପଦ୍ମଲୋଚନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ବାବାଜୀ ଚରଣ ମଲିକ, ଉପାଧ୍ୟକ୍ଷା ହିମାଦ୍ରିନନ୍ଦିନୀ ମହାପାତ୍ର, ଜିଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ମନୋରମା ବେହେରା, ରୟାଲ ଗ୍ରୁପର ଅଧ୍ୟକ୍ଷ ଡ.ବିଷ୍ଣୁମୋହନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବାର୍ଷିକ ପତ୍ରିକା ମୁଖ ଉନ୍ମୋଚିତ ହୋଇଥିଲା।

ଏହି ଅବସରରେ ଶ୍ରେଷ୍ଠ କୃଷକ ଭାବେ ସ୍ଥାନୀୟ ଅଞ୍ଚଳର କିଶୋର କୁମାର ବେହେରା, ଶିକ୍ଷକ ଭାବେ ରବିନାରାୟଣ ସାହୁ ଓ ମନୋରମା ପଣ୍ଡା ଓ ଶିଶୁ ଉତ୍ସବ ସୁରଭିରେ ରାଜ୍ୟରେ ପ୍ରଥମ ହୋଇଥିବା ଗାୟକ ପ୍ରଥମ କୁମାର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ରୟାଲ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅଭିନେତା ପୁପିନ୍ଦର ମଞ୍ଚ ସଞ୍ଚାଳନା କରିବା ସହିତ ମହତ ଉଦ୍ଦେଶ୍ୟ ବା ମହାନ ଉଦ୍ଦେଶ୍ୟରେ ଅନୁଷ୍ଠିତ ଉତ୍ସବକୁ ମହୋତ୍ସବ କୁହାଯାଏ ବୋଲି କରିଥିଲେ। ମହୋତ୍ସବ କମିଟିର ସମ୍ପାଦକ କମଳଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମିଠା ଦୋକାନରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ

ବୈଶିଙ୍ଗା,୧୪।୧୨(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ମାଣତ୍ରୀ ବଜାର ଅଞ୍ଚଳରେ ଏକ ମିଠା ଦୋକାନରେ ଜଣେ ଯୁବକ ଉନ୍ମତକାଣ୍ଡ ଭିଆଇଛନ୍ତି। ଦୋକାନରେ ପଶି ଭଙ୍ଗାରୁଜା କରିବା ସହ ଗାଳିଗୁଲଜ କରି ଧମକ ଦେଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ମୁତାବକ, ମାଣତ୍ରୀ ବଜାର ଅଞ୍ଚଳରେ ବିଷ୍ଣୁପ୍ରିୟା ଦେହୁରୀ ନାମକ ମହିଳା ଏକ ମିଠା ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ରବିବାର ମଧ୍ୟାହ୍ନରେ ଜଣେ ଯୁବକ ଏକ ପୁରୁଣା ବିବାଦକୁ ନେଇ ଦୋକାନକୁ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପୀଡ଼ିତାଙ୍କ ସମେତ ଉପସ୍ଥିତ ଗ୍ରାହକ ଏହାର ପ୍ରତିବାଦ କରିଥିଲେ। ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ଯୁବକ ଦୋକାନରେ ଲାଗିଥିବା କାଚ ସୋକେସ ଓ ଚେୟାର ଟେବୁଲ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗ ପରେ ଏକ ମାମଲା(ନଂ.୬୨୮/୨୫) ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ମାଣତ୍ରୀ ଫାଣ୍ଡି ଅଧିକାରୀ ଲମ୍ବୋଦର ବାରିକ ସୂଚନା ଦେଇଛନ୍ତି।

## ଓଏସ୍ଆର୍‌ଟିସି ବସ୍ ଭଡ଼ା ଦୁର୍ନୀତି ଘଟଣାରେ ମାମଲା ରୁଜୁ

ବାରିପଦା,୧୪।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଏସ୍ଆର୍‌ଟିସି ଅନ୍ତର୍ଗତ ଆମ ବସ ସେବାରେ ଆର୍ଥିକ ଅନିୟମିତତା ପଦାକୁ ଆସିବା ପରେ ମୟୂରଭଞ୍ଜ ଜିଲା ବିଶୋଇ ଥାନାରେ ମାମଲା ରୁଜୁ ହୋଇଛି। ସରକାରୀ ଅର୍ଥ ହଡ଼ପକୁ ନେଇ ସୁପରଭାଇଜର ଲଳିତ କୁମାର ବାରିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଓଏସ୍ଆର୍‌ଟିସିର ଜିଲା ପରିଚାଳକ ସତ୍ୟଜିତ ବିଷୋୟୀଙ୍କ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା(ନଂ.୨୩୨/୨୫)ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଅଭିଯୁକ୍ତ ସୁପରଭାଇଜର ଏବେ ଫେରାର ଥିବାବେଳେ ପୋଲିସ ତାଙ୍କୁ ଧରିବାକୁ ଯୋଜନା ପ୍ରସ୍ତୁତ କରିଛି।

## ବିବାହ ଶୋଭାଯାତ୍ରାବେଳେ ଜଳିଗଲା ଘର

ନୀଳଗିରି,୧୪।୧୨(ପ୍ରଶାନ୍ତ ବିଶ୍ୱାଳ)

ବରଯାତ୍ରୀ ଶୋଭାଯାତ୍ରାରେ ବାଣ ଫୁଟାଇବା ବେଳେ ଘଟିଛି ଅଘଟଣ। ନିଆଁ ଝୁଲ ପଡ଼ି ଗୋଟିଏ ବଖରା ଘର ଜଳିଯାଇଛି। ଏପରି ଅଘଟଣ ଘଟିଛି ନୀଳଗିରି ବ୍ଲକ ଅଧୀନ ଅଯୋଧ୍ୟା ପଞ୍ଚାୟତ ଅଞ୍ଚଳରେ। ଶୁକ୍ରବାର ରାତିରେ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରୁ ବରଯାତ୍ରୀ ନୀଳଗିରିର ଅଯୋଧ୍ୟାକୁ ଆସି କନ୍ୟାଘର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଏହି ଶୋଭାଯାତ୍ରାରେ ଯିବା ସମୟରେ ବରଯାତ୍ରୀଙ୍କ ଦ୍ୱାରା ଫୁଟା ଯାଉଥିବା ବାଣରୁ ନିଆଁ ଝୁଲ ଅଯୋଧ୍ୟା ହସ୍ପିଟାଲ ନିକଟ ଶୁଭ୍ରମଣ୍ୟମ ପରିଡ଼ାଙ୍କ ଘର ଉପରେ ପଡ଼ି ଘରଟି ଜଳିଯାଇଥିଲା। ନୀଳଗିରି ଦମକଳ ବାହିନୀ ନିଆଁ ଆୟତ୍ତ କରିବା ବେଳକୁ ଘରର ସମସ୍ତ ମୂଲ୍ୟବାନ ଜିନିଷ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଏନେଇ ଗତ ଶନିବାର ଶୁଭ୍ରମଣ୍ୟମଙ୍କ ପରିବାର ପକ୍ଷରୁ ନୀଳଗିରି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ଦୁଃଖଦ ଘଟଣାର ଖବର ପାଇ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପାଇବା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ଅଗ୍ନି ବିପନ୍ନଙ୍କ ଠାରେ ପହଞ୍ଚିଲେ ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ। ପରିଡ଼ାଙ୍କ ଘରେ ପହଞ୍ଚି ତମ୍ବୁ, ପିନ୍ଧିବା ଲୁଗା, ଶୀତବସ୍ତ୍ର, ଆର୍ଥିକ ସହାୟତା ଯୋଗାଇଦେବା ସହିତ ସରକାରୀସ୍ତରରେ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କରୁଣାକର ପଣ୍ଡା, ସୁଶାନ୍ତ ପରିଡ଼ା, ଜୀବନକୃଷ୍ଣ ସ, ସୁଶାନ୍ତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ମା’ ଲାଙ୍ଗୁଡ଼ିଆଶୁଣୀଙ୍କ ପୀଠରେ ଯଜ୍ଞ

ଖଇରା,୧୪।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରକୋଣା ଗ୍ରାମ ପଞ୍ଚାୟତ କେନ୍ଦୁଭଦଳୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ଲାଙ୍ଗୁଡିଆଶୁଣୀଙ୍କ ପୀଠରେ ପ୍ରଥମ ବାର୍ଷିକ ଯଜ୍ଞ ଓ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳେ ନିର୍ମଳ ଦାସ, ଗଦାଧର ଦାସ, ଦାଶରଥି ମହାନ୍ତି, ସଞ୍ଜୟ ଦାସ, ସୂର୍ଯ୍ୟକାନ୍ତ ଦାସ, ଚନ୍ଦ୍ରକାନ୍ତ ଦାସ ଓ ନବ କିଶୋର ସାହୁଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇ ଗ୍ରାମ ପରିକ୍ରମା ସହ ମା’ଙ୍କ ପୀଠରେ ପହଞ୍ଚିଥିଲା। ପୂଜକ ପ୍ରହ୍ଲାଦ ଦେଉରୀ ଓ ଶଶିକାନ୍ତ ଦେଉରୀଙ୍କ ଦ୍ୱାରା ମା’ଙ୍କର ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ନୃସିଂହ ପଣ୍ଡା, କେଶବ ପାଣି, ପୀତାମ୍ବର ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ ସମ୍ପୂର୍ଣ୍ଣ ହୋଇଥିଲା।

## ରାଉରକେଲାକୁ ହରାଇ କୋଲକାତା ଚାମ୍ପିୟନ

ବାରିପଦା,୧୪।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ପ୍ରଫୁଲ୍ଲନଗରସ୍ଥିତ ଲେଟ୍‌କଟ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କୋଲକାତାର ଏଲ୍‌ଆର୍‌ଏସ୍ ଟିମ ୬ ଉଇକେଟ୍‌ରେ ରାଉରକେଲାକୁ ପରାସ୍ତ କରି ଚାମ୍ପିୟନ ହୋଇଛି।

ରାଉରକେଲା ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ୍ ହରାଇ ୧୨୨ ରନ ସଂଗ୍ରହ କରିଥିଲା। ବିଜୟ ଲକ୍ଷ୍ୟ ପିଛା କରି କୋଲକାତା ୧୦ ଓଭରରେ ୪ ଉଇକେଟ ହରାଇ ୧୨୩ ରନ୍ ସଂଗ୍ରହ କରି ବିଜୟ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଅଙ୍କୁର ଚୌଧୁରୀ, ମ୍ୟାନ ଅଫ୍ ଦି ସିରିଜ ଓ ଶ୍ରେଷ୍ଠ ବୋଲର ଭାବେ ଗୌତମ ସୁନା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଭାବେ ରିସବ ଚୌଧୁରୀ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଚାମ୍ପିୟନ ଦଳକୁ ୧ ଲକ୍ଷ ଓ ଟ୍ରଫି ଏବଂ ରନର୍ସଅପ ଦଳକୁ ୮୦ ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଇଞ୍ଜିନିୟର ଇନ୍ ଚିଫ୍ ଇ. ସତ୍ୟବ୍ରତ୍ ବେହେରା, ସମ୍ମାନିତ ଅତିଥିଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ମୁଖ୍ୟଯନ୍ତ୍ରୀ ଅରବିନ୍ଦ ତ୍ରିପାଠୀ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପ ସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ ଦାଶ, ସହ ସମ୍ପାଦକ ଲକ୍ଷ୍ମୀଧର ନାୟକ,

### ସର୍ବଭାରତୀୟ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ସନ୍ତୋଷ ଅଗ୍ରୱାଲ, କାଶୀନାଥ ରଣା, ଶ୍ରୀକାନ୍ତ ବେହେରା, ବିଜୟ ଅଗ୍ରୱାଲ, ସଞ୍ଜୀବ ଦ୍ୱିବେଦୀ, ଇଂ. ମାନସ ସେଠୀ, ଇଂ. ରୋହନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସମରପ୍ରୀତ ପ୍ରଧାନ, ବିଶ୍ୱମ୍ବର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବା ବେଳେ ସୌରଜିତ ସାହୁ ସ୍କୋରିଂରେ ସହାୟତା କରିଥିଲେ। ସୁବ୍ରତ ଲେଙ୍କା, ସମରଜିତ ଗୋସ୍ୱାମୀ, ଅଜୟ ସିଂ, ପଲବିନ୍ଦର ସିଂହ, ଦିବ୍ୟାଲୋଚନ ଦାଶ, ଦିପାନ ମାଇତି, ପୱନ ଅଗ୍ରୱାଲ, ବିଜୟ ରାୟ, ଗୌରବ ମହାନ୍ତି, ବିଶ୍ୱଜିତ୍ ସାହୁ, ଶାନ୍ତନୁ କର ପ୍ରମୁଖ ସହଯୋଗ କରିଥିଲେ।

## ବାଇକ୍‌ରୁ ଖସି ମହିଳାଙ୍କ ମୃତ୍ୟୁ

ଭୋଗରାଇ,୧୪।୧୨ (ପ୍ରଦୀପ ଦାସ)

ବାଇକ୍‌ରୁ ଖସିପଡ଼ିବାରୁ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳେଶ୍ୱରପୁର ଗ୍ରାମର ସର୍ବେଶ୍ୱର ପ୍ରଧାନଙ୍କ ସ୍ତ୍ରୀ ସ୍ନେହଲତା(୫୪) ରବିବାର ମୃତ୍ୟୁ ଘଟିଛି। ସ୍ନେହଲତା ଘରୁ ତାଙ୍କ ସମ୍ପର୍କୀୟଙ୍କ ବାଇକ୍‌ରେ ବସି ବାଲିଆପାଳସ୍ଥିତ ବାପ ଘରକୁ ଯାଉଥିବା ସମୟରେ ଭୋଗରାଇ ଲକ ପାଖରେ ହମ୍ପସ ପାଖରେ ଗାଡ଼ିରୁ ତଳେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପୋଲିସ ମୃତଦେହ ଜବତ କରି ଜଳେଶରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଭୋଗରାଇ ଥାନାରେ ଏକ ମାମଲା(ନଂ. ୩୮୩/୨୫)ରୁଜୁ ହୋଇଛି।

## ମରଣଯନ୍ତା ବର୍ତ୍ତନା-ଧାନଘରପଦା ରାସ୍ତା

ଖଇରା,୧୪।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ପଞ୍ଚାୟତର ୨ ଗାଁ ଧାନଘରପଦା ଓ ଧେଡପଦାର ଅଧିବାସୀଙ୍କ ପାଇଁ ଶୋଚନୀୟ ରାସ୍ତା ପ୍ରମୁଖ ସମସ୍ୟା ପାଲଟିଛି । ପ୍ରତି ମୂହୁର୍ତ୍ତରେ ଯମ ଯନ୍ତ୍ରଣା ଦେଉଥିବା ଏହି ରାସ୍ତା ଗାଁ ଲୋକଙ୍କ ଚିନ୍ତା ବଢ଼ାଇଛି। ଏହାର ପ୍ରମୁଖ କାରଣ ହେଲା ରାତି ପାହିଲେ ସ୍କୁଲ ପିଲା ,ବ୍ୟବସାୟୀ ରାସ୍ତା ଦେଇ କିଭଳି ବାହାରିବେ ଏବଂ ରାତି ହେବା ପୂର୍ବରୁ ସମସ୍ତେ କିଭଳି ଘରକୁ ଫେରିବେ ତାକୁ ନେଇ ମନ ଭାରାକ୍ରାନ୍ତ। ନେତା ପ୍ରଶାସନ ସମସ୍ତଙ୍କୁ ଗୁହାରୀ କରି ସାରିଲେଣି। ୨ ଗ୍ରାମବାସୀଙ୍କ କଷ୍ଟ ଯନ୍ତ୍ରଣାକୁ ହୃଦୟଙ୍ଗମ କରି ସେମାନଙ୍କ ପାଇଁ ଯାତାୟାତ ଉପଯୋଗୀ ରାସ୍ତାର ବ୍ୟବସ୍ଥା କରିବାକୁ ୱାର୍ଡସଭ୍ୟା ରଞ୍ଜିତା ନାୟକ, ମୁକ୍ତିକାନ୍ତ ନାୟକ, ହରେକୃଷ୍ଣ ରାଉତ, ପ୍ରଦୀପ ନାୟକ, ବିନି ମଳିକ, ଜୟନ୍ତୀ ନାୟକ ପ୍ରମୁଖ ନିବେଦନ କରିଛନ୍ତି।


ଗ୍ରାମବାସୀ ଶୋଚନୀୟ ରାସ୍ତା ଦେଖାଉଛନ୍ତି।

ଉପରୋକ୍ତ ୨ଗ୍ରାମର ଲୋକସଂଖ୍ୟା ଆନୁମାନିକ ୬୦୦। ବର୍ତ୍ତନା-କୁପାରୀ ମୁଖ୍ୟ ସଡ଼କପଥରୁ ଗ୍ରାମର ଦୂରତା ପାଖାପାଖି ୧.୫ କି.ମି.। ୨୦୨୦ରେ ୫ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ମେଟାଲିଂ କରାଯାଇଥିଲା। ପରେ ୨୦୨୪ରେ ଏହି ରାସ୍ତାକୁ ପିଚୁ କରାଯିବାର ପ୍ରତିଶ୍ରୁତି ଦେଇ ଶାସକଦଳ ସମର୍ଥନ ମଧ୍ୟ ହାସଲ କରିଥିଲା। ତେବେ ୨ବର୍ଷ ହେଲା ପୁରୁଣା ମେଟାଲଗୁଡ଼ିକ ଏଣେ ତେଣେ ବିକ୍ଷିପ୍ତ ହୋଇ ପଡ଼ିରହିଥିବା କାରଣରୁ ବାଇକ୍ କିମ୍ବା ସାଇକେଲ ନେଇ ଯିବା ବିପଦ ସଙ୍କୁଳ ହୋଇପଡ଼ିଛି। ଗାଁକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ପଶିବା ମୁସ୍କିଲ। ଆମ୍ବୁଲାନ୍ସ ନ ଆସିବା କାରଣରୁ ପୂର୍ଣ୍ଣଚନ୍ଦ୍ର ବେଜଙ୍କ ସ୍ତ୍ରୀ ଏବଂ ପ୍ରଦୀପ ନାୟକଙ୍କ ସ୍ତ୍ରୀଙ୍କୁ ଗର୍ଭ ଯନ୍ତ୍ରଣାରେ ସୋର-କୁପାରୀ ରାସ୍ତାରେ ଛିଡ଼ା ହୋଇଥିବା ଆମ୍ବୁଲାନ୍ସ ପାଖକୁ ଟ୍ରଲିରେ ନିଆ ଯାଇଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମସ୍ତ ଗ୍ରାମବାସୀ ସରପଞ୍ଚ ଓ ସମିତି ସଭ୍ୟାଙ୍କୁ କହି ସାରିବା ପରେ ବିଧାୟକଙ୍କ ପାଖକୁ ମଧ୍ୟ ୨ଥର ଗଲେଣି। ହେଲେ ତାଙ୍କର ଦେଖା ମିଳି ପାରୁନାହିଁ ବୋଲି ଗ୍ରାମର ପ୍ରଦୀପ ନାୟକ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସରପଞ୍ଚ ବିଣାପାଣି ପଣ୍ଡା ଓ ସମିତିସଭ୍ୟ ରଶ୍ମିବାଳା କରଙ୍କୁ ପଚାରିବାରୁ ରାସ୍ତା ପାଇଁ ୯ଲକ୍ଷ ଟଙ୍କା ଦିଆଯାଇଛି। ଧାନକଟା ପରେ କାମ ଆରମ୍ଭ ହେବ ବୋଲି କହିଛନ୍ତି।

# କଟାମୁଣ୍ଡ: ମାଲକାନଗିରିରୁ ବିଧାନସଭା ହଇଚଇ



ବର୍ଷ ଶେଷବେଳକୁ ଜଣେ ଆଦିବାସୀ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣାକୁ ନେଇ ମାଲକାନଗିରି ଜିଲାଠୁ ଆରମ୍ଭକରି ବିଧାନସଭା ପର୍ଯ୍ୟନ୍ତ ହୁଲସ୍ଥୁଲ ହୋଇଥିଲା। କଟାମୁଣ୍ଡ ପାଇଁ ପ୍ରତିଶୋଧ ନିଆଁରେ ଜଳିଥିଲା ମାଲକାନଗିରି ଜିଲା। ଡିସେମ୍ବର ୪ ତାରିଖରେ କୋରୁକୋଣ୍ଡା ଥାନା ଅନ୍ତର୍ଗତ ପୋଟେରୁ ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣାକୁ ନେଇ ସମଗ୍ର ଜିଲା ଅଶାନ୍ତ ହୋଇପଡ଼ିଥିଲା। କଟାମୁଣ୍ଡକୁ ଯଥାଶୀଘ୍ର ଉଦ୍ଧାରକରି ପରିବାର ଲୋକଙ୍କୁ ହସ୍ତାନ୍ତର ଦାବିରେ ହଜାର ହଜାର ଆଦିବାସୀ ଏକଜୁଟ ହୋଇ ଏମ୍‌ଭି-୨୬ ଗାଁକୁ ସମ୍ପୂର୍ଣ୍ଣ ଜାଳିଦେଇଥିଲେ। ହିଂସା ବ୍ୟାପିବା ଆଶଙ୍କାରେ ସମଗ୍ର ଜିଲାରେ ୪ଦିନ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଡିଜିଙ୍କଠାରୁ ଆରମ୍ଭକରି ସମଗ୍ର ଜିଲା ପ୍ରଶାସନ ସେଠାରେ ଡେରା ପକାଇଥିଲେ। ଘଟଣାର ୬ ଦିନ ପରେ ଡିସେମ୍ବର ୧୦ ତାରିଖ ସକାଳେ ପୋଟେରୁ ନଦୀର ନାମକୋଣ୍ଡା ଘାଟରୁ ମହିଳାଙ୍କ କଟାମୁଣ୍ଡକୁ ଉଦ୍ଧାର କରାଯାଇଥିଲା। ଏହାର ଦିନକ ପରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମାଲକାନଗିରିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଶାନ୍ତି କମିଟି ବୈଠକରେ ଆଦିବାସୀ ମହାସଂଘ ଏବଂ ବଙ୍ଗାଳୀ ସମାଜ ନେତୃବୃନ୍ଦଙ୍କ ସହ ଆଲୋଚନା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ବିଧାନସଭା ଶୂନ୍ୟକାଳରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ପ୍ରସଙ୍ଗ ଉଠାଇବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଡେପୁଟି ରେଞ୍ଜରଙ୍କ ଘରୁ ବାହାରିଲା ନଗଦ ଦେଢ଼ କୋଟି ଟଙ୍କା

ଜଙ୍ଗଲ ସୁରକ୍ଷା ବଦଳରେ ସରକାରୀ କ୍ଷମତାର ଦୁରୁପଯୋଗକରି ଘରେ ଦେଢ଼କେଜି ସୁନା, ସାଢ଼େ ୩ କେଜି ରୁପା ଠୁଳ କରିବା ସହ ସିକ୍ରେଟ୍ ଚାମ୍ବରରେ ପ୍ରାୟ ଦେଢ଼ କୋଟି ଟଙ୍କା ଲୁଚାଇ ରଖିଥିବାରୁ କୋରାପୁଟ ଜିଲା ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ୍‌ଙ୍କୁ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଥିଲା।



୫ ମାସରେ ଚାକିରିରୁ ଅବସର ନେବା ପୂର୍ବରୁ ଭିଜିଲାନ୍ସ ହାତରେ ସେ ଧରାପଡ଼ିଥିଲେ। ଠାବହୋଇଥିବା ବିପୁଳ ସମ୍ପତ୍ତି ରାମଚନ୍ଦ୍ରଙ୍କ ପ୍ରକୃତ ଆୟଠାରୁ ୫୦୧ ପ୍ରତିଶତ ଅଧିକ ଥିଲା। ଅଭିଯୁକ୍ତ ରାମଚନ୍ଦ୍ରଙ୍କୁ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ରାମଚନ୍ଦ୍ରଙ୍କ ଭୁବନେଶ୍ୱର ଓ ଜୟପୁରର ୬ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ରାମଚନ୍ଦ୍ରଙ୍କ ଜୟପୁର ଟାଉନ ପିଆର୍ ପେଟା ଏନ୍‌କେଟି ରୋଡ୍‌ରେ ଏକ ୩ ମହଲା କୋଠା, ଭୁବନେଶ୍ୱର ରଘୁନାଥପୁର ଜାଲିରେ ଏକ ଫ୍ଲାଟ୍ ଓ ଜୟପୁର ଟାଉନ ପିଆର୍ ପେଟାସ୍ଥିତ ଏକ ୨ଟି ୨ ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଥିଲା। ଘରୁ ମୋଟ ୧ କୋଟି ୪୩ ଲକ୍ଷ ୩୪ ହଜାର ଟଙ୍କା, ୧.୫ କେଜି ସୁନା ଓ ୪.୬୩୭ କେଜି ରୁପା ମିଳିଥିଲା। ସେହିପରି ଜୟପୁର ଟାଉନ୍‌ରେ ୨ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଥିଲା।

ବିଦାୟ ନେବାକୁ ଯାଉଛି ୨୦୨୫। ବିଦାୟୀ ବର୍ଷ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ଅନ୍ଧବିଶ୍ୱାସ ଏବଂ ହିଂସାର ଛାପ ଛାଡ଼ିଯାଉଛି। ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ଘଟଣାରେ ମାଲକାନଗିରି ଜିଲାର ଏମ୍‌ଭି-୨୬ ଗାଁରେ ହିଂସାର ନିଆଁ ଦେଖିବାକୁ ମିଳିଥିଲା। ଏହି କଟାମୁଣ୍ଡକୁ ନେଇ ମାଲକାନଗିରିରୁ ବିଧାନସଭା ଯାଏ ହଇଚଇ ସୃଷ୍ଟି ହୋଇଛି। ବର୍ଷ ଆରମ୍ଭରେ ଅନ୍ଧବିଶ୍ୱାସରେ ମାସକର ଶିଶୁ ଦେହରେ ଦିଆଯାଇଥିଲା ୪୦ ଚେଙ୍କ। ଆଦିବାସୀ ପରମ୍ପରା ନାଁରେ ପ୍ରେମୀ ଯୁଗଳଙ୍କୁ ଦିଆଯାଇଥିଲା ବଳଦଦଣ୍ଡ। ଏହି ବିଦାୟୀ ବର୍ଷରେ ପିନାକୀ ମିଶ୍ର ଓ ଅନୁଭବ ମହାନ୍ତିଙ୍କ ଭଳି ରାଜନେତା ସେମାନଙ୍କ ଜୀବନର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ବେଳେ ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ୫୦ ବର୍ଷ ବୟସରେ ବିବାହ କରିଥିଲେ। ସେହିଭଳି କୋରାପୁଟର ପ୍ରାକୃତିକ ସୌନ୍ଦର୍ଯ୍ୟ ଏହି ବର୍ଷ ତେଲୁଗୁ ସିନେ ନିର୍ମାତାଙ୍କୁ ଜିଲାକୁ ଟାଣି ଆଣିଥିଲା।

## ଦୁର୍ଦ୍ଦାନ୍ତ ମାଓବାଦୀ ନେତା ହିଡ଼ିମା ନିହତ

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ଓ ଆନ୍ଧ୍ରପ୍ରଦେଶ ଆଲୁରି ସୀତାରାମ ରାଜୁ ଜିଲାରେ ଏନ୍‌କାଉଣ୍ଟରରେ କୁଖ୍ୟାତ ମାଓବାଦୀ ନେତା ମାଡଭି ହିଡ଼ିମା ଓ ତାଙ୍କ ସ୍ତ୍ରୀ ରାଜେ ଓରଫ୍ ରାଜାକ୍କା ନିହତ ହୋଇଥିଲେ। ୨୦୧୩ ଦରଭା ଉପତ୍ୟକା ହତ୍ୟାକାଣ୍ଡ ଓ ୨୦୧୭ ସୁକ୍‌ମା ଆକ୍ରମଣ ସମେତ ୨୬ଟି ଘାତକ ଆକ୍ରମଣ ପାଇଁ ଦାୟୀ ହିଡ଼ିମା ଦୀର୍ଘ ସମୟ ଧରି ସୁରକ୍ଷା ବାହିନୀର ନଜରରେ ଥିଲେ। ହିଡ଼ିମା ଓ ତାଙ୍କ ସ୍ତ୍ରୀ ରାଜେ ମାଓବାଦୀ ସଂଗଠନ କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ। ହିଡ଼ିମାଙ୍କ ଉପରେ ଛତିଶଗଡ଼ ସରକାର ୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏହି ଏନ୍‌କାଉଣ୍ଟରରେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ଆଉ ୨ ଟପ୍ ମାଓବାଦୀ ଚେଲ୍ଲୁରି ନାରାୟଣ ଓରଫ ସୁରେଶ ଓ ଶଙ୍କର ଆନ୍ନା ମଧ୍ୟ ପ୍ରାଣ ହରାଇଥିଲେ। ସୁରକ୍ଷା କର୍ମୀଙ୍କ ଲଗାତର ସର୍ଚ୍ଚ ଅପରେଶନ ଓ ଏନ୍‌କାଉଣ୍ଟର ମାଓ ସଂଗଠନର ମୂଳଦୁଆକୁ ଦୋହଲାଇ ଦେଇଥିଲା। ହିଡ଼ିମା ଓ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପରେ ମାଓବାଦୀମାନେ ଭୟଭୀତ ହୋଇ ଆତ୍ମସମର୍ପଣକରି ମୁଖ୍ୟ ସ୍ରୋତରେ ସାମିଲ ହୋଇଥିଲେ।





## ଚେଙ୍କ ବର୍ବରତା

ନବରଙ୍ଗପୁରର କେତେକ ଅଞ୍ଚଳରେ ପୁଣି ଅନ୍ଧବିଶ୍ୱାସ ନାଁରେ ଚେଙ୍କ ଚିକିତ୍ସା ବର୍ବରତା ଦେଖିବାକୁ ମିଳିଥିଲା। ମାର୍ଚ୍ଚ ମାସରେ ଚନ୍ଦାହାଣ୍ଡି ବ୍ଲକ୍ ପୁଣ୍ଡେଲଗୁଡ଼ା ଗାଁରେ ମାସକର ଶିଶୁକୁ ୪୦ ଚେଙ୍କ ଦିଆଯାଇଥିଲା। ପିଲାଟି ନ କାନ୍ଦିବାରୁ ପରିବାର ଲୋକେ ପିଲାଟିର ପେଟରେ ଚେଙ୍କ ଦେଇଥିଲେ। ଏହାକୁ ନେଇ ସେତେବେଳେ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହାର ୨ ଦିନ ପରେ ରାଇଘର ବ୍ଲକ ଚଢ଼େଇପାରା ଗ୍ରାମର ୬ ବର୍ଷର ଝିଅ ପେଟରେ ୬୦ରୁ ଊର୍ଦ୍ଧ୍ୱ ଚେଙ୍କ ଦିଆଯାଇଥିଲା। ଝିଅଟିର ପେଟ ବ୍ୟଥା ହେଉଥିବାରୁ ଦିଶାରୀଙ୍କ ପାଖରେ ୬୦ଟି ଚେଙ୍କ ଦିଆଯାଇଥିଲା। ଏହି ଘଟଣାରେ ତାଙ୍କ ଆଈଙ୍କୁ ଗିରଫ କରାଯାଇଥିଲା।

## ଉତ୍ତରାଖଣ୍ଡରେ ରାୟଗଡ଼ା ଯୁବତୀଙ୍କୁ ହତ୍ୟା

ଉତ୍ତରାଖଣ୍ଡର ଲାଲପୁରସ୍ଥିତ ଅଞ୍ଚଳରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇ ମୃତଦେହକୁ ଏକ ନଦୀରେ ଫିଙ୍ଗି ଦିଆଯାଇଥିଲା। ଜେକେପୁର ସହରର ସୃଷ୍ଟି ଶର୍ମା (୨୩) ଉତ୍ତରାଖଣ୍ଡର ଲାଲପୁରସ୍ଥିତ ଏକ କମ୍ପାନୀରେ ଇର୍ଣ୍ଟର୍ନସିପ ଟ୍ରେନିଂ କରିବାକୁ ଯାଇ ଏକ ଘର ଭଡ଼ା ନେଇ ରହୁଥିଲେ। ନଭେମ୍ବର ୪ ତାରିଖରେ ଘରେ କେହି ନ ଥିବାର ସୁଯୋଗ ନେଇ ଘର ମାଲିକଙ୍କ ପୁଅ ଅମିତ ସିଂହ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏଥିରେ ସଫଳ ନ ହେବାରୁ ଅପରାଧ ଲୁଚାଇବା ପାଇଁ ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ମୃତଦେହକୁ ନଦୀରେ ଫିଙ୍ଗି ଦେଇଥିଲେ।



## ରାୟଗଡ଼ାରେ ନୂଆ ରେଳ ଡିଭିଜନ

କେନ୍ଦ୍ର ସରକାର ନୂଆ ବର୍ଷ ଆରମ୍ଭରେ ରାୟଗଡା ଜିଲାକୁ ଦେଇଥିଲେ ବଡ଼ ଭେଟି। ଜାନୁଆରୀ ୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାୟଗଡ଼ାରେ ରେଳ ଡିଭିଜନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାର ଦିନକ ପରେ ଜାନୁଆରୀ ୭ ତାରିଖରେ ଡିଆରଏମ୍ ନିଯୁକ୍ତି ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ରେଳ ଡିଭିଜନ୍ କାର୍ଯ୍ୟକ୍ଷମ ହେଲେ ଦକ୍ଷିଣ ଓଡ଼ିଶାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ରାୟଗଡ଼ା ଜିଲା। ଶିଳ୍ପ ବିକାଶ, ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଅଗ୍ରଣୀ ଲାଭ କରିବ ପଡ଼ୋଶୀ ଜିଲା କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ଗଜପତି। ପ୍ରଥମ ପର୍ଯ୍ୟାୟରେ ୧୦୭ କୋଟି ଟଙ୍କା ବ୍ୟୟରେ ଡିଭିଜନ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ହେବ। ରାୟଗଡା ରେଳ ଡିଭିଜନ ଅଧୀନରେ ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡା ଓ ଗଜପତି ଜିଲା ସମେତ ଛତିଶଗଡ ରାଜ୍ୟର କିରଣ୍ଡୁଲ ପର୍ଯ୍ୟନ୍ତ ରହିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଥିଲେ।

## ଇଞ୍ଜେକ୍‌ଶନ ନେଲା ୬ ଜୀବନ

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭୁଲ୍ ଇଞ୍ଜେକ୍‌ଶନ ନେବାର ଦେଢ଼ ଘଣ୍ଟା ମଧ୍ୟରେ ୫ଜଣଙ୍କର ଓ ଭୋରରୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ଜିଲାର ବୋରିଗୁମ୍ମା ବ୍ଲକ୍ ବଡ଼ପିଣ୍ଡାପଦର ଭଗବାନ ପୂଜାରୀ, ମୀନାଗୁଡ଼ାର ରୁକ୍ମିଣୀ ପେଣ୍ଟିଆ, ସେମିଳିଗୁଡ଼ା ଜଗମଗୁଡ଼ାର ଶୁକ୍ରା ମାଝୀ, କଳାହାଣ୍ଡି ଜିଲା କକସରାର ଫୁଲମତି ମାଝୀ, କୋରାପୁଟ ମାଛରା ଅଞ୍ଚଳର ବତି ଖରା, ବୋରିଗୁମ୍ମା ଦାବୁଗୁଡ଼ାର ଜଗନ୍ନାଥ ପୂଜାରୀ ମେଡିକାଲରେ ବିଭିନ୍ନ କାରଣରୁ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରୁ ଫୁଲମତି, ଶୁକ୍ରା ଓ ରୁକ୍ମିଣୀ ଆଇସିୟୁରେ ଥିଲେ। ସେହିପରି ବତୀ, ଜଗନ୍ନାଥ ଓ ଭଗବାନ ସାଧାରଣ ୱାର୍ଡରେ ରହି ଚିକିତ୍ସିତ ହେଉଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ରହ୍ମପୁର ଓ କଟକରୁ ୨ଟି ଡିଏମ୍‌ଏଲ୍‌ଟି ଟିମ୍ କୋରାପୁଟରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଘଟଣାକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମେଡିକାଲ କଲେଜରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମନ୍ତ୍ରୀ ମହାଲିଙ୍ଗ ମେଡିକାଲର ସର୍ଜରି ୱାର୍ଡ ପରିଦର୍ଶନ କରି ସେବା ବିଷୟରେ ରୋଗୀମାନଙ୍କ ସହ କଥା ହୋଇଥିଲେ। ପରେ ହସ୍ପିଟାଲରେ ଥିବା ଔଷଧର ମାନ ଯାଞ୍ଚ କରିଥିଲେ। ଏହି ସମୟରେ କଂଗ୍ରେସ ମେଡିକାଲର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଚାହୁଁଥିବା ବେଳେ ମନ୍ତ୍ରୀ ତାଙ୍କୁ ସୁଯୋଗ ନ ଦେବାରୁ ଦଳ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ଏହି ସରକାରରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିଗିଡିଯାଇଥିବା କହି କଂଗ୍ରେସ ସମାଲୋଚନା କରିଥିଲା।



## ଟଲିଉଡ୍ ନିର୍ଦ୍ଦେଶକଙ୍କ ପ୍ରଥମ ପସନ୍ଦ କୋରାପୁଟ

ଚଳିତବର୍ଷ ତେଲୁଗୁ ସିନେ ନିର୍ଦ୍ଦେଶକଙ୍କ ଫିଲ୍ମ ଶୁଟିଂ ପାଇଁ କୋରାପୁଟ ଜିଲା ପ୍ରଥମ ପସନ୍ଦ ରହିଥିଲା। ସେମିଳିଗୁଡା ବ୍ଲକ୍ ତଳମାଳି ପାହାଡ଼ରେ ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରି ଡାଇରେକ୍ଟର ଏସ୍.ଏସ୍.ରାଜାମୌଳୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏସ୍‌ଏସ୍‌ଏମ୍‌ବି୨୯ ଫିଲ୍ମର ଶୁଟିଂ ହୋଇଥିଲା। ତେଲୁଗୁ ସୁପରଷ୍ଟାର ମହେଶ ବାବୁ ଓ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଶୁଟିଂ କରିଥିଲେ। ଏଭଳି ଅନ୍ୟ କିଛି ଫିଲ୍ମ ସହ ତେଲୁଗୁ ଅଭିନେତ୍ରୀ ଅନୁଷ୍କା ସେଟ୍ଟିଙ୍କ ଅଭିନୀତ ଓ ବିଗ୍ ବଜେଟ୍ ଫିଲ୍ମ 'ଘାଟି'ର ଶୁଟିଂ ମଧ୍ୟ ଜିଲାରେ ଶୁଟ୍ ହୋଇଥିଲା।




## ସଙ୍ଗୀତାଙ୍କୁ ଜୀବନସାଥୀ କଲେ ପ୍ରଦୀପ

ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ମାର୍ଚ୍ଚ ୧୨ ତାରିଖରେ ବାନ୍ଧବୀ ସଙ୍ଗୀତା ସାହୁଙ୍କୁ ବିବାହ କରିଥିଲେ। ସଙ୍ଗୀତାଙ୍କ ଘର କେନ୍ଦ୍ରାପଡ଼ା ଜିଲାରେ ହୋଇଥିବାବେଳେ ସେମାନେ ଗୋଆସ୍ଥିତ ପଞ୍ଜିମ କେଡିନା ହାଉସ୍‌ରେ ଡେଷ୍ଟିନେଶନ ୱେଡିଂ କରିଥିଲେ। ପ୍ରଦୀପଙ୍କ ବାପା ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝୀ, ଭାଇ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ମାଝୀଙ୍କ ସହ ଉଭୟ ପରିବାରର ସଦସ୍ୟ ଓ କେତେଜଣ ହାତଗଣତି ଲୋକ ଏହି ବିବାହରେ ସାମିଲ ହୋଇଥିଲେ। ପ୍ରଦୀପଙ୍କ ବିବାହକୁ ନେଇ ସେତେବେଳେ କିନ୍ତୁ ନବରଙ୍ଗପୁରରେ ବେଶ୍ ଚର୍ଚ୍ଚା ହୋଇଥିଲା। ଏହି ବିବାହ ପରେ ପ୍ରଦୀପ ଓ ତାଙ୍କ ପରିବାରକୁ ଆଦିବାସୀ ସମାଜ ପକ୍ଷରୁ ବାସନ୍ଦ କରାଯାଇଥିଲା।

## ପ୍ରେମ କରିବାରୁ ବଳଦ ଦଣ୍ଡ

ସାମାଜିକ ସଂସ୍କାର ଏବେ ମଧ୍ୟ ଦୂରୀଭୁତ ହୋଇନାହିଁ। ପ୍ରେମକଲେ ବୋଲି ଗାଁ ଦାଣ୍ଡରେ ବଳଦ ଭଳି ପ୍ରେମୀଯୁଗଳଙ୍କୁ ହଳ କରାଇଲେ। ବାଉଁଶରେ ତିଆରି ହୋଇଥିବା ହଳ, ଲଙ୍ଗଳ ପକାଇ ଦୁଇପଟେ ଯୁବତୀ ଯୁବକଙ୍କୁ ବାନ୍ଧି ହଳ କରାଇଲେ। ସମ୍ପର୍କୀୟ ପିଉସୀ ଓ ପୁତୁରାଙ୍କ ପ୍ରେମ ସମ୍ପର୍କକୁ ନେଇ ଗାଁ ଲୋକେ ବୈଠକ କରି ପ୍ରେମୀଯୁଗଳଙ୍କୁ ଏଭଳି ଦଣ୍ଡ ଦେଇଥିଲେ। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକର ସିକରପାଇ ପଞ୍ଚାୟତ ଅନ୍ତର୍ଗତ କଞ୍ଚାମଯୋଡ଼ି ଗ୍ରାମରେ ଗତ ଜୁଲାଇ ୧୧ ତାରିଖରେ ଏଭଳି ଘଟଣା ଚଳିତବର୍ଷ ଚର୍ଚ୍ଚାର ବିଷୟ ପାଲଟିଥିଲା। ସେହିପରି କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ୍ ବୋରିଗୀ ପଞ୍ଚାୟତ ପେଦା ଇଟିକି ଗ୍ରାମରେ ଏକ ବଂଶରେ ପ୍ରେମ ବିବାହ କରିଥିବାରୁ ଦୋଷ ଖଣ୍ଡନ କରିବାକୁ ବଳଦ ଦଣ୍ଡ ଦିଆଯାଇଥିଲା।



## ସଂକ୍ଷେପରେ

### ଡାକ୍ତର ନାହାନ୍ତି, ରୋଗୀ ହନ୍ତସନ୍ତ

**କରଞ୍ଜିଆ,୧୪।୧୨(କବିତା ମହାନ୍ତ)**

କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାରେ ନିଯୁକ୍ତ ଜଣେ ଡାକ୍ତରଙ୍କୁ ଡେପୁଟେସନରେ ଅନ୍ୟତ୍ର ପଠାଯାଇଥିବାରୁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଡାକ୍ତରଖାନା ଉତ୍ତରଓଡ଼ିଶାର ଏକ ପ୍ରମୁଖ ସରକାରୀ ଡାକ୍ତରଖାନା। ଉପଖଣ୍ଡ ଅଧୀନ ୫ଟି ବ୍ଲକ୍, ନିକଟସ୍ଥ କେନ୍ଦୁଝର ଜିଲାର ଅନେକ ଅଞ୍ଚଳ ଓ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ଲୋକେ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ଦୀର୍ଘ ଦିନ ଧରି ଏହି ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ କେତେଜଣ ଡାକ୍ତର ଓ କର୍ମଚାରୀଙ୍କୁ ନିଯୁକ୍ତି ମିଳିଥିଲା। ତେବେ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ହୋଇ ପାରିନାହିଁ। କର୍ଣ୍ଣ, ନାସା ଓ ଗଳା ବିଭାଗ ବିଶେଷଜ୍ଞ ଡା. ବୀରକିଶୋର ଜ୍ୟୋତିଷୀଙ୍କୁ ଏଠାରେ ନିଯୁକ୍ତି ମିଳିବା ପରେ ରୋଗୀମାନେ ଉପକୃତ ହେଉଥିଲେ। ଏହି ଡାକ୍ତରଙ୍କୁ ଏଠାରୁ ଡେପୁଟେସନରେ ଅନ୍ୟସ୍ଥାନକୁ ପଠାଯାଇଛି। ତାଙ୍କ ଅନୁପସ୍ଥିତିରେ ରୋଗୀମାନେ ନାନା ସମସ୍ୟା ଭୋଗୁଛନ୍ତି। ଗରିବ ଲୋକ ଚିକିତ୍ସା ପାଇଁ ବାହାରକୁ ଯାଇପାରୁନାହାନ୍ତି। ଏଣୁ ଡା. ଜ୍ୟୋତିଷୀଙ୍କୁ ପୂର୍ବପରି କରଞ୍ଜିଆ ଡାକ୍ତରଖାନାକୁ ଫେରାଇ ଆଣିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ସିଭିଲ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ରାଇରଙ୍ଗପୁର,୧୪।୧୨(ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସିଭିଲ କୋର୍ଟ ପରିସରରେ ରାଇରଙ୍ଗପୁର ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ଡ. ଭି. ସୁଜାତାଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ମାମଲା, ବ୍ୟାଙ୍କି ଅର୍ଥ, ଋଣ, ବିବାହ ବିଚ୍ଛେଦ ମାମଲା, ଚେକ୍ ବାଉନ୍ସ ଏବଂ ବିଭିନ୍ନ ସିଭିଲ କେଶ ସର୍ବମୋଟ ୨୦୩ ଗୋଟି ମାମଲା ମଧ୍ୟରୁ ୧୩୩ଟିର ବିଚାର କରାଯାଇ ସମାଧାନ କରାଯାଇଥିଲା। ବ୍ୟାଙ୍କ ଚେକ୍‌ବାଉନ୍ସ ଅପରାଧୀ ମାମଲାରେ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସିନିୟର୍ ସିଭିଲ ଜଜ୍ ଆଲୋକ ପଣ୍ଡା, ରାଇରଙ୍ଗପୁର ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ (ଏସ୍‌ଡିଜେଏମ୍) ମନିନ୍ଦ୍ର ଭୂଷଣ ସାହୁ, ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ୍ ଚେତନା ପଟ୍ଟନାୟକ ପ୍ରମୁଖ ମାମଲା ପରିଚାଳନା କରିଥିଲେ। ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସିଭିଲ କୋର୍ଟର ବିଭିନ୍ନ ପଦାଧିକାରୀ କର୍ମଚାରୀ ସହାୟତା କରିଥିଲେ।

# ଆରମ୍ଭ ହେଲା ଉଦଳା ମହୋତ୍ସବ ଧୁମୁସା



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ଉଦଳା,୧୪।୧୨(ସନ୍ତୋଷ କୁମାର ବାଞ୍ଛିନୀ)**

ଉପଖଣ୍ଡସ୍ତରୀୟ ଉଦଳା ମହୋତ୍ସବ ଧୁମୁସା ରବିବାର ଆରମ୍ଭ ହୋଇଛି। ଉଦଘାଟନୀ ଉତ୍ସବରେ ଏକ ବଡ଼ କାର୍ଣ୍ଣିଭାଲ ଉଦଳା ଗୌଡିୟ ମଠଠାରୁ ବାହାରି ଧୁମୁସା ମଞ୍ଚ ନିକଟରେ ପହଞ୍ଚିଥିଲା। ଉଦଳା ବିଧାୟକ ଭାସ୍କର ମଢେଇ, ଉପଜିଲାପାଳ ସୁଶାନ୍ତ ବାରିକଙ୍କ ସହିତ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ। ଆଦିବାସୀ ନୃତ୍ୟ ସହିତ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ନାଚିଥିଲା ଉଦଳା। ଏହା ସହିତ ବିଭିନ୍ନ କଲେଜ ଛାତ୍ରୀଛାତ୍ର ମଧ୍ୟ ଏହି କାର୍ଣ୍ଣିଭାଲରେ ସାମିଲ ହୋଇଥିଲେ। ଉଦଘାଟନୀ ସନ୍ଧ୍ୟାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବଡ଼ସାହି ବିଧାୟକ ସନାତନ ବିଜୁଳି, ଉଦଳା ବିଧାୟକ ଭାସ୍କର ମଢେଇ, ଉଦଳା ଏନଏସି ନଗରପାଳିକା ପ୍ରମିଳା ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ମହାପାତ୍ରଙ୍କ ସମେତ ଉଦଳା ବିଧାୟକ, ବଡ଼ସାହି ବିଧାୟକ, ଏନଏସି ନଗରପାଳିକା, ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସୋରେନ, ପୂର୍ବତନ ଭାଜପା ଜିଲା ସଭାପତି କାନ୍ହା ସୋରେନ, ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଉପଜିଲପାଳ ସୁଶାନ୍ତ କୁମାର ବାରିକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଧୁମୁସା ମହୋତ୍ସବର ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲାଏବଂ ଧୁମୁସା ବେଲୁନ ଉଡ଼ା ଯାଇଥିଲା। ପରେ ବିଭିନ୍ନ କଲେଜ ସହିତ ଆଞ୍ଚଳିକ ସାଂସ୍କୃତିକ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କଳାକାର ଅସୀମା ପଣ୍ଡାଙ୍କ ସଙ୍ଗୀତରେ ଝୁମିଥିଲେ ସମସ୍ତେ। ଏହି ମହୋତ୍ସବି ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଉପରେ କୁଇଜ୍ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ପ୍ରତିଯୋଗୀମାନେ।

**ବାରିପଦା,୧୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାର ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ(ଜୁବିଲୀ ଲାଇବ୍ରେରୀ) ପରିସରରେ ରବିବାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୀବନୀ, ପ୍ରଶାସନିକ ଦୃଷ୍ଟିକୋଣ, ଐତିହାସିକ ଅବଦାନ ଓ ଦୀର୍ଘସ୍ଥାୟୀ ଐତିହ୍ୟକୁ ଉଜାଗର କରାଇବାକୁ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରୀ ମହିଳା ମହାବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା ମହାବିଦ୍ୟାଳୟ ସହ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଲାଇବ୍ରେରୀର ସଦସ୍ୟ ଆର୍କିଟେକ୍ଟ ମନୋଜ କୁମାର କୁଅଁରବାବୁଙ୍କ ଦ୍ୱାରା ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ ପରିଚାଳନା ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ୧୭ ତାରିଖରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜନ୍ମବାର୍ଷିକୀ ଉତ୍ସବ ପାଳନ ଅବସରରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ପ୍ରଥମ ୩ ବିଜେତାଙ୍କୁ ବିଜେତା ପ୍ରମାଣପତ୍ର ପ୍ରଦାନ କରାଯିବ।

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ବୈଶିଙ୍ଗା,୧୪।୧୨(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମାସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଆୟୋଜିତ ହୋଇଯାଇଛି। ଉତ୍ସବକୁ ମୁଖ୍ୟ ଅତିଥିଭାବରେ ଅଁଳା ପଞ୍ଚାୟତ ସରପଞ୍ଚ ସପ୍ନା ସିଂ ଯୋଗଦେଇ ପତାକା ଉତ୍ତୋଳନ ପୂର୍ବକ ଉଦ୍‌ଘାଟନ କରି ଚିତ୍ତାକର୍ଷକ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ସଂଯୋଜନାରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଅତୁଲ ମିଶ୍ର, ବରିଷ୍ଠ ଶିକ୍ଷକ ରାଜକିଶୋର ଦାସ, ପ୍ରଫୁଲ୍ଲ ମିଶ୍ର, ନିରଞ୍ଜନ ବାରିକ, ବଂଶୀଧର ଗିରି ଅତିଥିଭାବରେ ଯୋଗଦେଇ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ତଥା ଦୈନନ୍ଦିନ ଜୀବନରେ କ୍ରୀଡ଼ାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଶପଥ ପାଠ ପରେ ବିଭିନ୍ନ ବିଭାଗରେ ଛାତ୍ରୀଛାତ୍ର ନିଜ ନିଜର କ୍ରୀଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ୨୫୦ରୁ ଊର୍ଦ୍ଧ୍ୱ ପିଲାଙ୍କ ମଧ୍ୟରେ ଅନୁଷ୍ଠିତ ଏହି ବାର୍ଷିକ କାର୍ଯ୍ୟକ୍ରମକୁ ଶିକ୍ଷକ ହରେକୃଷ୍ଣ ମହାନ୍ତ, ତରିଣୀ କାନ୍ତ ମହାନ୍ତ, ଶୁଭବନ୍ତ ନାୟକ ଓ ଶୁଭାଶିଷ ପଣ୍ଡା ପରିଚାଳନା କରୁଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତି ବିଜେତାଙ୍କୁ ଆଗାମୀ ୧୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ପ୍ରଧାନଶିକ୍ଷକ ଅଜିତ କୁମାର ଜେନା ସୂଚନା ପ୍ରଦାନ କରିଛନ୍ତି।

## ମାଗଣା ଆଖି ପରୀକ୍ଷାକଲେ ୯୫ ଜଣ

**ବଡ଼ସାହି,୧୪।୧୨(ସମ୍ବିତ କୁମାର ରାଉତ)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ମାନଗୋବିନ୍ଦପୁର ପଞ୍ଚାୟତରେ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର ଦ୍ୱାରା ବିଶାଳ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ୯୫ ଜଣ ଗରିବ ଲୋକଙ୍କ ମାଗଣା ଆଖି ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା। ୧୦୦ ଜଣଙ୍କୁ ପରେଶ ଦଳେଇ, ଦେବବ୍ରତ ରଥ, ନୀଳମାଧବ ବସ୍ତ୍ର ମାଲିକଙ୍କ ଦ୍ୱାରା କମ୍ବଳ ବଣ୍ଟନ କରାଯାଇଥିଲା। ଏଥିରେ ଡା. କିଶୋର ଚନ୍ଦ୍ର ମହାପାତ୍ର, ସର୍ବେଶ୍ୱର ଜେନାଙ୍କ ସହିତ ସମସ୍ତ ପୁରୁଷ, ମହିଳା କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିୟମିତ ଭାବେ ବହୁ ସେବା ମୂଳକ ଜନ କଲ୍ୟାଣ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନରେ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା ଅନୁଷ୍ଠାନଟି ବଡ଼ସାହି ବ୍ଲକସ୍ତରରେ ଅଗ୍ରଣୀ ଭୂମିକା ନେଇ ଆଗେଇ ଚାଲିଛି। ଆଗାମୀ ଦିନରେ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଏଥି ମଧ୍ୟରୁ ବାର୍ଷିକ ଉତ୍ସବ ତଥା ବନ୍ଧୁମିଳନ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି ବୋଲି ସଭାପତି, ସମ୍ପାଦକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି।

## ବିଶ୍ୱବିଦ୍ୟାଳୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ବାରିପଦା,୧୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କ୍ୟାରିଅର୍ କାଉନସେଲିଂ ସେଲ ଦ୍ୱାରା 'ଛତୁ ଉତ୍ପାଦନ ଏବଂ ଚାଷ ପ୍ରଣାଳୀ' ଶୀର୍ଷକ ଏକ ସପ୍ତାହ ବ୍ୟାପୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। ଏହି ପ୍ରଶିକ୍ଷଣ ଛାତ୍ରୀଛାତ୍ରମାନଙ୍କର କ୍ୟାରିଅର୍ ଗଠନରେ ସହାୟକ ହେବ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଓୟୁଏଟି ପ୍ଲାଣ୍ଟ ପାଥୋଲୋଜିର ପୂର୍ବତନ ପ୍ରଫେସର କେ.ବି.ମହାପାତ୍ର ଯୋଗଦେଇ ଛତୁ ଚାଷ ଏକ ଲାଭଜନକ ଓ କମ୍ ଖର୍ଚ୍ଚରେ ହେଉଥିବା କୃଷି ବ୍ୟବସାୟ, ଯାହାକୁ ଯୁବପିଢ଼ି ଗ୍ରହଣ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ ପିଏମ୍ ଉଷା ସଂଯୋଜକ ପ୍ରଫେସର ଇନ୍ଦ୍ରଜିତ ନାଏକ, କାର୍ଯ୍ୟକ୍ରମ ସଂଯୋଜକ ତଥା କ୍ୟାରିଅର୍ କାଉନସେଲିଂ ସେଲ ସଂଯୋଜକ ପ୍ରଫେସର ସୁକାନ୍ତ କୁମାର ନାୟକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ କଲେଜର ୪୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, ବିଶ୍ୱବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ବିଦ୍ୟାଳୟର ବାର୍ଷିକୋତ୍ସବ

**ମୋରଡ଼ା,୧୪।୧୨(ସ୍ମାରକ ମାଜୀ)**



ଜଣେ କୃତୀଛାତ୍ରୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତ ମହୁଲବର୍ଣ୍ଣିସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୪୫ତମ ବାର୍ଷିକ କ୍ରୀଡ଼ା ଶୁକ୍ରବାର ଏବଂ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ କ୍ରୀଡ଼ା ଦିବସରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଲକ୍ଷ୍ମୀଧର ମହାନ୍ତ, ସମ୍ମାନିତ ଅତିଥିଭାବେ ପୂର୍ବତନ ଖେଳ ଶିକ୍ଷକ ଦୈତାରୀ ମହାନ୍ତ, ପୂର୍ବତନ ପ୍ରଧାନ ଶିକ୍ଷକ ବିପିନଚନ୍ଦ୍ର ମହାନ୍ତ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସେହିପରି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମର୍ତ୍ତ୍ୟ କୁମାର ପାଳ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ମୋରଡ଼ା ବ୍ଲକ୍ ଅଧ୍ୟକ୍ଷ ପୀଥନାଥ ସୋରେନ, ଚିତ୍ରଡ଼ା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ରିଡର ପୂର୍ଣ୍ଣଚନ୍ଦ୍ର ସି ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ପାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ଖେଳରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଦୁଲାରୀ ହାଁସଦା, ରିତାରାଣୀ ସାହୁ, ପମା ସୋରେନ, ଶିକ୍ଷକ କାହ୍ନୁଚରଣ ବାରିକ,ମଦନ ମାଝୀ, ସୁମନ୍ତ ମହାନ୍ତ, ଅବିନାଶ ମହାନ୍ତ, ଚନ୍ଦ୍ର ଶେଖର ଧଳ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

## କାର-ବାଇକ୍ ମୁହାଁମୁହିଁ ଧକ୍କା, ୩ ଗୁରୁତର

**ବାରିପଦା,୧୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ରଙ୍ଗାମାଟିଆ-ଲୁଲୁଙ୍ଗ ରାସ୍ତାରେ ରବିବାର ଅପରାହ୍ଣରେ ଏକ କାର ଓ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ବାରିପଦା ବେଲଗଡ଼ିଆର ଦିକ୍ଷୀତ ମୁଖି(୪୦), ତାଙ୍କ ପୁଅ ହରିଶ(୧୮) ଏବଂ ପୁତୁରା ଦେବାଶିଷ(୨୨)ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ୩ ଜଣ ବାଇକ୍ ଯୋଗେ ଲୁଲୁଙ୍ଗରୁ ବାରିପଦା ଫେରୁଥିବା ବେଳେ ଏକ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ଗାଡ଼ିକୁ ପୋଲିସ ଜବତ କରି ତଦନ୍ତ କରୁଛି।

## ପ୍ରହ୍ଲାଦ ଆସାମ ଆଦିବାସୀ କଂଗ୍ରେସ ସଂଯୋଜକ ନିଯୁକ୍ତ

**ରାଇରଙ୍ଗପୁର,୧୪।୧୨(ମାନସ ମହାନ୍ତ)**



ପ୍ରହ୍ଲାଦ ପୂର୍ତ୍ତି

ଅଲ ଇଣ୍ଡିଆ କଂଗ୍ରେସ କମିଟି ପକ୍ଷରୁ ମୟୂରଭଞ୍ଜ ଜିଲା ପଶ୍ଚିମ ମୟୂରଭଞ୍ଜ ଶାଖାର ରାଷ୍ଟ୍ରୀୟ ଆଦିବାସୀ କଂଗ୍ରେସ ସଂଯୋଜକ ତଥା ପ୍ରାକ୍ତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କୁ ଆସାମ ରାଜ୍ୟ ଆଦିବାସୀ କଂଗ୍ରେସ ସଂଯୋଜକଭାବେ ନିଯୁକ୍ତ ହୋଇଛନ୍ତି। ଏ ନେଇ ଜାତୀୟ କଂଗ୍ରେସ ରାଷ୍ଟ୍ରୀୟ ଆଦିବାସୀ କଂଗ୍ରେସ ସଂଗଠନର ଅଧ୍ୟକ୍ଷ ଡ. ବିକ୍ରାନ୍ତ ଭୁରିଆ ନିର୍ଦ୍ଦେଶନାମା ପତ୍ର ଜାରି କରିଛନ୍ତି। ମନୋନିତ ରାଷ୍ଟ୍ରୀୟ ଆଦିବାସୀ କଂଗ୍ରେସ ସଂଯୋଜକ ଏବଂ ଆସାମ ରାଜ୍ୟ ଆଦିବାସୀ କଂଗ୍ରେସ ସାଙ୍ଗଠାନିକ ଦାୟିତ୍ୱ ପାଇଁ ପ୍ରହ୍ଲାଦ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ, ସାଧାରଣ ସମ୍ପାଦକ ଏମପି କେମି.ବେଣୁଗୋପାଲ, ଲୋକସଭା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଏବଂ ରାଷ୍ଟ୍ରୀୟ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ ଡଃ ବିକ୍ରାନ୍ତ ଭୁରିଆଙ୍କ ସମେତ ଦଳୀୟ ରାଜ୍ୟ ସଭାପତି ଭକ୍ତଚରଣ ଦାଶ, ରାଜ୍ୟ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, ପଶ୍ଚିମ ମୟୂରଭଞ୍ଜ ଶାଖା ସଂଗଠନ ସଭାପତି ଭୁବନ ବିହାରୀ ସାହୁ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ଆସାମ ରାଜ୍ୟର ଆଦିବାସୀ କଂଗ୍ରେସ ସାଂଗଠାନିକ କାର୍ଯ୍ୟ କ୍ଷେତ୍ରରେ ଗୁରୁତ୍ୱ ନେବେ ବୋଲି ପ୍ରକାଶ କରିଛନ୍ତି।

## 'ସେଭ୍ ଶିମିଳିପାଳ, ସେଭ୍ ଲାଇଭ୍' ପାଇଁ ହେବ ରିଲ୍ସ ପ୍ରତିଯୋଗିତା

**ବାରିପଦା, ୧୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

**ଅନ୍ତର୍ଜାତୀୟ ୟୁଟ୍ୟୁବର ଲବ ହାଁସଦା ବ୍ରାଣ୍ଡ୍ ଆମ୍ବାସଡର**

ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନ ସ୍ଥଳୀ ଓ ଐତିହ୍ୟକୁ ନେଇ ମୟୂରଭଞ୍ଜ ଜିଲାରେ 'ସେଭ୍ ଶିମିଳିପାଳ, ସେଭ୍ ଲାଇଭ' ରିଲ୍ସ ପ୍ରତିଯୋଗିତା ହେବାକୁ ଯାଉଛି। ଯେଉଁଥିରେ ଅନ୍ତର୍ଜାତୀୟ ୟୁଟ୍ୟୁବର ତଥା ବ୍ଲଗର ଲବ ହାଁସଦା ବ୍ରାଣ୍ଡ୍ ଆମ୍ବାସଡର ଭାବେ ରହିଛନ୍ତି। ଏଭଳି ଏକ ଅଭିନବ ଉପାୟରେ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ଓ ସରକାରଙ୍କ ସମ୍ମୁଖରେ ନ୍ୟାଯ୍ୟ ଦାବିଗୁଡ଼ିକୁ ପହଞ୍ଚାଇବା ଲକ୍ଷ୍ୟରେ ଆକର୍ଷଣୀୟ ପୁରସ୍କାର ରାଶି ସହ ଦୁଇ ପ୍ରକାରର ରିଲ୍ସ ପ୍ରତିଯୋଗିତା ଭଞ୍ଜସେନା ପକ୍ଷରୁ ଆୟୋଜନ କରାଯାଉଛି।

ଜିଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଓ ଐତିହ୍ୟ ସ୍ଥଳୀଗୁଡ଼ିକର ଉନ୍ନତୀକରଣ ସହ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଏବଂ ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଭଳି କୁଟୀର ଶିଳ୍ପ ମାଧ୍ୟମରେ ଜିଲାବାସୀ ସ୍ୱାବଲମ୍ବୀ ପୂର୍ବକ ଅର୍ଥନୀତିର ଅଭିବୃଦ୍ଧି ପାଇଁ ରିଲ୍ସ ପ୍ରତିଯୋଗିତା ହେବାକୁ ଯାଉଛି। ଏଥିରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଭଞ୍ଜସେନା ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଦିବସ ତଥା ସେନାର ୨୮ତମ ପ୍ରତିଷ୍ଠା ଦିବସ ଜାନୁଆରୀ ୨୩ରେ ପୁରସ୍କାର ପ୍ରଦାନ କରାଯିବ। କେବଳ ମୟୂରଭଞ୍ଜ ଜିଲାର ଆଧାର କାର୍ଡ ଆଧାରରେ ପ୍ରତିଯୋଗୀ ଅଂଶଗ୍ରହଣ କରିପାରିବେ। ପୁରସ୍କାର ରାଶି ହିସାବରେ ୧ ଲକ୍ଷ, ୫୦ ହଜାର ଓ ୨୫ହଜାର ଟଙ୍କା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପ୍ରଦାନ କରାଯିବ। ସେହିପରି ଜିଲା ବାହାର ସର୍ବଭାରତୀୟ ପ୍ରତିଯୋଗୀମାନଙ୍କୁ ନେଇ ଓଡ଼ିଆ, ହିନ୍ଦୀ କିମ୍ବା ଇଂଲିଶ ଭାଷାରେ ବକ୍ତୃତା ପ୍ରତିଯୋଗିତା ପାଇଁ ମଧ୍ୟ ପୃଥକ୍ ଭାବେ ସମାନ ପୁରସ୍କାର ରାଶି ରହିଛି। ଆଗାମୀ ୩/୪ ମାସ ପରେ ଜିଲାବାସୀଙ୍କୁ ପାନୀୟ ଜଳ, ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ଆନ୍ଦୋଳନ ସହ ରିଲ୍ସ ମାଧ୍ୟମରେ ସରକାରଙ୍କୁ ବାସ୍ତବତାକୁ ଦେଖାଇବାକୁ ପ୍ରୟାସ ଜାରି ରହିବ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ରବିବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ବିଶ୍ୱ ବିସ୍ମୟ ପାଇଁ ରାଜପରିବାରର ଅବଦାନ ଅବିସ୍ମରଣୀୟ

**ଡ. ସୁରେନ୍ଦ୍ର କୁମାର ମିଶ୍ର**




**ଗଜପତିଙ୍କ ଭଉଣୀ ଦେଇଥିଲେ ୩,୭୦୮ ମାଢ଼ ସୁନା**


ଆମେ ଗତ ସଂଖ୍ୟାରେ ମହାରଣା ସାଙ୍ଗିଆ ସମ୍ବନ୍ଧରେ ଆଲୋଚନା କରିଥିଲୁ। ଏମାନେ ବିଶେଷ ଭାବରେ କାଠକାମ ସହିତ ସମ୍ବନ୍ଧିତ। ଲୁହାକାମ ସହିତ ମଧ୍ୟ ସମ୍ବନ୍ଧିତ ଶିଳ୍ପୀ ଓଡ଼ିଶାରେ ଦୁଇଟି ସାଙ୍ଗିଆରେ ପରିଚିତ। ଓଝା ଏବଂ କମାର। ଏମାନଙ୍କ ମଧ୍ୟରେ ମଧ୍ୟ ମହାରଣା ସାଙ୍ଗିଆ ଅଛନ୍ତି। କୋଣାର୍କରେ ମନ୍ଦିର ନିର୍ମାଣବେଳେ ଯେପରି ପଥରଖଳା ଥିଲା, ସେହିପରି 'ଲୁହାଭାଟି' ଥିଲା। ଭାଟିରେ ଯେଉଁମାନେ କାମ କରୁଥିଲେ ସେମାନଙ୍କୁ 'ଭାଟିଆ' କୁହାଯାଉଥିଲା। ସେମାନଙ୍କୁ ସମ୍ମାନ ଦେବାରେ ଊଣା କରାଯାଇ ନ ଥିଲା। କାରିଗର ବୀର ଓଝା ଥିଲେ ଏମାନଙ୍କ ମଧ୍ୟରେ ମୁଖିଆ। ଜଳେଶ୍ୱର ଦଣ୍ଡପାଟରୁ ସାଥୀ କାରିଗରଙ୍କୁ ନେଇ ପହଞ୍ଚିଥିଲେ କାଶୀ ଓଝା। ଭଦ୍ରେଶ୍ୱରୀ ମଣ୍ଡଳ ଅର୍ଥାତ୍ ଆଜିର ଭଦ୍ରକ ଅଞ୍ଚଳରୁ ଲୁହା କାରିଗର ଆସିଥିଲେ।

କେଉଁଠାରୁ କିଏ ମନ୍ଦିର ନିର୍ମାଣ ପାଇଁ କ'ଣ ଦେଇଥିଲେ, ତାହା କିପରି ବଣ୍ଟନ ହୋଇଥିଲା, ତାହାର ଅବିକଳ ହିସାବ ପୋଥିଲେଖକ ନିଜେ ଲେଖିଛନ୍ତି। ଆମେ ତାହା ଆଲୋଚନା କଲେ ଜାଣିପାରିବା ତତ୍କାଳୀନ ସାମ୍ରାଜ୍ୟ ବାହାରୁ କିଛି ଆସି ନ ଥିଲା। ବାହାର ଶିଳ୍ପୀ ଆସି ନ ଥିଲେ। କେବଳ ବିଜିତ ସାମ୍ରାଜ୍ୟରୁ ମୁଦ୍ରା (ଟଙ୍କା) ସୁନାରୁପା କିଛି ଆସିଥିଲା।

ସେତେବେଳେ ଚୌଦ୍ୱାରଠାରେ ଏକ ସୁଦୃଢ଼ କିଲ୍ଲା ବା ଦୁର୍ଗ ଥିଲା। ଆଶ୍ଚର୍ଯ୍ୟ ଲାଗେ ସେହି ଦୁର୍ଗର ଦୁର୍ଗପତି କୋଣାର୍କଠାରେ ମନ୍ଦିର ନିର୍ମାଣ ପାଇଁ ପଠାଇଥିଲେ ୩,୮୪୦ ମାଢ଼ (ଭରି) ସୁନା। ସାମ୍ରାଜ୍ୟର ମୁଖ୍ୟ ଭଣ୍ଡାର (କଟକର ବିଡ଼ାନାସୀ)ରୁ ନିଜେ ଗଜପତି ମହାରାଜା ମନ୍ଦିର ନିର୍ମାଣ ପରିଦର୍ଶନ ସମୟରେ ଦେଇଥିଲେ ୩୪,୦୩୩ ମାଢ଼ ସୁନା। ସୁଆସମଲ୍ଲ ସାନ୍ତ ବେଙ୍ଗିଗଡ଼ ଦୁର୍ଗରୁ ଆଣି ଦେଇଥିଲେ ୪୭,୦୩୮ ଅସରପି ମାଢ଼। ତା' ସହିତ ଆୟତାକାର ସୁନାଖଣ୍ଡ ପେଟି ଭର୍ତ୍ତି କରି ପଠାଇଥିଲେ। ଏଇ ସୁଆସମଲ୍ଲଙ୍କ କଥା ପୂର୍ବରୁ ଆମେ ଲେଖିଥିଲୁ। ତାଙ୍କର ପ୍ରକୃତ ନାମ 'ସହସ୍ରମଲ୍ଲ ପରମର୍ଦ୍ଦି'। ସ୍ଥାନ ବିଶେଷରେ ତାଙ୍କ ନାମ 'ସାମନ୍ତଦାସ ସହସ୍ରମଲ୍ଲ' ଲେଖା ଥିବାର ଦେଖାଯାଏ। 'ସହସ୍ର ମଲ୍ଲ' ଏକ ରାଜ-ଉପାଧି। ଦାକ୍ଷିଣାତ୍ୟର କେତେକ ଦୁର୍ଗର ସେ ଥିଲେ ଅଧିପତି। ବର୍ତ୍ତମାନର 'ଲେଫ୍‌ଟନାଣ୍ଟ ଗଭର୍ଣ୍ଣର' ଶବ୍ଦରେ ବୁଝିଲେ ଠିକ୍ ହେବ। ୟା'ଙ୍କୁ ନିଯୁକ୍ତି ଦେଉଥିଲେ ନିଜେ ଗଜପତି ମହାରାଜା। ତାଙ୍କ ଧର୍ମପତ୍ନୀ ଥିଲେ ଚନ୍ଦ୍ରମଣି ମହାଦେବୀ। ଇତିହାସରେ ସେ 'ଚନ୍ଦ୍ରିକାଦେବୀ' ନାମରେ ସ୍ଥାନ ପାଇଛନ୍ତି। ସେ ହେଉଛନ୍ତି ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ଭଉଣୀ। ସେ ନିଜ ହାତପାଣ୍ଠିରୁ ପଠାଇଥିଲେ ୩,୭୦୮ ମାଢ଼ ସୁନା।

ପାଟମହାଦେବୀ ମଧ୍ୟ ଗଜପତି ଦେଇଥିବା ସୁନାର ସମାନ ମାଢ଼ ନ ଦେଇ ସମାନ ମୁଦ୍ରା ଦେଇଥିଲେ। ଅର୍ଥାତ୍ ହାତୀ ଚିହ୍ନର ମୁଦ୍ରା ୩୪,୦୩୩ଟି। ଗଙ୍ଗବଂଶର ଗଜପତିଙ୍କ ସମୟରେ ଗଜ (ହାତୀ) ଚିହ୍ନ ଥିବା ମୁଦ୍ରା ପ୍ରଚଳିତ ଥିଲା। ସେହି ମୁଦ୍ରା 'ରୁପା'ର ଥିଲା। ଗୋଟିଏ ରୁପାମୁଦ୍ରା ଗୋଟିଏ ଓଜନର।

ଗଜପତିଙ୍କ ଶାସନ କାଳରେ କେତେଗୁଡ଼ିଏ ବିଷୟ (ଜିଲା)କୁ ନେଇ ଗୋଟିଏ ଗୋଟିଏ ପ୍ରଗଣା ସୃଷ୍ଟି ହୋଇଥିଲା। ବିଷୟର ମୁଖିଆଙ୍କୁ କୁହାଯାଉଥିଲା 'ବିଷୋୟୀ'। କେତେଜଣ ବିଷୋୟୀଙ୍କୁ ପରିଚାଳନା କରୁଥିଲେ 'ବଡ଼ ବିଷୋୟୀ'। ବଡ଼ ବିଷୋୟୀଙ୍କ ସାଙ୍ଗିଆ ଥିଲା 'ବୁଢ଼ା ଲେଙ୍କା'। ସେତେବେଳେ ଯିଏ ବଡ଼ ବିଷୋୟୀ ଥିଲେ ତାଙ୍କ ନାମ ଗୋପୀନାଥ ବୁଢ଼ାଲେଙ୍କା। ବିଶାଖାପାଟଣାର ସୀମାଚଳ ମନ୍ଦିରରେ ଥିବା ଓଡ଼ିଆ ଶିଳା ଲିପିରୁ ଜଣାଯାଏ ତାଙ୍କ ଘର ଥିଲା କଟକରେ। ତାଙ୍କ ବଂଶଧର ସୀମାଚଳରେ ଥିବା ଶ୍ରୀନୃସିଂହନାଥ ମନ୍ଦିର ଭୋଗ ପରୀକ୍ଷା ବା ପରିଛା ସେବାରେ ନିଯୁକ୍ତ ଥିଲେ। ଏହି ସେବା ଶ୍ରୀମନ୍ଦିରରେ ରାଜଗୁରୁ ଓ ଦେଉଳ ପୁରୋହିତ ପୂର୍ବେ କରୁଥିଲେ। ତେଣୁ ମନେହୁଏ ବୁଢ଼ାଲେଙ୍କା ଉପାଧିଧାରୀ ବ୍ରାହ୍ମଣବଂଶଧର ଥିଲେ। ସୀମାଚଳ ମନ୍ଦିର ଭୋଗ ପରିଚ୍ଛା ସେବକ ଭାବରେ ବୁଢ଼ାଲେଙ୍କା ପରିବାର ସେଠାରେ ଥିଲେ। ସେତେବେଳକୁ ବୁଢ଼ାଲେଙ୍କା ଉପାଧି ସହିତ 'ପାତ୍ର' ଉପାଧି ସଂଯୋଗ ହୋଇସାରିଥିଲା। ବୁଢ଼ାଲେଙ୍କା ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପାଇଁ ଦେଇଥିଲେ ୭୩,୦୮୩ ମାଢ଼ ସୁନା। ସେ ବିଶାଖାପାଟଣା ବିଷୟରେ 'ବଡ଼ବିଷୋୟୀ' ଥିଲେ। ତାହା ଆମ ସାମ୍ରାଜ୍ୟର ଅଂଶ।



ବିଶାଖାପାଟଣାର ସୀମାଚଳ ପାହାଡ଼ ଉପରେ ଥିବା ଶ୍ରୀନୃସିଂହନାଥ ମନ୍ଦିର। ପ୍ରଥମେ ମନ୍ଦିର ଗଢ଼ାଇଥିଲେ ଗଜପତି ଲାଙ୍ଗୁଳା ନରସିଂହ ଦେବ, ମୁଣ୍ଡି ମାରିଥିଲେ କକାଙ୍କ ସହିତ ଧର୍ମପଦ।
**(ଫଟୋ: ଓଁ ବ୍ରହ୍ମବିଦ ମିଶ୍ର, ବିଶାଖାପାଟଣା)**

# ଆସିବ ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି

ଭୁବନେଶ୍ୱର,୧୪।୧୨(ଅନୁରାଧା ମହାରଣା)

■୧୬ରେ ଓଡ଼ିଶା ଫାର୍ମା ସମ୍ମିଳନୀ

■ଔଷଧ ଓ ମେଡିକାଲ ଡିଭାଇସ ପାର୍କ ବିକାଶର ହେବ ଘୋଷଣା

ରାଜ୍ୟ ସରକାରଙ୍କ ପକ୍ଷରୁ ୧୬ ତାରିଖରେ ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ହେବାକୁ ଥିବା ଏହି ସମ୍ମିଳନୀର ଲକ୍ଷ୍ୟ ଔଷଧ ଏବଂ ଚିକିତ୍ସା ଉପକରଣ ନିର୍ମାତା, ଷ୍ଟାର୍ଟଅପ ଏବଂ ଉଦ୍ଭାବକ, ସ୍ୱାସ୍ଥ୍ୟସେବା ବିଶେଷଜ୍ଞ, ନିବେଶକ ଏବଂ ଶିଳ୍ପ ଅଂଶୀଦାରମାନଙ୍କୁ ଏକତ୍ର କରି ଓଡ଼ିଶାର ବୃଦ୍ଧି ପାଉଥିବା ଔଷଧ କ୍ଷେତ୍ରରେ ନୂତନ ସୁଯୋଗ ଅନୁସନ୍ଧାନ କରିବା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି ୨୦୨୫ ଲଞ୍ଚ କରିବ। ନିବେଶକୁ ଆକର୍ଷିତ କରିବା, ବ୍ୟବସାୟ କରିବାର ସହଜତାକୁ ଉନ୍ନତ କରିବା ଏବଂ ଜୀବବିଜ୍ଞାନ କ୍ଷେତ୍ରରେ ବଡ଼ଧରଣର ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ନୀତିର ଲକ୍ଷ୍ୟ ରହିଛି। ଏହି ଅବସରରେ ରାଜ୍ୟର ସ୍ୱାସ୍ଥ୍ୟସେବା ଉତ୍ପାଦନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଦୁଇଟି ଉତ୍ସର୍ଗୀକୃତ ଶିଳ୍ପ ପାର୍କ, ଗୋଟିଏ ଔଷଧ ପାର୍କ ଏବଂ ଅନ୍ୟ ଏକ ମେଡିକାଲ ଡିଭାଇସ ପାର୍କର ବିକାଶ ଘୋଷଣା କରିବେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ଏବଂ ପ୍ରମୁଖ କମ୍ପାନୀଗୁଡ଼ିକ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ। ଏହା ରାଜ୍ୟର ଔଷଧ ଏବଂ ଚିକିତ୍ସା ଉପକରଣ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଏକ ଶିଳ୍ପ ଦୃଷ୍ଟିକୋଣ ଅଧିବେଶନ ମଧ୍ୟ ଅନୁଷ୍ଠିତ ହେବ। ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶିଳ୍ପ ଏବଂ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେବେ। ଏହି ଅବସରରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଏହି ସମ୍ମିଳନୀରେ ଓଡ଼ିଶାର ସମସ୍ତ ଫାର୍ମା, ଚିକିତ୍ସା ଉପକରଣ ଏବଂ ସମ୍ବନ୍ଧିତ କ୍ଷେତ୍ର ଶିଳ୍ପ, ନିବେଶକମାନେ ଯୋଗଦେବେ।

## ୧୧ ବର୍ଷରେ ୪୨,୬୦୦ ଏଲଏଚବି କୋଚ୍ ନିର୍ମାଣ

ଭୁବନେଶ୍ୱର,୧୪।୧୨

ଲିଙ୍କ ହଫମ୍ୟାନ ବୁଶ (ଏଲଏଚବି) କୋଚ ଉତ୍ପାଦନରେ ଭାରତୀୟ ରେଳପଥ ସ୍ଥିର ପ୍ରଗତି ହାସଲ କରିଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ (ନଭେମ୍ବର ୨୦୨୫ ପର୍ଯ୍ୟନ୍ତ), ମୋଟ ୪,୨୨୪ ରୁ ଅଧିକ ଏଲଏଚବି କୋଚ ନିର୍ମାଣ କରାଯାଇଛି। ଏହା ପୂର୍ବ ବର୍ଷର ସମାନ ସମୟ ମଧ୍ୟରେ ଉତ୍ପାଦିତ ୩,୫୯୦ କୋଚ ତୁଳନାରେ ୧୮% ବୃଦ୍ଧି ହୋଇଛି। ୨୦୧୪ ରୁ ୨୦୨୫ ମଧ୍ୟରେ, ଭାରତୀୟ ରେଳପଥ ୪୨,୬୦୦ ରୁ ଅଧିକ ଏଲଏଚବି କୋଚ ଉତ୍ପାଦନ କରିଛି। ଯାହା ୨୦୦୪ରୁ ୨୦୧୪ ମଧ୍ୟରେ ନିର୍ମିତ ୨,୩୦୦ କୋଚ ତୁଳନାରେ ୧୮ ଗୁଣ ବୃଦ୍ଧି ବୋଲି ସୂଚନା ରହିଛି।

## ପତଞ୍ଜଳି ବିଶ୍ୱବିଦ୍ୟାଳୟ କ୍ଲଷ୍ଟର ସେଣ୍ଟର ଭାବେ ମନୋନୀତ




ଭୁବନେଶ୍ୱର,୧୪।୧୨

ହରିଦ୍ୱାରରେ ରବିବାର ଅନୁଷ୍ଠିତ ଏକ ସମାରୋହରେ ସଂସ୍କୃତି ମନ୍ତ୍ରଣାଳୟର ଜ୍ଞାନ ଭାରତମ ମିଶନ ଦ୍ୱାରା ପତଞ୍ଜଳି ବିଶ୍ୱବିଦ୍ୟାଳୟକୁ 'କ୍ଲଷ୍ଟର ସେଣ୍ଟର' ଭାବରେ ମାନ୍ୟତା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ଯୋଗଗୁରୁ ରାମଦେବ, କୁଳପତି ଡ. ଆଚାର୍ଯ୍ୟ ବାଲକୃଷ୍ଣ ଏବଂ ଜ୍ଞାନ ଭାରତମ ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଅନିର୍ବାଣ ଦାଶ, ଡ. ଶ୍ରୀଧର ବାରିକ ଏବଂ ବିଶ୍ୱରଞ୍ଜନ ମଲିକଙ୍କ ଉପସ୍ଥିତିରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ଯୋଗଗୁରୁ ରାମଦେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା, ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ଶେଖାୱତ ଜୀ ଏବଂ ଜ୍ଞାନ ଭାରତମ ମିଶନର ସମଗ୍ର ଦଳ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଆଚାର୍ଯ୍ୟ ବାଲକୃଷ୍ଣ ସୂଚନା ଦେଇଥିଲେ ଯେ ଏପର୍ଯ୍ୟନ୍ତ ଏହି ମିଶନ ଅଧୀନରେ ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି, ଯାହା ମଧ୍ୟରୁ ୨୦ଟି କ୍ଲଷ୍ଟର କେନ୍ଦ୍ର। ଏଥିମଧ୍ୟରୁ ୮ଟି ବିଶ୍ୱବିଦ୍ୟାଳୟ ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ ଯୋଗ ଶିକ୍ଷା-ଆଧାରିତ କ୍ଲଷ୍ଟର କେନ୍ଦ୍ର। ପତଞ୍ଜଳି ବିଶ୍ୱବିଦ୍ୟାଳୟ ପୂର୍ବରୁ ୫୦,୦୦୦ ରୁ ଅଧିକ ପ୍ରାଚୀନ ଗ୍ରନ୍ଥ ସଂରକ୍ଷଣ କରିସାରିଛି, ୪୨ ଲକ୍ଷ ପୃଷ୍ଠାକୁ ଡିଜିଟାଇଜେଶନ କରିଛି ଏବଂ ୪୦ରୁ ଅଧିକ ପାଣ୍ଡୁଲିପିର ଗବେଷଣା ଏବଂ ପୁନର୍ଲିଖନ କରିଛି। ଜ୍ଞାନ ଭାରତମର ଏକ କ୍ଲଷ୍ଟର ସେଣ୍ଟର ଭାବରେ ପତଞ୍ଜଳି ଏବେ ଏହି କାର୍ଯ୍ୟକୁ ଆହୁରି ବୃଦ୍ଧି କରିପାରିବ ଏବଂ ୨୦ଟି କେନ୍ଦ୍ରକୁ ତାଲିମ ପ୍ରଦାନ କରିପାରିବ।

## ପିଆର୍ଏସ୍ଆଇର ୪୭ତମ ଜାତୀୟ ସମ୍ମିଳନୀ




ଭୁବନେଶ୍ୱର,୧୪।୧୨

**ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଆଲୋଚନା**

ଭାରତୀୟ ଜନ ସମ୍ପର୍କ ସମାଜ (ପିଆର୍ଏସ୍ଆଇ)ର ୪୭ତମ ବାର୍ଷିକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଦ୍ୱିତୀୟ ଦିନରେ ପ୍ରଶାସନ, ଗଣମାଧ୍ୟମ, ଶିକ୍ଷା ଏବଂ ଗଣ ଯୋଗାଯୋଗ କ୍ଷେତ୍ରର ବିଶେଷଜ୍ଞମାନେ କହିଛନ୍ତି, ନୀତି କାର୍ଯ୍ୟକାରୀ ହେଲେ ଏବଂ ସେମାନଙ୍କର ପ୍ରଭାବଶାଳୀ ଯୋଗାଯୋଗ ସୁନିଶ୍ଚିତ ହେଲେ ଏକ ବିକଶିତ ଭାରତର ସ୍ୱପ୍ନ ସାକାର ହେବ। ପ୍ରଥମ ଅଧିବେଶନରେ ଡ. ଆର୍. ରାଜେଶ କୁମାର, ଏମ୍ଡିଡିଏର ଉପାଧ୍ୟକ୍ଷ ବଂଶୀଧର ତିୱାରୀ ଏବଂ ୟୁସିଓଏସଟିର ମହାନିର୍ଦ୍ଦେଶକ ଡ. ଦୁର୍ଗେଶ ପନ୍ତ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସାମ୍ବାଦିକ ସଞ୍ଜୀବ କାଣ୍ଡୱାଲ ଅଧିବେଶନକୁ ପରିଚାଳନା କରିଥିଲେ। ଏହି ଅବସରରେ ଉତ୍ତରାଖଣ୍ଡର ୨୫ ବର୍ଷର ବିକାଶର ଏକ ଚିତ୍ର ଉପସ୍ଥାପନ କରାଯାଇଥିଲା। ରାଜ୍ୟରେ ଧାର୍ମିକ ପର୍ଯ୍ୟଟନ କ୍ରମାଗତ ଭାବରେ ବୃଦ୍ଧି ପାଇଛି। ଏହି ବର୍ଷ କେବଳ ଚାରିଧାମ ପରିଦର୍ଶନରେ ୫୦ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀ ଆସିଥିଲେ। ଚାରିଧାମ ବ୍ୟତୀତ ଆଦି କୈଳାସ, ଜାଗେଶ୍ୱର ଧାମ, କୈଞ୍ଚି ଧାମ ଏବଂ ମାନସ ମନ୍ଦିରମାଳା ମଧ୍ୟ ବିକଶିତ ହେଉଛି। ପ୍ରତିବର୍ଷ ପ୍ରାୟ ୭୦-୮୦ ଲକ୍ଷ ପର୍ଯ୍ୟଟକ ରାଜ୍ୟ ପରିଦର୍ଶନ କରନ୍ତି। ରାଜ୍ୟରେ ମୁଣ୍ଡପିଛା ଆୟ ଏବଂ ଜିଡିପିରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି। ଦ୍ୱିତୀୟ ଅଧିବେଶନରେ ଜନ ସୂଚନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. ନୀତିନ ଉପାଧ୍ୟାୟ, ସିଆଇଏମଏସ କଲେଜର ଅଧ୍ୟକ୍ଷ ଲଳିତ ଯୋଶୀ, ଏନଡିଟିଭି ନୂଆଦିଲ୍ଲୀର ବରିଷ୍ଠ ସମ୍ପାଦକ ଡ. ହିମାଂଶୁ ଶେଖର, ନ୍ୟୁଜ ୧୮ର ସମ୍ପାଦକ ଅନୁପମ ତ୍ରିବେଦୀ ଏବଂ ଆଇଆଇଏମ୍ସି ନୂଆଦିଲ୍ଲୀର ପ୍ରଫେସର ଡ. ସୁରଭି ଦହିଆ ପ୍ରମୁଖ ଯୋଗ ଦେଇଥିଲେ।

## ସମ୍ପୂର୍ଣ୍ଣ ହେବ ଭାରତର ରେଳ ବିଦ୍ୟୁତୀକରଣ ଅଭିଯାନ

ଭୁବନେଶ୍ୱର,୧୪।୧୨(ଅନୁରାଧା ମହାରଣା)



ଭାରତୀୟ ରେଳପଥର ପ୍ରାୟ ସମଗ୍ର ବ୍ରଡଗେଜ ନେଟ୍ୱର୍କର ବିଦ୍ୟୁତୀକରଣ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ବର୍ତ୍ତମାନ ସୁଦ୍ଧା ୯୯%ରୁ ଅଧିକ ବିଦ୍ୟୁତୀକରଣ ହୋଇସାରିଛି ଏବଂ ଅବଶିଷ୍ଟ ଅଂଶଗୁଡ଼ିକ ଶୀଘ୍ର ସମାପ୍ତ ହେବାର ଆଶା କରାଯାଉଛି। ୨୦୧୯ରୁ ୨୦୨୫ ମଧ୍ୟରେ ଭାରତୀୟ ରେଳପଥ ୩୩,୦୦୦ ରୁଟ୍ କିଲୋମିଟରରୁ ଅଧିକ ବିଦ୍ୟୁତୀକରଣ କରିଛି, ପ୍ରତ୍ୟେକ ଦିନ ହାରାହାରି ୧୫ ରୁଟ କିଲୋମିଟରରୁ ଅଧିକ ଗତିରେ କାର୍ଯ୍ୟ ଜାରି ରହିଛି। ଏହି ସମୟ ମଧ୍ୟରେ ବିଦ୍ୟୁତୀକରଣ ହୋଇଥିବା ମୋଟ ଦୂରତା ଜର୍ମାନୀର ସମଗ୍ର ରେଳ ନେଟୱର୍କ ସହିତ ପ୍ରାୟ ସମାନ ବୋଲି ଭାରତୀୟ ରେଳପଥ ପକ୍ଷରୁ ସୂଚନା ରହିଛି। ଭାରତର ବ୍ରଡଗେଜ ରେଳ ନେଟୱର୍କ ପ୍ରାୟ ସମ୍ପୂର୍ଣ୍ଣ ବିଦ୍ୟୁତୀକରଣ ହୋଇଛି, ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ୯୯.୨% ଶେଷ ହୋଇଛି। ଏହି ପରିବର୍ତ୍ତନ ଡିଜେଲ ବ୍ୟବହାର ହ୍ରାସ ସହ ପରିଚାଳନା ଖର୍ଚ୍ଚ ହ୍ରାସ କରିଛି ଏବଂ ଟ୍ରେନ ପରିଚାଳନାର ଦକ୍ଷତା ଏବଂ ଗତିକୁ ଉନ୍ନତ କରିଛି।

## ଆଇଏମ୍ଆଇ ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୧୪।୧୨(ଅନୁରାଧା ମହାରଣା)

ଆଇଏମଆଇ ଭୁବନେଶ୍ୱର ପକ୍ଷରୁ ଏହାର ୧୩ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପିଜି ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ ଏବଂ ଫେଲୋ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ (ଏଫପିଏମ୍)ର ସ୍ନାତକ ଛାତ୍ରୀଛାତ୍ରଙ୍କ ସମେତ ୧୯୪ଜଣ ଛାତ୍ରୀଛାତ୍ରୀଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ନିଶାନ ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୌରଭ ଭତ୍ସା ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ଆଇଏମ୍ଆଇର ଡାଇରେକ୍ଟର ଜେନେରାଲ ଡ.ହିମାଦ୍ରୀ ଦାସ ଏଥିରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉତ୍ସବ ପରଖଙ୍କୁ ତାଙ୍କ ଶିକ୍ଷାଗତ ରେକର୍ଡ ଏବଂ କ୍ୟାମ୍ପସ ଜୀବନର ଅବଦାନ ପାଇଁ ସ୍ୱର୍ଣ୍ଣ ପଦକ ସହିତ ଡ. ରାମା ପ୍ରସାଦ ଗୋଏଙ୍କାଙ୍କୁ ଶ୍ରେଷ୍ଠ ଛାତ୍ର ମେଡାଲ ପ୍ରଦାନ କରାଯାଇଥିଲା। ଦର୍ଶନା ମିଶ୍ରଙ୍କୁ ଶିକ୍ଷାଗତ ସଫଳତା ପାଇଁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ପାଠ୍ୟକ୍ରମ ସହିତ ପାଠ୍ୟ-ବହିର୍ଭୂତ କାର୍ଯ୍ୟକଳାପ ପାଇଁ ଶ୍ୱେତା ଝା'ଙ୍କୁ ଡାଇରେକ୍ଟରଙ୍କ ପଦକ ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମକାଳୀନ ଇର୍ଣ୍ଟର୍ନଶିପ୍ ପ୍ରୋଜେକ୍ଟ ପାଇଁ ପ୍ରିୟଙ୍କା ଜୟସ୍ୱାଲଙ୍କୁ ପ୍ରଥମ, ଶାଶ୍ୱତ ପଟେଲଙ୍କୁ ଦ୍ୱିତୀୟ ଓ ଅରଫିନ୍ ଖାତୁନଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଇଏମ୍ଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଡ. ପି ସି ଆଇଏମ୍ଆଇ ଭୁବନେଶ୍ୱର ଭବିଷ୍ୟତରେ ଉନ୍ନତମାନର ଶିକ୍ଷା କ୍ଷେତ୍ରର ପରିବର୍ତ୍ତନ ପାଇଁ ଏକ ପ୍ରେରଣାଦାୟକ ଉତ୍ସ ହୋଇପାରିବ ବୋଲି ପ୍ରକାଶ କରିଥିଲେ।

## ତିରୁପତି ପାଣିଗ୍ରାହୀଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ




ଭୁବନେଶ୍ୱର,୧୪।୧୨(ଅନୁରାଧା ମହାରଣା)

ହାଇଦ୍ରାବାଦ୍ ସ୍ଥିତ 'ଇଟି ଟେକ୍ ଏକ୍ସ ହାଇଅର ଇଡି' କନ୍କ୍ଲେଭରେ ହାଇଟେକ୍ ଗ୍ରୁପ୍ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଉତ୍ସର୍ଗୀକୃତ ପାଇଁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ତେଲଙ୍ଗାନା ଉଚ୍ଚଶିକ୍ଷା ପରିଷଦର ଅଧ୍ୟକ୍ଷ ପ୍ରଫେସର୍ ଭି. ବାଲ୍କିଷ୍ଟ ରେଡ୍ଡି, ସମ୍ମାନିତ ଅତିଥି କାକିନାଡା ପୂର୍ବତନ ବିଧାୟକ ଡ. ଏନ୍. ଶେଷା ରେଡ୍ଡି, ନିର୍ଦ୍ଦେଶକ କର୍ପୋରେଟ ଏବଂ ଇଣ୍ଡଷ୍ଟ୍ରି ରିଲେସନ୍ସ ଅମ୍ରିତା ବିଶ୍ୱ ବିଦ୍ୟାପୀଠମର ବି.ଆର୍ ବିଶ୍ୱନାଥାମ୍ରିତ ଚୈତନ୍ୟଙ୍କଠାରୁ ଡ. ପାଣିଗ୍ରାହୀ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଓଡ଼ିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଏହି ସମ୍ମାନର ଅଧିକାରୀ ହୋଇପାରିଛନ୍ତି।

**ଅପରାଧ**

# ବାର୍ରେ ଯାଞ୍ଚବେଳେ ଅବକାରୀ ଟିମ୍କୁ ଆକ୍ରମଣ

**୪ ଗ୍ରାହକ ଗିରଫ**

ଭୁବନେଶ୍ୱର,୧୪।୧୨(ସତ୍ୟଜିତ ରାଉତ)






ଅବକାରୀ ଟିମ୍କୁ ଆକ୍ରମଣ କରି ଗିରଫ ହୋଇଥିବା ୪ ଅଭିଯୁକ୍ତ।

ବାର୍ରେ ଚଢ଼ାଉ ଓ ଯାଞ୍ଚବେଳେ ଅବକାରୀ ବିଭାଗ ଟିମ୍କୁ ଆକ୍ରମଣ ହୋଇଛି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ କାନନବିହାରସ୍ଥିତ ରୋମିଓ ଲେନ୍ ବାର୍ରେ ଶନିବାର ରାତିରେ ଏହି ଘଟଣା ଘଟିଛି। ଏ ନେଇ ଅଭିଯୋଗ ପରେ ପୋଲିସ ୪ ଗ୍ରାହକଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳର ଅମିତ କୁମାର ଦାସ (୨୬), ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୁମ୍ଭରିଆ ଗ୍ରାମର ସମ୍ବିତ ପରିଡ଼ା (୨୬), ଯାଜପୁର ଜିଲା ଧର୍ମଶାଳାର ସବ୍ୟସାଚୀ ପାଢ଼ୀ (୨୧) ଓ କଟକ ଜିଲା ବାଙ୍କୀ ଅଞ୍ଚଳର ସମ୍ବିତ୍ ସାମନ୍ତ (୨୫)। ରବିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଅବକାରୀ ଟିମ୍ ପକ୍ଷରୁ ଶନିବାର ରାତିରେ ଭୁବନେଶ୍ୱରର ବିଭିନ୍ନ ବାର୍ ଓ ରେଷ୍ଟୁରାଣ୍ଟରେ ଚଢ଼ାଉ କରାଯାଇଥିଲା। ରାତି ପ୍ରାୟ ୧୨ଟା ୧୫ରେ କାନନବିହାରସ୍ଥିତ ରୋମିଓ ଲେନ୍ ବାର୍ରେ ଯାଞ୍ଚ କରିବାକୁ ଯିବା ବେଳେ ଅଭିଯୁକ୍ତମାନେ ମଦ୍ୟପାନ କରି ଫେରୁଥିଲେ। ଏହି ସମୟରେ ସେମାନେ ହଠାତ୍ ଅବକାରୀ ଟିମ୍କୁ ଗାଳିଗୁଲଜ କରିଥିଲେ। ଅବକାରୀ ଟିମ୍ ପକ୍ଷରୁ ଏହାକୁ ବିରୋଧ କରାଯିବାରୁ ସେମାନେ ଆକ୍ରମଣ କରିଥିଲେ। ଏଥିସହ ଅବକାରୀ ଟିମ୍ର ଗାଡିକୁ ଗୋଇଠା ମାରିବା ସହ ମଦ ବୋତଲ ଫିଙ୍ଗି ଧମକ ଦେଇଥିଲେ। ଏନେଇ ଖବର ପାଇ ପୋଲିସ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଅବକାରୀ ସବ୍ଇନ୍ସପେକ୍ଟର ପ୍ରଫୁଲ୍ଲ କୁମାର ଗୁରୁଙ୍କ ଏତଲା ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ମାମଲା (ନଂ.୮୩୨/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ପ୍ରେମିକାଙ୍କ ତଣ୍ଟି କାଟି ନିଜ ତଣ୍ଟି କାଟିଲେ ପ୍ରେମିକ

ଫୁଲବାଣୀ,୧୪।୧୨(ରାକେଶ କୁମାର ରାଉତ)

ଦୀର୍ଘ ୩ ବର୍ଷର ପ୍ରେମ ପରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ପ୍ରେମୀଯୁଗଳ ଶପଥ ନେଇଥିଲେ। ହେଲେ ଏହାରି ମଧ୍ୟରେ ଝିଅଘର ଲୋକେ ଅନ୍ୟ ସ୍ଥାନରେ ବିବାହ ପାଇଁ ପ୍ରସ୍ତାବ ପକାଇଲେ। ପ୍ରେମିକ ଏହା ଜାଣିବା ପରେ ପ୍ରେମିକାଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ବିବାହ କରିବାକୁ ବହୁ କାକୁତି ମିନତି କରିଥିଲେ ମଧ୍ୟ ପ୍ରେମିକା ମନା କରିଦେଇଥିଲେ। ଏହାପରେ ପ୍ରେମିକ ରାଗିଯାଇ ନିଜ ହିତାହିତ ଜ୍ଞାନ ଭୁଲି ସାଙ୍ଗରେ ଆଣିଥିବା ଛୁରିରେ ପ୍ରେମିକାଙ୍କ ତଣ୍ଟି କାଟିବା ପରେ ନିଜ ତଣ୍ଟି କାଟି ପକାଇଲେ। ଏଭଳି ଏକ ସ୍ପର୍ଶକାତର ଘଟଣା କନ୍ଧମାଳ ଜିଲା ଫୁଲବାଣୀ ସହର ପିଅନପଡ଼ା ଅଞ୍ଚଳରେ ଦେଖିବାକୁ ମିଳିଛି।

ପ୍ରେମିକ ଶୁଭମ୍ ସ୍ୱାଇଁ (୨୨)ଙ୍କ ଘର ଗଞ୍ଜାମ ଜିଲା ଭଞ୍ଜନଗର ବଣିପଲ୍ଲି ଗ୍ରାମରେ ହୋଇଥିବା ବେଳେ ଯୁବତୀଙ୍କ ଘର ଫୁଲବାଣୀ ପିଅନପଡ଼ାରେ। ଯୁବତୀ ଜଣକ ଭଞ୍ଜନଗରରେ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ସେଇଠୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ପାଠପଢ଼ା ସାରି ଯୁବତୀ ଘରକୁ ଆସିଥିବା ବେଳେ ଶୁଭମ୍ ଫୁଲବାଣୀ ଆସି ତାଙ୍କୁ ଦେଖାକରୁଥିଲେ। କିଛିଦିନ ହେବ ଘର ଲୋକେ ଝିଅର ବିବାହ ପ୍ରସ୍ତାବ ଅନ୍ୟ ଆଡେ ପକାଇଥିଲେ। ଏଥିରେ ଯୁବତୀଙ୍କ ସମ୍ମତି ଥିବା ତାଙ୍କ ପ୍ରେମିକ ଶୁଭମ ଖବର ପାଇଥିଲେ। ଶନିବାର ରାତିରେ ଘରେ କେହି ନ ଥିବା ଜାଣିବା ପରେ ଶୁଭମ ଆସି ଯୁବତୀଙ୍କ ପାଖରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ବିବାହ ପାଇଁ କହିଥିଲେ। ଏଥିରେ ଯୁବତୀ ରାଜି ନ ହେବାରୁ ଛୁରିରେ ତାଙ୍କ ଗଳାକୁ କାଟି ଦେଇଥିଲେ। ପୋଲିସ କୌଣସି ସୂତ୍ରରୁ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି ଶୁଭମ ନିଜ ହାତ ସହ ତଣ୍ଟିକୁ ମଧ୍ୟ କାଟି ଦେଇଥିଲେ। ପୋଲିସ ଉଭୟଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଉଭୟ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି। ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଯାଞ୍ଚ କରିବେ ଓଏସ୍ସିପିସିଆର୍ ଅଧ୍ୟକ୍ଷା

ଭୁବନେଶ୍ୱର,୧୪।୧୨(ତ୍ରିନାଥ ମହାନ୍ତି)

**କିସ୍‌ରେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣା**

■ପ୍ରାଥମିକ ଶବ ବ୍ୟବଚ୍ଛେଦ ରିପୋର୍ଟ ସଂଗ୍ରହ କଲା ଇନ୍ଫୋସିଟି ପୋଲିସ

କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ରେ ନବମ ଶ୍ରେଣୀରେ ପଢୁଥିବା କେନ୍ଦୁଝରର ଟିକରଗୁମୁରା ଗାଁର ଆଦିବାସୀ ଛାତ୍ର ଶିବ ମୁଣ୍ଡାଙ୍କ ମୃତ୍ୟୁକୁ ନେଇ ଏବେ ବି ବିବାଦ ଓ ରହସ୍ୟ ଲାଗି ରହିଛି। ଏହି ଘଟଣାକୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍ସିପିସିଆର୍) ଗୁରୁତ୍ୱର ସହ ନେଇଛନ୍ତି। ଏହାର ତଦନ୍ତ ପାଇଁ ଖୁବ୍ଶୀଘ୍ର ଆୟୋଗର ଏକ ଟିମ୍ କିସ୍ ଯାଇ ପଚରାଉଚରା କରିବ। ଛାତ୍ରଙ୍କ ପରିବାର ପକ୍ଷରୁ ହେଉଥିବା ଅଭିଯୋଗ ଓ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଅବହେଳାର ସତ୍ୟତା ଜଣାପଡିଲେ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର କହିଛନ୍ତି। ସେ କହିଛନ୍ତି, କେନ୍ଦୁଝରର ଏସ୍ପି ୟୁନିଟ୍ର ଏକ ଟିମ୍ ମୃତ ଛାତ୍ରଙ୍କ ପରିବାର ପାଖକୁ ଯାଇଛି। ସେମାନେ ଛାତ୍ରଙ୍କ ପରିବାରବର୍ଗ କରିଥିବା ଅଭିଯୋଗ ଉପରେ ଅନୁଧ୍ୟାନ କରିବେ। ବ୍ୟବଚ୍ଛେଦ ରିପୋର୍ଟକୁ ମଧ୍ୟ ଅନୁଧ୍ୟାନ କରାଯିବ। ମୁଁ ନିଜେ ଏକ ଟିମ୍ ସହ କିସ୍ ଯାଇ ପିଲାମାନଙ୍କୁ ପଚରାଉଚରା କରିବି। ତ୍ରୁଟି ବାହାରିଲେ କିମ୍ବା ସ୍ୱାଭାବିକ ମୃତ୍ୟୁ ହୋଇ ନ ଥିଲେ ମାମଲା ରୁଜୁ କରାଯାଇ କିସ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବବିତା କହିଛନ୍ତି।

ଅନ୍ୟପକ୍ଷରେ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ କେନ୍ଦୁଝର ଟାଉନ୍ ଥାନା ପୋଲିସ ଜିରୋ ଏଫ୍ଆଇଆର୍ କରି ଭୁବନେଶ୍ୱର ଇନ୍ଫୋସିଟି ଥାନାକୁ ମାମଲା ଟ୍ରାନ୍ସଫର କରିଛି। ଏହାପରେ ଇନ୍ଫୋସିଟି ପୋଲିସ ତା'ର ତଦନ୍ତ ଆରମ୍ଭ କରିଛି। ତଦନ୍ତ ଅଧିକାରୀ ବ୍ୟବଚ୍ଛେଦ ହୋଇଥିବା କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ସହ କଥା ହୋଇ ପ୍ରାଥମିକ ତଥ୍ୟ ସଂଗ୍ରହ କରିଛନ୍ତି। ଏଥିସହ ଭିସେରା ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ମହେନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି।

# ଦିଲ୍ଲୀ ବିସ୍ଫୋରଣ ସହ ଏମାନଙ୍କର କୌଣସି ଲିଙ୍କ ନାହିଁ: ଏସ୍ପି

ଭଦ୍ରକ,୧୪।୧୨
(ସନାତନ ରାଉତ)

**ନକଲି ସିମ୍ ବିକ୍ରି ଅଭିଯୋଗରେ ୨ ଗିରଫ ଘଟଣା**

ନକଲି ସିମ୍କାର୍ଡ କାରବାରରେ ସମ୍ପୃକ୍ତ ଥିବା ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମଞ୍ଜୁରୀରୋଡ୍ ବଜାରର ଜଣେ ମୋବାଇଲ ଦୋକାନୀ ଓ ବନ୍ତ ଥାନା ତରାଗ ଗ୍ରାମର ଜଣେ ଯୁବକଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ତରାଗ ଗ୍ରାମର ସନ୍ତୋଷ ପୁଷ୍ଟିଆଙ୍କୁ ଥାନାରେ ୪୧ ନୋଟିସ୍ରେ ବେଲ୍ରେ ଛାଡ଼ି ଦେଇଥିବା ବେଳେ ମଞ୍ଜୁରୀରୋଡ୍ ବଜାରର ମୋବାଇଲ ଦୋକାନୀ ସନ୍ତୋଷ ଖଣ୍ଡେଇଙ୍କୁ ଦିଲ୍ଲୀ ପୋଲିସ ରିମାଣ୍ଡରେ ନେଇଛି। ଏହି ଘଟଣାକୁ ନେଇ ଦିଲ୍ଲୀ ବିସ୍ଫୋରଣରେ ଏମାନଙ୍କ ଲିଙ୍କ୍ ଥିବା ଚର୍ଚ୍ଚାକୁ ଭଦ୍ରକ ଏସ୍ପି ମନୋଜ ରାଉତ ରବିବାର ଖଣ୍ଡନ କରିଛନ୍ତି। ଏସ୍ପି ରାଉତ କହିଛନ୍ତି, ଦିଲ୍ଲୀ ବିସ୍ଫୋରଣରେ ଏମାନଙ୍କର କୌଣସି ଲିଙ୍କ୍ ନାହିଁ। ବେଆଇନ ସିମ୍କାର୍ଡ ବିକ୍ରି ଅଭିଯୋଗରେ ଏମାନଙ୍କୁ ଗିରଫ କରାଯାଇଛି। ଏକ ଡିଜିଟାଲ ଆରେଷ୍ଟରେ ବ୍ୟବହାର ହୋଇଥିବା ଏକ ସିମ୍ର ତଦନ୍ତ କରି ଦିଲ୍ଲୀର ସାଇନବାଗ ପୋଲିସ ଗତ ୧୧ ତାରିଖରେ ଭଦ୍ରକରେ ପହଞ୍ଚିଥିଲା। ସନ୍ତୋଷଙ୍କୁ ଭଦ୍ରକ କୋର୍ଟରେ ହାଜର କରିବା ପରେ କୋର୍ଟ ଅନୁମତି ନେଇ ରିମାଣ୍ଡରେ ଦିଲ୍ଲୀ ନିଆଯାଇଛି। ଡିଜିଟାଲ ଆରେଷ୍ଟ, ଅନ୍ଲାଇନ ଫ୍ରଡ୍, ସାଇବର କ୍ରାଇମ ଆଦିରେ ଏହି ବେଆଇନ ସିମ୍କାର୍ଡ ବ୍ୟବହାର କରାଯାଉଛି। ଏମାନଙ୍କଠାରୁ କଟକର କେତେଜଣ ଲୋକ ସିମ୍କାର୍ଡ କିଣି ନେଇଛନ୍ତି। ତାହା ଉପରେ ତଦନ୍ତ କରାଯିବ ବୋଲି ଏସ୍ପି କହିଛନ୍ତି। ପ୍ରକାଶଥାଉ କି, ମଞ୍ଜୁରୀରୋଡ ବଜାରରେ ଥିବା ଉକ୍ତ ମୋବାଇଲ ଦୋକାନରେ ନକଲି ସିମ୍କାର୍ଡ ବିକ୍ରି କରାଯାଉଥିଲା। ସିମ୍କାର୍ଡ କିଣିବା ପାଇଁ ଯାଉଥିବା ଗ୍ରାହକଙ୍କ ଡକ୍ୟୁମେଣ୍ଟରେ ଗୋଟିଏ ସିମ୍ ସେହି ଉପଭୋକ୍ତାଙ୍କୁ ଦିଆଯାଉଥିବା ବେଳେ ଏକାଧିକ ସିମ୍ ସେହି ଡକ୍ୟୁମେଣ୍ଟର ଆକ୍ଟିଭେଶନ କରାଯାଉଥିଲା। ପରେ ସେହି ସିମ୍ଗୁଡ଼ିକ ରାଜ୍ୟ ବାହାରକୁ ଅଧିକ ଦରରେ ବିକ୍ରି କରାଯାଉଥିଲା। ବିଭିନ୍ନ ସାଇବର କ୍ରାଇମ୍, ଡିଜିଟାଲ ଆରେଷ୍ଟ ଓ ଅନ୍ଲାଇନ ଫ୍ରଡ୍ରେ ସିମ୍ଗୁଡ଼ିକ ବ୍ୟବହାର କରାଯାଉଥିବା ଜଣାପଡ଼ିଛି।

## ବନ କର୍ମଚାରୀଙ୍କୁ ରାସ୍ତାରେ ଆକ୍ରମଣ

ଉଦଳା,୧୪।୧୨
(ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା ଉଦଳା-ବାରିପଦା ରାଜ୍ୟ ରାଜପଥର ପେଟ୍ରୋଲ ପମ୍ପ ନିକଟରେ ଶନିବାର ସନ୍ଧ୍ୟାରେ ଉଦଳା ବନାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ପାରା ଫରେଷ୍ଟର ଅନନ୍ତ ନାରାୟଣ ଚୌଧୁରୀଙ୍କୁ ଆକ୍ରମଣ କରାଯାଇଛି। ୩ଜଣ ଚୋରା ଚାଲାଣକାରୀ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଛନ୍ତି। ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୧୫ରେ ଉଦଳା ବନ ବିଭାଗ ପକ୍ଷରୁ ଚୋରା ମାଙ୍କଡ଼ା ବୋଝେଇ ଗାଡ଼ି ଜବତ କରାଯାଇଥିଲା। ଉକ୍ତ ଗାଡ଼ି ଜବତ ହେବା ପରଠାରୁ ମାଙ୍କଡ଼ା ପଥର ଚୋରା ଚାଲାଣକାରୀମାନେ ପାରା ଫରେଷ୍ଟର ଚୌଧୁରୀଙ୍କୁ ଧମକ ଦେଇଆସୁଥିଲେ। ଆକ୍ରମଣରେ ଗୁରୁତର ହୋଇ ସେ ଉଦଳା ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଲିଫ୍ଟ ଦେଇ ଛାତ୍ରଙ୍କଠୁ ମୋବାଇଲ ଲୁଟ୍

ବାସୁଦେବପୁର,୧୪।୧୨(କାଳିପଦ ରାୟ)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଇଚ୍ଛାପୁର ଛକଠାରେ ରବିବାର ସନ୍ଧ୍ୟାରେ ଜଣେ ଛାତ୍ରଙ୍କଠାରୁ ୨ଜଣ ଯୁବକ ଏକ ମୋବାଇଲ ଲୁଟି ନେଇଛନ୍ତି। ଲୁଟ୍ର ଶିକାର ହୋଇଥିବା ଛାତ୍ର ହେଲେ ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦଧିବାମନପୁର ଗ୍ରାମର ପ୍ରଫୁଲ୍ଲ ମଲ୍ଲିକଙ୍କ ପୁଅ ଶୁଭଙ୍କର। ସେ କଟକ ଜିଲା ଅଡସପୁର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଥମ ବର୍ଷର ବାଣିଜ୍ୟ ଛାତ୍ର। ସେ କଟକରୁ ଟ୍ରେନ୍ ଯୋଗେ ଭଦ୍ରକରେ ପହଞ୍ଚିଥିଲେ। ବାଇପାସ୍ ଛକରେ ୨ ଯୁବକ ଏକ ଆକ୍ଟିଭା ସ୍କୁଟିରେ ଆସି ଶୁଭଙ୍କରଙ୍କୁ ତାଙ୍କ ବଡ଼ଭାଇଙ୍କ ସାଙ୍ଗ ବୋଲି ପରିଚୟ ଦେଇଥିଲେ। ତାଙ୍କୁ ଘରେ ନେଇ ଛାଡ଼ିଦେବେ ବୋଲି କହି ଲିଫ୍ଟ ଦେଇଥିଲେ। ଇଚ୍ଛାପୁର ଛକରେ ଏକ ଗଳି ରାସ୍ତାରେ ଯାଇ ଅନ୍ୟ ଜଣଙ୍କୁ ଫୋନ୍ କରିବାକୁ କହି ଶୁଭଙ୍କରଙ୍କ ମୋବାଇଲ ନେଇ ଚମ୍ପଟ ମାରିଥିଲେ। ଏହାପରେ ଶୁଭଙ୍କର ଇଚ୍ଛାପୁର ଛକରେ ପହଞ୍ଚି ଜଣେ ବ୍ୟକ୍ତିଙ୍କ ଫୋନ୍ ମାଧ୍ୟମରେ ଘର ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗାୟତ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାରେ ହେବ ଏଫ୍ଆଇଭିବି ବିଚ୍ ଭଲିବଲ୍

**ଭୁବନେଶ୍ୱର, ୧୪।୧୨ (ବିଜୟ ରଣା)**

ଓଡ଼ିଶାରେ କିଟ୍ ଓ କିସ୍ ସହଯୋଗରେ ୨୦୨୬ରୁ ଲଗାତର ୩ବର୍ଷ ଏଫ୍ଆଇଭିବି ବିଚ୍ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫ୍ଆଇଭିବି) ସଭାପତି ଫାବିଓ ଆଜେଭେଦୋ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। କିଟ୍ ଓ କିସ୍ ବ୍ୟାପକ ସୁବିଧା ଓ ଓଡ଼ିଶାର ମନୋରମ ପରିବେଶ ପାଇଁ ଆସନ୍ତା ୨୦୨୬, ୨୦୨୭ ଓ ୨୦୨୮ ବର୍ଷରେ କିଟ୍ ଓ କିସ୍ ସହଯୋଗରେ ଓଡ଼ିଶାରେ ଏଫ୍ଆଇଭିବି ବିଚ୍ ଭଲିବଲ୍ ଆୟୋଜିତ ହେବ ବୋଲି ଫାବିଓ ଘୋଷଣା କରିଥିଲେ। ଏଫ୍ଆଇଭିବି ସହଯୋଗରେ କିଟ୍ ଓ କିସ୍‌ରେ ୧୧ ତାରିଖରୁ ଆରମ୍ଭ ହୋଇଥିବା ଭଲିବଲ୍ ମହାକୁମ୍ଭ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶା ଆସିଥିବା ଫାବିଓ କହିଲେ, ଭାରତ ତଥା ଓଡ଼ିଶାରେ ତୃଣମୂଳସ୍ତରରେ ଭଲିବଲ୍ ଖେଳର ବିକାଶ ଓ ମହିଳା ସଶକ୍ତୀକରଣ ନିମନ୍ତେ ଏହି ମହାକୁମ୍ଭ ଆୟୋଜନ କରାଯାଇଥିଲା।



ଖବରଦାତା ସମ୍ମିଳନୀରେ ଏଫ୍ଆଇଭିବି ସଭାପତି ଫାବିଓ ଆଜେଭେଦୋ ପ୍ରଶ୍ନର ଉତ୍ତର ଦେଉଛନ୍ତି। (ଫଟୋ: ବିକାଶ ନାୟକ)

### କିଟ୍-କିସ୍ ଭଲିବଲ୍ ମହାକୁମ୍ଭ

୨୦୩୨ ସୁଦ୍ଧା ଭଲିବଲ୍ ମାଧ୍ୟମରେ ବିଶ୍ୱର ୧.୨ ବିଲିୟନ୍ ଲୋକଙ୍କୁ ଯୋଡ଼ିବା ଏଫ୍ଆଇଭିବି ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଥିଲେ, କିଟ୍ ଓ କିସ୍ କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବରେ ମହିଳା ସଶକ୍ତୀକରଣ ଏବଂ ତୃଣମୂଳ ସ୍ତରରେ ଭଲିବଲ୍ ବିକାଶକୁ ପ୍ରୋତ୍ସାହିତ କରିବା ଏହି ଭଲିବଲ୍ ମହାକୁମ୍ଭର ଲକ୍ଷ୍ୟ। ଏହି ଅବସରରେ କିଟ୍, କିସ୍ ଓ ଏଫ୍ଆଇଭିବି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ଫାବିଓଙ୍କ ଦ୍ୱାରା ଏଫ୍ଆଇଭିବି- କିଟ୍ ଓ କିସ୍ ଉତ୍କର୍ଷ କେନ୍ଦ୍ରର ଉଦ୍‌ଘାଟନ କରାଯାଇଥିଲା। ଏଥିସହ ସାମନ୍ତଙ୍କ ଉପସ୍ଥିତିରେ ଫାବିଓଙ୍କ ଦ୍ୱାରା ଏକ ସ୍ପୋର୍ଟ୍ସ ଜୋନ୍ ଉଦ୍‌ଘାଟିତ ହୋଇଥିଲା।

ସୂଚନାଯୋଗ୍ୟ, ଭଲିବଲ୍ ମହାକୁମ୍ଭର ବିଭିନ୍ନ ଦିନରେ କିଟ୍ ଓ କିସ୍ କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବରେ ଓଡ଼ିଶା ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଭଲିବଲ୍ ପ୍ରଶିକ୍ଷକଙ୍କ ପାଇଁ ଏକ କର୍ମଶାଳା ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ମହିଳା ଭଲିବଲ୍ କୋଚ୍‌ଙ୍କୁ କର୍ମଶାଳା ଜରିଆରେ ପ୍ରଶିକ୍ଷଣ ସହ ସଶକ୍ତୀକରଣ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାରୁ ୫୦୦ ଅଂଶଗ୍ରହଣକାରୀଙ୍କ ବ୍ୟତୀତ ଭାରତ ସମେତ ବିଶ୍ୱର ୨୦୦ରୁ ଅଧିକ ଭଲିବଲ୍ ପ୍ରଶିକ୍ଷକ, ଖେଳାଳି ଏବଂ ବିଶେଷଜ୍ଞ ଏଥିରେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଭଲିବଲ ପ୍ରଶିକ୍ଷକ ଜନ୍ କେସେଲ୍ ଏବଂ ଜାନା କୁଲାନ୍ ପ୍ରମୁଖ ୪ଟି ଇନ୍‌ଡୋର ଓ ୪୦ରୁ ଊର୍ଦ୍ଧ୍ୱ ଆଉଟଡୋର କୋର୍ଟରେ ଗତିଶୀଳ ଅନ୍-କୋର୍ଟ ତାଲିମ, ଉନ୍ନତ କୌଶଳ ଅଧିବେଶନ, ପ୍ରଶିକ୍ଷକ-ବିକାଶ ପ୍ରୟୋଗଶାଳା ଓ ଗଣ ଅଂଶଗ୍ରହଣ କାର୍ଯ୍ୟକ୍ରମଗୁଡ଼ିକରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷା, ସାମାଜିକ ପରିବର୍ତ୍ତନ ଓ ଯୁବ କଲ୍ୟାଣରେ ଭଲିବଲ୍‌ର ଭୂମିକା, ଭଲିବଲ୍ ଜରିଆରେ ତୃଣମୂଳସ୍ତରରେ ପରିବର୍ତ୍ତନ ଏବଂ ଭଲିବଲ୍ ମାଧ୍ୟମରେ ମହିଳା ସଶକ୍ତୀକରଣ, ସମାନତା ଏବଂ ବିଶ୍ୱ ସଶକ୍ତୀକରଣକୁ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଫାବିଓ ଆଜେଭେଡୋ, ଅଚ୍ୟୁତ ସାମନ୍ତ, ଅଭିଜିତ ବି, ଅଭିନବ ବିନ୍ଦ୍ରା, ଜନ୍ କେସେଲ୍ ଓ ଜାନା କୁଲାନ୍ ପ୍ରମୁଖ ଏଥିରେ ଯୋଗଦେଇ ଉପରୋକ୍ତ ବିଷୟ ଉପରେ ଆଲୋଚନା କରିଥିଲେ। କୁଳପତି ପ୍ରଫେସର ସରଣଜିତ୍ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ୱାଙ୍ଖେଡେରେ ମେସିଙ୍କୁ ଭେଟିଲେ ସଚିନ



ଲାୟୋନେଲ ମେସିଙ୍କ ସହ ସଚିନ ତେନ୍ଦୁଲକର।

**ମୁମ୍ବାଇ, ୧୪।୧୨**

ଆର୍ଜେଣ୍ଟିନା ଫୁଟବଲ ଷ୍ଟାର ଲାୟୋନେଲ ମେସିଙ୍କର 'ଜିଓଏଟି ଇଣ୍ଡିଆ ଟୁର'ର ଦ୍ୱିତୀୟ ଦିନ ମୁମ୍ବାଇରେ ଶେଷ ହୋଇଛି। ଏହି ଗସ୍ତର ଅଂଶବିଶେଷ ଭାବେ ମେସି ଓ ତାଙ୍କର ଇଣ୍ଟର ମିଆମି ସାଥି ଖେଳାଳି ଲୁଇସ ସୁଆରେଜ ଓ ରୋଡ୍ରିଗୋ ଡି ପଲଙ୍କ ସହ ଆଇକନିକ ୱାଙ୍ଖେଡେ ଷ୍ଟାଡିୟମରେ ପହଞ୍ଚିଥିଲେ। ଏହି ଅବସରରେ ମେସି କ୍ରିକେଟ ଲିଜେଣ୍ଡ ସଚିନ ତେନ୍ଦୁଲକରଙ୍କୁ ଭେଟିଥିବା ବେଳେ ସଚିନ, ମେସିଙ୍କୁ ତାଙ୍କର ୨୦୧୧ ଦିନିକିଆ ବିଶ୍ୱକପ୍‌ର ୧୦ ନଂ ଜର୍ସି ପ୍ରଦାନ କରିଥିଲେ। ଏଥିସହିତ ସେ ଭାରତୀୟ ଫୁଟବଲ ଷ୍ଟାର ସୁନୀଲ ଛେତ୍ରୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ଓ ତାଙ୍କ ପତ୍ନୀ ଅମୃତା, ବଲିଉଡ୍ ଅଭିନେତା ଟାଇଗର ଶ୍ରଫଙ୍କ ଭଳି ଅନେକ ଭିଭିଆଇପିଙ୍କୁ ଭେଟିଥିଲେ। ଏଥିପୂର୍ବରୁ ମେସି, ସୁଆରେଜ, ଡି ପଲ ଏକ ପ୍ରଦର୍ଶନୀ ମ୍ୟାଚ୍‌ରେ ଭାଗ ନେଇଥିଲେ।

# ପ୍ରଧାନମନ୍ତ୍ରୀ, ସିଜେଆଇ, ସେନା ମୁଖ୍ୟଙ୍କୁ ଭେଟିବେ ମେସି

**ନୂଆଦିଲ୍ଲୀ, ୧୪।୧୨**

ଲାୟୋନେଲ ମେସି ସୋମବାର ତାଙ୍କର ଦିଲ୍ଲୀ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ବାସଭବନରେ ଭେଟିବେ। ଏହାପରେ ସେ ଚିଫ୍ ଜଷ୍ଟିସ ଅଫ୍ ଇଣ୍ଡିଆ ଓ ସେନା ମୁଖ୍ୟଙ୍କୁ ଜଣେ ଏମ୍‌ପିଙ୍କ ଘରେ ଭେଟିବେ। ଜିଓଏଟି ଇଣ୍ଡିଆ ଟୁରର ଅନ୍ତିମ ଦିନରେ ଦିଲ୍ଲୀର ଫିରୋଜଶାହ କୋଟଲା ଷ୍ଟାଡିୟମରେ ଉଭୟ ଭାରତୀୟ କ୍ରିକେଟ ଦଳର ସଦସ୍ୟଙ୍କୁ ଭେଟିବେ। ମିଳିଥିବା ସୂଚନା ମୁତାବକ, ଉକ୍ତ ଏମ୍‌ପି ହେଉଛନ୍ତି ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ପ୍ରଫୁଲ ପଟେଲ, ଯିଏକି ପୂର୍ବରୁ ସେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ସଭାପତି ଥିଲେ। ମେସି ଦିଲ୍ଲୀରେ ସକାଳ ୧୦.୪୫ରେ ପହଞ୍ଚିବେ ଏବଂ ସେଠାକାର ଏକ ହୋଟେଲରେ ପ୍ରଥମେ ୫୦ ମିନିଟ୍ ଲମ୍ବା 'ମିଟ୍ ଆଣ୍ଡ ଗ୍ରିଟ୍' ଇଭେଣ୍ଟରେ ଯୋଗଦେବେ। ଏହାପରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନରେ ୨୦ ମିନିଟ୍ ବିତାଇବେ। ତାଙ୍କ ପରବର୍ତ୍ତୀ ଗନ୍ତବ୍ୟ ସ୍ଥଳ ହେବ ଜଣେ ଏମ୍‌ପିଙ୍କ ଘର ; ଯେଉଁଠାରେ ସେ ଆର୍ଜେଣ୍ଟିନାର ଭାରତୀୟ ଆମ୍ବାସାଡର ମାରିଆନୋ ଅଗଷ୍ଟିନ କୌସିନୋ, ସିଜେଆଇ ଜଷ୍ଟିସ ସୂର୍ଯ୍ୟକାନ୍ତ, ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ଚିଫ୍ ଅଫ୍ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟର ରାହୁଲ ନବୀନଙ୍କୁ ଭେଟିବେ। ଏହାପରେ ୩.୩୦ରେ ସେ ଫିରୋଜଶାହ କୋଟଲା ଷ୍ଟାଡିୟମରେ ପହଞ୍ଚି ଭାରତୀୟ ଦଳର ଖେଳାଳିଙ୍କୁ ଭେଟିବେ ଏବଂ ସେଠାରୁ ସିଧାସଳଖ ବିମାନବନ୍ଦର ଯିବେ।

# ଉନ୍ନତି, କିରଣ ଚାମ୍ପିୟନ





ପୁରୁଷ ସିଙ୍ଗଲ୍ସ ରନରଅପ୍ ମହମ୍ମଦ ଯୁସୁଫ, ଚାମ୍ପିୟନ କିରଣ ଜର୍ଜ। ମହିଳା ଡବଲ୍ସ ଚାମ୍ପିୟନ ଗାବ୍ରିଏଲା ଷ୍ଟୋଏଭା ଓ ଷ୍ଟିଫାନୀ ଷ୍ଟୋଏଭା।

**ଭୁବନେଶ୍ୱର, ୧୪।୧୨ (ତପନ ସ୍ୱାଇଁ)/କଟକ (କାର୍ତ୍ତିକ ସାହୁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଓଡ଼ିଶା ମାଷ୍ଟର୍ସ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ସିଙ୍ଗଲ୍ସରେ ଭାରତର ଉନ୍ନତି ହୁଡ଼ା ଓ ପୁରୁଷରେ କିରଣ ଜର୍ଜ ଚାମ୍ପିୟନ ହୋଇଛନ୍ତି। ଅଲ୍ ଇଣ୍ଡିଆ ମହିଳା ସିଙ୍ଗଲ୍ସ ଫାଇନାଲରେ ଉନ୍ନତି ସାଥୀ ଖେଳାଳି ଇସାରାଣୀ ବରୁଆଙ୍କୁ ୨୧-୧୭,୨୧-୧୦ରେ ହରାଇ ଟାଇଟଲ ଜିତିଛନ୍ତି। ସଂଘର୍ଷପୂର୍ଣ୍ଣ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଭାରତର କିରଣ ଜର୍ଜ ଇଣ୍ଡୋନେସିଆର ମହମ୍ମଦ ଯୁସୁଫଙ୍କୁ

### ଓଡିଶା ମାଷ୍ଟର୍ସ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

୨୧-୧୪, ୧୩-୨୧ ଓ ୨୧-୧୬ରେ ହରାଇ ଚାମ୍ପିୟନ ହୋଇଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲ୍‌ରେ ଇଣ୍ଡୋନେସିଆ ଯୋଡି ମାରୱାନ ଫାଜା ଓ ଆଇସା ସାଲସାବିଲା ପୁତ୍ରୀ ପ୍ରଣୀତା ନିଜ ଦେଶର ଡେଜାନ ଫର୍ଡିନାନ୍ସ ଓ ବେର୍ନାଡିନ ଆନିନ୍ଦ୍ୟ ୱାର୍ଦନାଙ୍କୁ ୨୧-୧୫, ୨୧-୧୦ରେ ପରାସ୍ତ କରିଛନ୍ତି। ସେହିପରି ମହିଳା ଡବଲ୍ସ ଫାଇନାଲରେ ବୁଲଗେରିଆ ଯୋଡି ଗାବ୍ରିଏଲା ଷ୍ଟୋଏଭା ଓ ଷ୍ଟିଫାନୀ ଷ୍ଟୋଏଭା ମାଲେସିଆ ଯୋଡି ଅଙ୍ଗ ଜିନ ୟୀ ଓ କାର୍ମେନ ଟିଙ୍ଗଙ୍କୁ ୨୧-୧୯, ୨୧-୧୪ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ପୁରୁଷ ଡବଲ୍ସ ଫାଇନାଲ୍‌ରେ ଇଣ୍ଡୋନେସିଆର ଅଲି ରେହନ ଓ ଦେଭିନ ଅର୍ଥା ୱାହଦି ମାଲେସିଆ ଯୋଡି କାଙ୍ଗ୍ ଖାଇ ଜିଙ୍ଗ ଓ ଆରୋନ ତାଇ ଯୋଡିଙ୍କୁ ୧୫-୨୧, ୨୧-୧୨ ଓ ୨୧-୧୬ରେ ହରାଇଛନ୍ତି। ପୁରସ୍କାର ବିତରଣ ସମୟରେ କ୍ରୀଡା ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ବିଜୟ ୟେଦୁଲ୍ଲା, ଶିଳ୍ପ ବିଭାଗ ନିର୍ଦ୍ଦେଶକ ସୁନୀଲ ଆବୋଲି ନର୍ବାଣେ, ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ସଞ୍ଜୟ ମିଶ୍ର, ରାଜ୍ୟ ଆସୋସିଏଶନ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଲିନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଇନୋଭାରେ କ୍ଲାଉଡ୍ସକୁ ଟାଇଟଲ

**ଭୁବନେଶ୍ୱର, ୧୪।୧୨ (ବିଜୟ ରଣା)**

ମେଗା କର୍ପୋରେଟ୍ କ୍ରିକେଟ ଟୁର୍ନାମେଣ୍ଟ ଇନୋଭାରେ କପ୍ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଇନୋଭାରେ କ୍ଲାଉଡ୍ସ ଦଳ ଚାମ୍ପିୟନ ହୋଇଛି। ସ୍ଥାନୀୟ ସିଭି ରମଣ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଦଳ ୯୭ରନରେ ଏସ୍‌ଆସିକୁ ହରାଇ ଦେଇଛି। ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଇନୋଭାରେ ନିର୍ଦ୍ଧାରିତ ୨୦ଓଭରରେ ୫ ଉଇକେଟ ବିନିମୟରେ ୧୯୨ରନ କରିଥିଲା। ଦଳ ପକ୍ଷରୁ ଶୁଭ୍ରାଂଶୁ ୪୮, ରାଜେଶ ପାଇକରାୟ ୪୪ ଓ ହିମାଂଶୁ ପତି ୩୪ ରନ କରି ଅପରାଜିତ ଥିଲେ। ବିପକ୍ଷ ଦଳର କ୍ରିଷ୍ଣା ଚୌଧୁରୀ ୨ ଉଇକେଟ ଅକ୍ତିଆର କରିଥିଲେ। ଏସ୍‌ଆସି ବ୍ୟାଟିଂ କରିବାକୁ ଯାଇ ୧୨.୪ ଓଭରରେ ୯୫ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ଅବିନାଶ ଭୂୟାଁ ୧୭ ଓ ସର୍ଫରାଜ ୧୬ ରନ କରିଥିଲେ। ବିଜୟୀ

### କର୍ପୋରେଟ୍ କ୍ରିକେଟ

ଦଳର ହିମାଂଶୁ ପତି ଓ ଅସ୍ମିତ ରାଉତ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ବିଜୟୀ ଦଳର ହିମାଂଶୁ ପତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ଅସ୍ମିତ ରାଉତ ଉଭୟ ଇମ୍ପାକ୍ଟ ପ୍ଲେୟର ଓ ବେଷ୍ଟ ବୋଲର ବିବେଚିତ ହୋଇଥିଲେ। ସେହିପରି ଟିସିଏସ୍‌ର ଜୟରାମ ରଥ ଉଭୟ ବେଷ୍ଟ ବ୍ୟାଟର ଏବଂ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓସିଏ କୋଚ୍ କ୍ଷୀରୋଦ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଅନୁରାଗ ଷଡ଼ଙ୍ଗୀ (ରଣଜୀ କ୍ରିକେଟର) ଏବଂ ସମ୍ମାନିତ ଅତିଥି ଭାବେ ସୌରଭ ଦାଶ (ଭିପି, ଓସିସିଏଫ୍), ମୋହର ମିଶ୍ର (ସିଟିଓ, କୋ-ଫାଉଣ୍ଡର ଇନୋଭାରେ) ପ୍ରମୁଖ ଉପସ୍ଥିତ ଥିଲେ।



ଚାମ୍ପିୟନ ଇନୋଭାରେ କ୍ଲାଉଡ୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।


## Classified Everyday

0674-2580101, 9692975378



REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14




All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

By virtue of Affidavit No. 07, dated 11.12.2025, I, DIGBIAJY DAS, do hereby declare that from now onwards I shall be known as DIGBIJAY DAS for all purposes. D-2831

By virtue of an affidavit sworn before the Executive Magistrate, Boudh, No.1669, Dt.10.12.25, I, Mahisuta Pradhan, W/o. Gopal Pradhan, R/o. Village/PO.- Palaspat, P.S.- Baunsuni, Dist.- Boudh, Odisha, PIN- 762014 declare that I have changed the name of my son from NTR PRADHAN to SURJYA PRADHAN. Henceforth, he shall be known as SURJYA PRADHAN for all purposes.
Mahisuta Pradhan
D-2832

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before the Executive Magistrate, Boudh, No.1641, Dtd.- 03.12.25, I, Lokanath Meher, R/o. Village- Mankaman, P.O.- Ainalapali, P.S.- Baunsuni, Dist.- Boudh (Odisha), PIN- 762015 declare that I have changed the name of my son from Raghnath Meher to Raghunath Meher. Henceforth, he shall be known as Raghunath Meher for all purposes.
Lokanath Meher
D-2833





# ପୁରୁଷରେ କୋଲ୍‌କାତା, ମହିଳାରେ ମୟୂରଭଞ୍ଜ ଚାମ୍ପିୟନ

**ବାରିପଦା, ୧୪।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଫାଉଣ୍ଡେଶନ ପକ୍ଷରୁ ବାରିପଦା ଷ୍ଟାଡିୟମ୍ ପଡ଼ିଆରେ ଚାଲିଥିବା ଜାତୀୟସ୍ତରୀୟ ମହାରାଜା ସେଭେନ୍‌ସ ରଗ୍‌ବୀ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଏବଂ ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନ ସହଯୋଗରେ ପ୍ରଥମଥର ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ପୁରୁଷ ବିଭାଗରେ ୯ ଦଳ ଅଂଶଗ୍ରହଣ କରିଥିଲେ। କୋଲ୍‌କାତାର ଫ୍ୟୁଚର ହୋପ୍ ହାରିକୁଇନ୍ସ ଚାମ୍ପିୟନ ହୋଇଥିବା ବେଳେ ମୟୂରଭଞ୍ଜ ଓଡ଼ିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ରନରଅପ୍ ହୋଇଛି। ସେହିପରି ମହିଳା ବିଭାଗରେ ୬ ଦଳ ଅଂଶଗ୍ରହଣ କରିଥିବାବେଳେ ମୟୂରଭଞ୍ଜ ଓଡ଼ିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଚାମ୍ପିୟନ ଓ କୋଲ୍‌କାତାର ଫ୍ୟୁଚର ହୋପ୍ ହାରିକୁଇନ୍ସ ରନରଅପ୍ ହୋଇଛି। ଫାଉଣ୍ଡେଶନ ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ

### ଜାତୀୟସ୍ତରୀୟ ରଗ୍‌ବୀ ଟୁର୍ନାମେଣ୍ଟ

ସିଂହଦେଓ ଚାମ୍ପିୟନ ଦଳକୁ ୫୦ହଜାର ପ୍ରୋତ୍ସାହନ ରାଶି ସହ ଟ୍ରଫି ଏବଂ ରନରଅପ୍ ଦଳକୁ ୩୦ହଜାର ପ୍ରୋତ୍ସାହନ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଏହାସହ ରଗ୍‌ବୀ ଏକ କୌଶଳ ଓ ଦ୍ରୁତଗତି ଦକ୍ଷତାର ଖେଳ ବୋଲି ସେ କହିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ, ଆର୍‌ସିସିଏଫ୍ ଡ. ପ୍ରକାଶ ଚାନ୍ଦ ଗୋଗିନେନି, ଜିଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ଫୁଟ୍‌ବଲ୍ ସମ୍ପାଦକ ଅମର କୁମାର ସେଠୀ ଉପସ୍ଥିତ ଥିଲେ। ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ସହଆୟୋଜକ ଦିବ୍ୟରଞ୍ଜନ ଦାସ, ବିଭୁଦତ୍ତ ଦାସ ଓ ମଙ୍ଗଳ ହାଁସଦାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ଜାତୀୟ ଖେଳାଳି, ସମସ୍ତ ରେଫରି, ପ୍ରାୟୋଜକ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ହୃତ୍‌ପିଣ୍ଡକୁ ସୁସ୍ଥ ରଖେ ଗାଜର



**ଗା**ଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ, ଫାଇବର୍ ଓ ଆଣ୍ଟି ଅକ୍ସିଡାଣ୍ଟ ଉପାଦାନ ଭରି ହୋଇରହିଛି। ଏଥିରେ ଏଭଳି ଉପକାରୀ ତତ୍ତ୍ୱ ଭରିରହିଛି, ଯାହା ହୃତ୍‌ପିଣ୍ଡ ପାଇଁ ଉପକାରୀ। 'ସୁସ୍ଥ ହୃତ୍‌ପିଣ୍ଡ ଏବଂ ଗାଜର' ଶୀର୍ଷକ ବିଷୟକୁ ନେଇ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ନିୟମିତ ଗାଜର ଖାଇବା ଦ୍ୱାରା ହୃତ୍‌ପିଣ୍ଡର କାର୍ଯ୍ୟଧାରା ମଧ୍ୟ ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିଥାଏ। ଏଥିରେ ଥିବା ଉପକାରୀ ଗୁଣ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ଏହା ମଧ୍ୟ ସାହାଯ୍ୟ କରିଥାଏ। ଗାଜର ହେଉଛି ଭିଟାମିନ୍ 'ସି'ର ଅନ୍ୟତମ ପ୍ରମୁଖ ଉତ୍ସ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗାଜର ଖାଇଲେ ରକ୍ତରେ ଶର୍କରା ପରିମାଣ ସନ୍ତୁଳିତ ରହିଥାଏ। ଏଥିରେ କ୍ୟାଲସିୟମ ମାତ୍ରା ଭରି ରହିଛି, ଯାହା ଅସ୍ଥିକୁ ଦୃଢ଼ ରଖେ। ଗାଜର ଶରୀରର ଓଜନକୁ ମଧ୍ୟ ସନ୍ତୁଳିତ ରଖେ। ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ। ଏଥିରେ ଥିବା ଉପକାରୀ ତତ୍ତ୍ୱ ଚର୍ମକୁ ସତେଜ ରଖିବା ସହ କେଶ ଝଡ଼ିବାକୁ ଦେଇ ନ ଥାଏ।

## ଫ୍ୟାଟ୍‌ଜାତୀୟ ଖାଦ୍ୟ ଅଧିକ ଖାଉଥିଲେ...

**ଆ**ମେ ସୁସ୍ଥ ରହିବା ପଛରେ ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଇବା ଦରକାର। ହେଲେ ଏସବୁ ଖାଦ୍ୟ ସନ୍ତୁଳିତ ରହିବା ନିହାତି ଆବଶ୍ୟକ। ତେବେ ଅସନ୍ତୁଳିତ ଖାଦ୍ୟଶୈଳୀ ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଅବା ଫ୍ୟାଟ୍ ଜାତୀୟ ଖାଦ୍ୟ ଖାଇଲେ ତାହା ଷ୍ଟ୍ରୋକ୍ ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେରୁ ଏକଥା ଜାଣିପାରିଛନ୍ତି। ପ୍ରାୟ ନିୟମିତ ଏଭଳି ଖାଦ୍ୟ ଖାଉଥିବା କେତେ ଜଣ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟକୁ ତନ୍ନ ତନ୍ନ କରି ପରୀକ୍ଷା କରିବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କ ଠାରେ ଏଭଳି ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଧିକ ତେଲମସଲା କିମ୍ବା ଫ୍ୟାଟ୍‌ଜାତୀୟ ଖାଦ୍ୟ ହୃତ୍‌ପିଣ୍ଡର କାର୍ଯ୍ୟଧାରାକୁ ମଧ୍ୟ ପ୍ରଭାବିତ କରିଥାଏ। ତେଣୁ ସବୁବେଳେ ସନ୍ତୁଳିତ ତଥା ସୁଷମ ଖାଦ୍ୟ ଯଥା ସବୁଜ ପନିପରିବା, କ୍ଷୀର, ମାଛ, ତଟକା ଫଳମୂଳ ଖାଇବା ଦରକାର। ଇବା ଦ୍ୱାରା ଆମର ଷ୍ଟ୍ରୋକ୍ ଶତକଡ଼ା ୧୨ ପ୍ରତିଶତ କମିଥାଏ। ତେଣୁ ମସ୍ତିଷ୍କରେ ଉନ୍ନତି ଆଣିବା ସହ ଶରୀରକୁ ସୁସ୍ଥ ରଖିବାକୁ ହେଲେ ଆମକୁ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ନିହାତି ଜରୁରୀ।




# ବଂଶଗତ ରୋଗ ଥାଲାସିମିଆ



ଡ. ନିତ୍ୟାନନ୍ଦ ସ୍ୱାଇଁ

"ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି-ଥାଲାସିମିଆ ମେଜର, ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ। ଥାଲାସିମିଆ ମେଜରକୁ ମଧ 'ବିଟା ଥାଲାସିମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡ଼ିଥିବାରୁ ଜାତ ହୁଏ ଗୁରୁତର ଧରଣର ରକ୍ତହୀନତା ବା ଆନିମିଆ।"





**ଥା**ଲାସିମିଆ ଏକ ବଂଶଗତ ରକ୍ତ ରୋଗ। ଏହି ରୋଗରେ ଶରୀରରେ ଅକ୍ସିଜେନ୍ ପରିବହନକାରୀ ହେମୋଗ୍ଲୋବିନ୍‌ର ଗଠନ ତ୍ରୁଟିପୂର୍ଣ୍ଣ ହୋଇଯାଇଥାଏ। ଏହାଫଳରେ ଦେଖାଦିଏ 'ଆନିମିଆ' ବା ରକ୍ତାଳ୍ପତା। ଆପଣମାନଙ୍କ ମଧ୍ୟରୁ ଅନେକେ ଥାଲାସିମିଆ ରୋଗଟିର ନାଁ ଶୁଣିଥିବେ। କାହାର ପୁଅ କି ଝିଅ ହୁଏତ ଏହି ରୋଗ ଭୋଗୁଥାଇପାରନ୍ତି। ଜିନ୍ ଦୋଷରୁ ଜାତ ଏହି ରୋଗଟି ଆଦୌ ବିରଳ ନୁହେଁ। ତେଣୁ ଉକ୍ତ ସ୍ୱାସ୍ଥ୍ୟ ସମସ୍ୟାର କାରଣ ଏବଂ ଚିକିତ୍ସା ପଦ୍ଧତି ବିଷୟରେ ଆମେ ଅବଗତ ହେବା ନିହାତି ଆବଶ୍ୟକ।

ଆମ ସମସ୍ତଙ୍କ ରକ୍ତରେ ରହିଛି ଆଇ.ବି.ସି. ବା ଲୋହିତ ରକ୍ତ କୋଷିକା। ଲୋହିତ ରକ୍ତ କୋଷିକା ଭିତରେ ଥାଏ ହେମୋଗ୍ଲୋବିନ୍ ନାମକ ଏକ ଉପାଦାନ। 'ହିମ୍' ଓ 'ଗ୍ଲୋବିନ୍'-ଏହି ଦୁଇଟି ଉପାଦାନ ଥାଏ ହେମୋଗ୍ଲୋବିନ୍‌ରେ। 'ହିମ'ରେ ଥାଏ ଲୌହ ଏବଂ 'ଗ୍ଲୋବିନ୍' ହେଉଛି ଏକ ପ୍ରୋଟିନ୍। ହୋମୋଗ୍ଲୋବିନ୍ ବିନା ଆମେ ବଞ୍ଚିପାରିବା ନାହିଁ। କାରଣ ଏହା ପ୍ରଶ୍ୱାସ ବାୟୁରୁ ଅମ୍ଳଜାନ ଗ୍ରହଣ କରି ସବୁ ଜୀବକୋଷ ନିକଟରେ ପହଞ୍ଚାଇ ଦିଏ ଏବଂ ସବୁ ଜୀବକୋଷରୁ କାର୍ବନଡାଇଅକ୍ସାଇଡ୍ ଆଦି ନିଃଶ୍ୱାସ ବାୟୁ ମାଧ୍ୟମରେ ନିଷ୍କାସନ କରିଦିଏ।

'ଆଲ୍‌ଫା' ଓ 'ବିଟା' ଗ୍ଲୋବିନ୍‌ଜେନକୁ ନେଇ ଗ୍ଲୋବିନ୍ ଅଣୁଟି ଗଠିତ। କିନ୍ତୁ ନିର୍ଦ୍ଦିଷ୍ଟ ଏକ କ୍ରୋମୋଜୋମ୍ ବା ଗୁଣସୂତ୍ରରେ ତ୍ରୁଟି ରହିଗଲେ ତ୍ରୁଟିର ପ୍ରକାରକୁ ଚାହିଁ ଆଲ୍‌ଫା ଗ୍ଲୋବିନ୍ ଚେନ୍ କି ବିଟାଗ୍ଲୋବିନ୍ ଚେନ୍‌ର ତିଆରି ତ୍ରୁଟିଯୁକ୍ତ ହୋଇଯାଏ। ଆଲ୍‌ଫା ଚେନ୍‌ର ତ୍ରୁଟି ହେଲେ ତାକୁ 'ଆଲ୍‌ଫା ଥାଲାସିମିଆ' ଏବଂ ବିଟା ଚେନ୍‌ରେ ତ୍ରୁଟି ହେଲେ ତାହାକୁ କହନ୍ତି 'ବିଟା ଥାଲାସିମିଆ'। ଥାଲାସିମିଆ ରୋଗଟି ବଂଶଗତ ଜିନ୍ ରୋଗ ହୋଇଥିବାରୁ ପରିବାରର ଏକାଧିକ ବ୍ୟକ୍ତି ଏହି ରୋଗଟିରେ ଆକ୍ରାନ୍ତ ହେବା ଆଦୌ ଅସ୍ୱାଭାବିକ ନୁହେଁ।

**ଜିନ୍ ଦୋଷଟି କାହାଠାରେ ଥାଏ :** ଜିନ୍ ଦୋଷଟି ଥାଏ ପିତା କିମ୍ବା ମାତା ନ ହେଲେ ପିତା-ମାତା ଉଭୟଙ୍କଠାରେ। ପୁରୁଷଙ୍କ ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ଜିନ୍‌ର ବାହକ ବା ଥାଲାସିମିଆ ଟ୍ରେଟ୍। ସେହିପରି ମହିଳାମାନଙ୍କର ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ମଧ୍ୟ ଥାଲାସିମିଆ ଜିନ୍‌ର ବାହକ ସାଜିଥାଏ। ଥାଲାସିମିଆ ଟ୍ରେଟ୍ ପୁରୁଷ କି ଥାଲାସିମିଆ ଟ୍ରେଟ୍ ମହିଳା ଥାଲାସିମିଆ ରୋଗୀ ନୁହନ୍ତି।

ମାତ୍ର ସଂଯୋଗବଶତଃ ଥାଲାସିମିଆ ଟ୍ରେଟ୍ ପୁରୁଷ ଓ ଥାଲାସିମିଆ ଟ୍ରେଟ୍ ମହିଳାମାନଙ୍କ ମଧ୍ୟରେ ବିବାହ ହୋଇଗଲେ ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରୁ କେହି କେହି ଥାଲାସିମିଆ ରୋଗରେ ଆକ୍ରାନ୍ତ ହୋଇପଡ଼ିବାର ଆଶଙ୍କା ଉପୁଜିଥାଏ। ପୁତ୍ର ସନ୍ତାନ ରୋଗ ଭୋଗିପାରେ, କନ୍ୟା ସନ୍ତାନ ମଧ୍ୟ ରୋଗ ଭୋଗିପାରେ। ଉକ୍ତ ଦମ୍ପତିଙ୍କଠାରୁ ସୁସ୍ଥ ସନ୍ତାନ ଜନ୍ମ ନେବା ମଧ୍ୟ ସମ୍ଭବ। ଯେଉଁ ସନ୍ତାନଟି ଦୁଇଟିଯାକ ଗ୍ଲୋବିନ୍ ଜିନ୍‌ର ଦୋଷ ଥାଏ, ସେହି ସନ୍ତାନଟି ହିଁ ଥାଲାସିମିଆ ରୋଗର ଶିକାର ହୋଇପଡ଼େ।

ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି-ଥାଲାସିମିଆ ମେଜର, ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ। ଥାଲାସିମିଆ ମେଜରକୁ ମଧ 'ବିଟା ଥାଲାସିମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡ଼ିଥିବାରୁ ଜାତହୁଏ ଗୁରୁତର ରକ୍ତହୀନତା ବା ଆନିମିଆ।

ସାଧାରଣ ଭାବରେ ଦେଖିଲେ ଭୂମିଷ୍ଠ ହେବା ସମୟରେ ଶିଶୁଟି ଦେଖାଯାଏ ଶେତାଳିଆ। ପରେ ପରେ ଯକୃତ ଓ ପ୍ଲୀହା ଆସ୍ତେ ଆସ୍ତେ ବଢ଼ିବାକୁ ଆରମ୍ଭ କରେ। ଯେଉଁ ରୋଗାକ୍ରାନ୍ତ ଶିଶୁମାନେ ବର୍ଷେ କି ଦୁଇ ବର୍ଷ ଭିତରେ ମୃତ୍ୟୁବରଣ ନ କରି ବଞ୍ଚିରହନ୍ତି, ସେମାନଙ୍କର ମୁଖମଣ୍ଡଳ ଗୋଲାକାର ଦେଖାଯାଏ। କପାଳ ଓ ମସ୍ତିଷ୍କର ଦୁଇ ପାଖ ହାଡ଼ ଫୁଲିଯାଏ। ବଢ଼ିଯାଏ ହନୁ ହାଡ଼। ନାକ ଦେଖାଯାଏ ଚେପ୍‌ଟା ଓ ଆଖି ଫୁଲାଫୁଲା। ଥାଲାସିମିଆ ଶିଶୁ ସ୍ୱାଭାବିକ ଭାବରେ ବିକାଶ ଲାଭ କରିପାରେନି। ତା'ଠାରେ ଅନିୟମିତ ଭାବରେ ଜ୍ୱର ହୁଏ। ଭୋକ ମରିଯାଏ। ପ୍ରକାଶ ପାଏ କାମଳ। ରୋଗୀ ଦୁର୍ବଳତା ଅନୁଭବ କରେ। ସହଜରେ ଧଇଁସଇଁ ହୋଇପଡ଼େ।

ଥାଲାସିମିଆ ରୋଗୀର କମିଯାଏ ହେମୋଗ୍ଲୋବିନ୍‌ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା। ଲୋହିତ ରକ୍ତକୋଷିକାଗୁଡ଼ିକ ଛୋଟଛୋଟ ହୋଇଯାଆନ୍ତି। ନର୍ମୋବ୍ଲାଷ୍ଟ ନାମକ ଅବିକଶିତ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା ବଢ଼ିଯାଏ। ବଢ଼ିଯାଏ 'ଫିଟାଲ ହେମୋଗ୍ଲୋବିନ୍' ବା 'ହେମୋଗ୍ଲୋବିନ୍-ଏଫ୍'ର ମାତ୍ରା। ଏଚ୍‌ପିଏଲ୍‌ସି ନାମକ ଏକ ଅତ୍ୟାଧୁନିକ ପରୀକ୍ଷାରୁ ଥାଲାସିମିଆ ରୋଗକୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଣ୍ଣୟ କରାଯାଇଥାଏ। ଆନୁଷଙ୍ଗିକ ପରୀକ୍ଷା ଭାବରେ କରାଯାଇପାରେ ଅସ୍ଥିମଜ୍ଜା ପରୀକ୍ଷା, ହାଡ଼ର ଏକ୍ସ-ରେ ଏବଂ ରକ୍ତରେ ଲୌହ ଓ ଫେରିଟିନ୍‌ର ମାତ୍ରା ନିର୍ଦ୍ଧାରଣ।

ଥାଲାସିମିଆ ମେଜର ବା ବିଟା ଥାଲାସିମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡ଼େ। ବାରମ୍ବାର ରକ୍ତ ନେବା ଫଳରେ ରୋଗୀଙ୍କ ରକ୍ତରେ ଲୌହର ପରିମାଣ ବଢ଼ିଯାଇ ତାହା ଯକୃତ୍, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ଇତ୍ୟାଦି ଅଙ୍ଗରେ ଜମିଯାଏ। ଫଳରେ ବାହାରିପାରେ ହୃଦ୍‌ରୋଗ ଓ ଡାଇବେଟିସ୍ ଇତ୍ୟାଦି ରୋଗ। ରକ୍ତରେ ଲୌହର ପରିମାଣ ସନ୍ତୁଳିତ ରଖିବା ପାଇଁ ଏବେ ବିଭିନ୍ନ ପ୍ରକାର ଔଷଧ ବଜାରରେ ଉପଲବ୍ଧ। ପ୍ଲୀହାର ଆକାର ବେଶି ବଢ଼ିଗଲେ ଓ ବାରମ୍ବାର ରକ୍ତ ନେବା ଦରକାର ପଡୁଥିଲେ ରୋଗୀର ପ୍ଲୀହାଟିକୁ କାଟି ବାହାର କରିଦିଆଯାଇଥାଏ। ଏହାବ୍ୟତୀତ ଅସ୍ଥିମଜ୍ଜା ପ୍ରତିରୋପଣ ବା ଷ୍ଟେମ୍ ସେଲ୍ ପ୍ରତିରୋପଣ ମଧ୍ୟ କରାଯାଇଥାଏ।

ଥାଲାସିମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ୍ୟ ଏହାର ନିବାରଣ ସମ୍ଭବ। ସ୍ୱାମୀ ଓ ସ୍ତ୍ରୀ ଉଭୟ ଥାଲାସିମିଆ ଟ୍ରିଟ୍ ହୋଇଥିଲେ ଏବଂ ସ୍ତ୍ରୀ ଗର୍ଭବତୀ ହେଲେ ଗର୍ଭ ହେବାର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୂଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ବଡ଼ ସୌଭାଗ୍ୟର କଥା ଯେ ଥାଲାସିମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ। ତେବେ ଥାଲାସିମିଆ ରୋଗଟି ସମ୍ବନ୍ଧରେ ଜନସଚେତନତା ବୃଦ୍ଧିର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତ ତଥ୍ୟର ସଂଚାରଣ ମଧ୍ୟ ବାଞ୍ଛନୀୟ। ଏହି ରୋଗ ସଂକ୍ରାନ୍ତ ସ୍ୱାସ୍ଥ୍ୟ ଶିକ୍ଷା ରୋଗର ନିବାରଣ ଏବଂ ଚିକିତ୍ସାରେ ଯେ ଯଥେଷ୍ଟ ସହାୟକ ହୋଇପାରିବ ଏହା ନିଃସନ୍ଦେହ।

-କଟକ, ମୋ : ୮୩୨୮୯୭୫୧୧୮

## ଜୀବନଶୈଳୀ ଅସନ୍ତୁଳିତ ରହିଲେ..

**ଆ**ଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଗଲାଣି କହିଲେ ଆଦୌ ଭୁଲ୍ ହେବ ନାହିଁ। ଯଦି ଡାଇବେଟିସ ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟି ଶକ୍ତି ଉପରେ ପଡ଼ିଥାଏ। ତେଣୁ ଡାଇବେଟିସ୍‌କୁ 'ନୀରବ ଘାତକ' ଆଖ୍ୟା ଦିଆଯାଇଛି। ଏହି ରୋଗ ସମ୍ପର୍କରେ ଜାଣିବା ପରେ ତାହାର ଚିକିତ୍ସା କରାଇବା ସହ କେତେକ ଦିଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡ଼ିଥାଏ। ଅସନ୍ତୁଳିତ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ତେଣୁ ଏନେଇ ସତର୍କ ରହିବା ସହ ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ନଜର ଦେବା ନିହାତି ଜରୁରୀ। ଏହାବ୍ୟତୀତ ଏହାର କାରଣ ସମ୍ପର୍କରେ ସମସ୍ତେ ଅବଗତ ହେବା ଆବଶ୍ୟକ। କାରଣ ଆଜିକାଲି କେତେବେଳେ କାହାଠାରେ ଏହାର ଲକ୍ଷଣ ପ୍ରକାଶ ପାଇବ ତାହା ଆକଳନ କରିବା କଷ୍ଟକର। ତେଣୁ ଏ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଆପଣଙ୍କର ଡାଇବେଟିସ ସମସ୍ୟା ରହିଛି ତେବେ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ଏହି ସମୟରେ ରକ୍ତରେ ସୁଗାର ପରିମାଣ ବ୍ୟତୀତ ଡାକ୍ତରଙ୍କ କହିବା ଅନୁସାରେ ଆଉ କେତେକ ଆନୁସଙ୍ଗିତ ପରୀକ୍ଷା କରାଇ ନିଅନ୍ତୁ।



## ମୃତ୍ତିକା ପ୍ରଦୂଷଣ ବଢ଼ାଉଛି ପ୍ଲାଷ୍ଟିକ୍

**ପ୍ଲା**ଷ୍ଟିକ୍ ପ୍ରଦୂଷଣ ମଧ୍ୟ ସ୍ଥଳଭାଗରେ ନିଜର କାୟା ବିସ୍ତାର କରି ଚାଲିଛି। ପ୍ଲାଷ୍ଟିକ୍ ଆବର୍ଜନାକୁ ଖାଦ୍ୟ ବୋଲି ମନେକରି କିଛି ଜୀବ ଭକ୍ଷଣ କରିଥାନ୍ତି। ଏହା ସେମାନଙ୍କ ଅନ୍ତନଳୀରେ ପ୍ରବେଶ କରି ଖାଦ୍ୟପଥକୁ ବନ୍ଦ କରିଦିଏ। ଏହା ମଧ୍ୟ ସମୟକ୍ରମେ ଛୋଟ ଛୋଟ ଖଣ୍ଡରେ ପରିଣତ ହୋଇ ରକ୍ତ ସଞ୍ଚାଳନ ପ୍ରକ୍ରିୟା ଜରିଆରେ ପ୍ରାଣୀର ଜୀବକୋଷରେ ପ୍ରବେଶ କରେ। ଏହାଦ୍ୱାରା ବିଭିନ୍ନ ରୋଗ ସୃଷ୍ଟି ହେବା ସାଙ୍ଗକୁ ହରମୋନ୍ କ୍ଷରଣରେ ଅନିୟମିତତା ଉତ୍ପନ୍ନ ହୁଏ। ସମୟକ୍ରମେ ଏହା ପ୍ରାଣୀର ପ୍ରଜନନ କ୍ଷମତାକୁ ମଧ୍ୟ ପ୍ରଭାବିତ କରେ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ପ୍ଲାଷ୍ଟିକ୍ ପ୍ରଦୂଷଣ ଯୋଗୁ ସ୍ଥଳଭାଗରେ ମଧ୍ୟ ବର୍ଷକୁ ପ୍ରାୟ ୧ ଲକ୍ଷ ଜୀବଙ୍କର ମୃତ୍ୟୁ ଘଟୁଛି। ପ୍ଲାଷ୍ଟିକ୍‌ଜାତ ପଦାର୍ଥ ମଧ୍ୟ ମାଟିରେ ପୋତି ହୋଇ ପଡ଼ିବା ଯୋଗୁ ମୃତ୍ତିକାର ଗୁଣବତ୍ତା କମିଯାଉଛି। ତା'ସାଙ୍ଗକୁ ମାଟିର ଜଳଧାରଣ କ୍ଷମତାର ହ୍ରାସ ଘଟିବା ସାଙ୍ଗକୁ ଭୂତଳ ଜଳ ଉତ୍ସର ଅବକ୍ଷୟ ଘଟୁଛି। ପ୍ଲାଷ୍ଟିକ୍ ଆବର୍ଜନା ସୋରେଜ ନାଳୀରେ ପ୍ରବେଶ କରି ମଇଳା ଜଳର ପ୍ରବାହକୁ ବାଧାପ୍ରାପ୍ତ କରିଥାଏ, ଯାହାକୁ ସଫା କରିବା ପାଇଁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ।



## ସ୍ୱାସ୍ଥ୍ୟ ସୂଚନା

➢ଅଙ୍ଗୁରରେ ଭିଟାମିନ 'ସି' ଭରି ରହିଛି। ତେଣୁ ଏହାକୁ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। କେବଳ ସେତିକି ନୁହେଁ, ବ୍ୟାକ୍ଟେରିଆ ଏବଂ ଭାଇରସ୍ ସଂକ୍ରମଣ ଆଶଙ୍କା ମଧ୍ୟ କେତେକାଂଶରେ କମ୍ ରହିଥାଏ।

➢ଆପଣଙ୍କର ସବୁବେଳେ ମୁଣ୍ଡ ବିନ୍ଧୁଛି କି? ଯଦି ହଁ, ତେବେ ଡାକ୍ତରଙ୍କ ଏନେଇ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ପ୍ରତିଦିନ କିଛି ସମୟ ଯୋଗକଲେ ତାହା ମୁଣ୍ଡବିନ୍ଧାରୁ କେତେକାଂଶରେ ଉପଶମ ଦେଇଥାଏ।



➢ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ସବୁବେଳେ ଏଭଳି ଖାଦ୍ୟ ଖାଇଲେ ତାହା ଶରୀରରେ କୋଲେଷ୍ଟରଲ୍ ସ୍ତର ବଢ଼ାଇବାରେ ସାହାଯ୍ୟ କରିଥାଏ।

➢ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ନିଜର ସମସ୍ତ ସମସ୍ୟା ବିଷୟରେ ଡାକ୍ତରଙ୍କୁ କୁହନ୍ତୁ। କାରଣ ଏହାକୁ ତର୍ଜମା କରି ସେ ରୋଗର ଠିକ୍ ନିଦାନ କରିପାରିବେ।

➢ସବୁବେଳେ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➢ସକାଳୁ କିଛି ସମୟ ଖାଲି ପାଦରେ ଚାଲନ୍ତୁ। ଏହାଦ୍ୱାରା ପାଦରେ ଥିବା ସ୍ନାୟୁ ଆହୁରି ସକ୍ରିୟ ରହିଥାଏ।

➢ବିଳମ୍ବରେ ଶୋଇବା ଏବଂ ବିଳମ୍ବରେ ଉଠିବା ଧାରାକୁ ବଦଳାନ୍ତୁ। କାରଣ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ।


## ଉପକାରୀ ଆମିନୋ ଏସିଡ୍

**ଆ**ମେ ଖାଉଥିବା ଖାଦ୍ୟରେ ବିଭିନ୍ନ ପ୍ରକାର ଉପକାରୀ ଗୁଣ ଭରି ରହିଛି। ତନ୍ମଧ୍ୟରୁ ଆମିନୋ ଏସିଡ ଅନ୍ୟତମ। ଏହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ବିଶେଷଭାବରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା କୋଷ ବା ସେଲ୍‌ଗୁଡିକୁ ଏହା ଦୃଢ଼ କରିଥାଏ। ଅନ୍ୟପକ୍ଷରେ ଶରୀର ବିକାଶ କରୁଥିବା ହରମୋନକୁ ଏହା ବୃଦ୍ଧି କରିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମ ଶରୀରରେ ପାଚକ ରସ ଅଧିକ ସୃଷ୍ଟି କରିବା ସହ ପାଚନ କ୍ରିୟାକୁ ଏହା ଆହୁରି ସକ୍ରିୟ କରେ।



## ଭିଟାମିନ୍ ଅଭାବ ଓ ଡିପ୍ରେସନ

**ଶ**ରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ସୁସ୍ଥ ଜୀବନ ବିତାଇବା ପଛରେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ଦରକାର। ଏବେ ଅନେକେ ଖାଦ୍ୟପେୟରେ ସନ୍ତୁଳନ ନ ରଖିବାରୁ ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ସିଓଲ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, କମ୍ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇଲେ ସମ୍ପୃକ୍ତ ବ୍ୟକ୍ତି ଡିପ୍ରେସନ୍‌ର ସାମନା କରିବା ଆଶଙ୍କା ଅଧିକ ରହିଛି। ଖାଦ୍ୟପେୟରେ ଅନିୟମିତତା ରହିଥିବା କେତେଜଣ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହି ସମୟରେ ସେମାନଙ୍କର ଦୈନନ୍ଦିନ ଜୀବନଶୈଳୀ କିପରି ରହୁଛି ତାହାକୁ ଭଲ ଭାବରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତର୍ଜମା କରିଥିଲେ। ଏମାନଙ୍କ ମଧ୍ୟରୁ ପ୍ରାୟ ୪୦ପ୍ରତିଶତ ବ୍ୟକ୍ତିଙ୍କ ଠାରେ ଡିପ୍ରେସନର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବେଳେବେଳେ କେତେକ ଡିପ୍ରେସନ୍‌ରେ ରହିବା ଯୋଗୁ ଅଧିକ ଖାଦ୍ୟ ଖାଇଥାନ୍ତି, ଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଏହାର ମାତ୍ରାକୁ କମାଇବା ପାଇଁ ଆମକୁ ପ୍ରତିଦିନ ସନ୍ତୁଳିତ ତଥା ଉତ୍ତମ ଖାଦ୍ୟ ଠିକ୍ ପରିମାଣରେ ଖାଇବା ନିହାତି ଜରୁରୀ। ତା'ସହ ନିୟମିତ ବ୍ୟାୟାମ, ଯୋଗ କରନ୍ତୁ। ଏହାଦ୍ୱାରା ଜଣେ ବ୍ୟକ୍ତି ନିଜକୁ ଡିପ୍ରେସନଠାରୁ ଦୂରେଇ ରଖିବାରେ କେତେକାଂଶରେ ସହାୟକ ହୋଇଥାଏ।



# ତୃତୀୟ ଟି୨୦: ଭାରତର ପ୍ରଭାବୀ ବୋଲିଂ

**ଧର୍ମଶାଳା,୧୪।୧୨**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ରବିବାର ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ର ତୃତୀୟ ମ୍ୟାଚ୍ ଖେଳାଯାଇଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପ୍ରତିପକ୍ଷ ଭାରତ ଆଗରେ ୧୧୮ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ଜବାବରେ ୬ ଓଭର ଶେଷ ସୁଦ୍ଧା ଭାରତ ୧ ଉଇକେଟରେ ୬୦ ରନ କରିଛି। ପୂରା ଇନିଂସ୍‌ରେ ଭାରତୀୟ ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରିଥିବା ବେଳେ ଭ୍ରମଣକାରୀ ଦଳ ପାଇଁ ଏକା ଅଧିନାୟକ ଏଡେନ ମାରକ୍ରମ ଲଢ଼ିଥିଲେ।

ଦକ୍ଷିଣ ଆଫ୍ରିକା ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଓଭରରେ ରିଜା ହେଣ୍ଡ୍ରିକ୍ସଙ୍କୁ ଅର୍ଶଦୀପ ସିଂ ଓ ଦ୍ୱିତୀୟ ଓଭରରେ ହର୍ଷିତ ରାଣା ଦକ୍ଷ ଓପନର କ୍ୱିଣ୍ଟନ ଡି କକ୍ (୧)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ। ଏହାପରେ ଅଧିନାୟକ ମାରକ୍ରମ ଏକାକୀ ଗୋଟିଏ ପଟେ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଜାରି ରହିଥିଲା। ଡେୱାଲ୍ଡ ବ୍ରେଭିସ ୨, ଟ୍ରିଷ୍ଟାନ ଷ୍ଟବ୍ସ ୯, କର୍ବିନ ବୋଶ୍ ୪, ଡୋନୋଭାନ ଫରେରା ୨୦ ରନ (୧ ଲେଖାଏ ଚୌକା ଓ ଛକା), ମାର୍କୋ ଜାନସେନ ୨, ଆନରିଚ ନର୍କିଆ ୧୨ ଓ ଓଟନେଲ ବାର୍ଟମାନ ୧ ରନ କରି ଆଉଟ୍ ହୋଇଥିଲେ। ୪୬ ବଲରେ ୬ ଚୌକା ଓ ୨ ଛକା ସହିତ ୬୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ମାରକ୍ରମ ଅଷ୍ଟମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଫଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୧୧୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଘରୋଇ ଦଳ ପାଇଁ ଅର୍ଶଦୀପ ସିଂ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ ଓ ରବିବାର ୩୧ ବର୍ଷରେ ପଦାର୍ପଣ କରିଥିବା କୁଲଦୀପ ଯାଦବ ୨ ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।


ଉଇକେଟ ନେବାପରେ ଅର୍ଶଦୀପ ସିଂଙ୍କୁ ହର୍ଷିତ ରାଣା ବଧେଇ ଜଣାଉଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୧୭/ଅଲଆଉଟ୍ (ଏଡେନ ମାରକ୍ରମ-୬୧, ଡୋନୋଭାନ ଫରେରା-୨୦, ବରୁଣ ଚକ୍ରବର୍ତ୍ତୀ-୨/୧୧, କୁଲଦୀପ ଯାଦବ-୨/୧୨, ଅର୍ଶଦୀପ ସିଂ-୨/୧୩, ହର୍ଷିତ ରାଣା-୨/୩୪)।



## ଟି୨୦ରେ ହାର୍ଦ୍ଦିକଙ୍କ ୧୦୦ ଉଇକେଟ

**ଧର୍ମଶାଳା,୧୪।୧୨:** ଭାରତର ପ୍ରିମିୟର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ରବିବାର ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ୧୦୦ ଉଇକେଟ ପୂରଣ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ସେ ଏହି ସଫଳତା ପାଇଛନ୍ତି। ଏଥିସହିତ ସେ ପ୍ରଥମ ଭାରତୀୟ କ୍ରିକେଟର ଭାବେ ଟି୨୦ରେ ଏକ ହଜାର ରନ ଓ ୧୦୦ ଉଇକେଟ ନେଇଛନ୍ତି। ତେବେ ସେ ତୃତୀୟ ଭାରତୀୟ ବୋଲର ଭାବେ ଅନ୍ତର୍ଜାତୀୟ ଟି୨୦ରେ ୧୦୦ ଉଇକେଟ ନେଇଛନ୍ତି। ତାଙ୍କ ବ୍ୟତୀତ ଅର୍ଶଦୀପ ସିଂ ଓ ଯଶପ୍ରୀତ ବୁମରା ଏହି ତାଲିକାରେ ରହିଛନ୍ତି।

**ଆଇପିଏଲ୍ ମିନି ଅକ୍ସନ**

## ମ୍ୟାନେଜରଙ୍କୁ ଦାୟୀ କଲେ ଗ୍ରୀନ୍

**ଆଡିଲେଡ୍, ୧୪।୧୨ (ପି.ଟି.):** ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସେ ବୋଲିଂ ପାଇଁ ଉପଲବ୍ଧ ହେବେ ବୋଲି ଅଷ୍ଟ୍ରେଲିଆ ଅଲରାଉଣ୍ଡର କାମେରନ ଗ୍ରୀନ୍ ସଫେଇ ଦେଇଛନ୍ତି। ତାଙ୍କ ମ୍ୟାନେଜର ଭୁଲ ବଶତଃ ଆସନ୍ତା ସପ୍ତାହରେ ହେବାକୁଥିବା ମିନି ନିଲାମି ପାଇଁ ତାଙ୍କ ନାମ ଜଣେ ବ୍ୟାଟର ଭାବେ ପଞ୍ଜୀକୃତ କରିଛନ୍ତି। ୨୦୨୫ ଆଇପିଏଲ୍ ସିଜନ ବେଳକୁ ଅଳ୍ପଦିନ ହେବ ପିଠି ଅସ୍ତ୍ରୋପଚାରରୁ ମୁକ୍ତି ପାଇଥିବାରୁ ଏହି ଟି୨୦ ଲିଗ୍‌ରେ ଭାଗ ନେଇ ପାରି ନ ଥିଲେ। ମାତ୍ର ସେ ଜୁନ୍‌ରେ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମାତ୍ର ଏହାପରଠାରୁ ସେ ବୋଲିଂ କରିପାରୁଛନ୍ତି। ବର୍ତ୍ତମାନ ସେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଆଶେସ ସିରିଜରେ ବୋଲିଂ କରି ଆସୁଛନ୍ତି। ଅଷ୍ଟ୍ରେଲିଆର ଏହି ଷ୍ଟାର ଅଲରାଉଣ୍ଡର ପୂର୍ବରୁ ୨୦୨୩ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ୨୦୨୪ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁରୁ ପ୍ରତିନିଧିତ୍ୱ କରିଛନ୍ତି। ନିଲାମି ବେଳେ ତାଙ୍କର ଖୁବ୍ ଚାହିଦା ରହିବ ବୋଲି ଆଶା କରାଯାଉଛି। ତାଙ୍କ ନାମ ଅଲରାଉଣ୍ଡର ପରିବର୍ତ୍ତେ ବ୍ୟାଟର କାଟେଗୋରିରେ ତାଲିକାଭୁକ୍ତ କରାଯାଇଛି। ଖେଳାଳି ନିଲାମ ମଙ୍ଗଳବାର ଆବୁଧାବିରେ ହେବ।

# ପାକିସ୍ତାନକୁ ହରାଇଲା ଭାରତ

**ଦୁବାଇ,୧୪।୧୨**

ଆରୋନ ଜର୍ଜଙ୍କ ଅର୍ଦ୍ଧଶତକ ଓ କନିଷ୍କ ଚୌହାନଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଭରତ ଚଳିତ ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ପାକିସ୍ତାନକୁ ୯୦ ରନରେ ପରାସ୍ତ କରିଛି। ଏହି ଟୁର୍ନାମେଣ୍ଟରେ ଭାରତୀୟ ଦଳ ଲାଗି ଲଗାତର ଦ୍ୱିତୀୟ ବିଜୟ। ଗତ ଅଗଷ୍ଟରେ ଖେଳାଯାଇଥିବା ଏସିଆ କପ୍ ଭଳି ଏହି ମ୍ୟାଚ୍‌ରେ ମଧ୍ୟ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦଳର ଖେଳାଳିମାନେ ପରସ୍ପର ସହ ହାତ ମିଳାଇ ନ ଥିଲେ। ଭାରତୀୟ ଦଳ ଆସନ୍ତା ୧୬ ତାରିଖରେ ମାଲେସିଆକୁ ଭେଟିବ।

ବର୍ଷା କାରଣରୁ ୪୯ ଓଭରରେ ସୀମିତ ରଖାଯାଇଥିବା ମ୍ୟାଚ୍‌ରେ ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଭାରତ ୪୬.୧ ଓଭରରେ ୨୪୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଆରୋନ ଜର୍ଜ ସର୍ବାଧିକ ୮୫ (୧୨ ଚୌକା ଓ ୧ ଛକା), କନିଷ୍କ ଚୌହାନ ୪୬ (୨ ଚୌକା ଓ ୩ ଛକା) ଓ ଅଧିନାୟକ ଆୟୁଷ ମାହତ୍ରେ ୩୮ (୪ ଚୌକା ଓ ୩ ଛକା) ରନ କରିଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ସୟମ ଓ ଅବଦୁଲ ସୁଭନ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ୪୧.୨ ଓଭରରେ ୧୫୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ହୁଜାଇଫା ଅହସାନ (୭୦ ରନ୍, ୯ ଚୌକା ଓ ୨ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ଭାରତ ପକ୍ଷରୁ ଦୀପେଶ ଦେଭେନ୍ଦ୍ରନ ଓ କନିଷ୍କ ୩ ଲେଖାଏ ଓ କିଶନ କୁମାର ସିଂ ୨ ଉଇକେଟ ଅକ୍ତିଆର କରିଥିଲେ।

**୧୯ ବର୍ଷରୁ କମ୍ ଏସିଆ କପ୍**


ଆରୋନ ଜର୍ଜ

**ସଂକ୍ଷିପ୍ତ ସ୍କୋର**

୧୯ ବର୍ଷରୁ କମ୍ ଭାରତୀୟ ଦଳ: ୪୬.୧ ଓଭରରେ ୨୪୦/ଅଲଆଉଟ୍ (ଆରୋନ ଜର୍ଜ-୮୫, କନିଷ୍କ ଚୌହାନ-୪୬, ଆୟୁଷ ମାହତ୍ରେ-୩୮, ଅବଦୁଲ ସୁଭନ-୩/୪୨, ମହମ୍ମଦ ସୟମ-୩/୬୭)। ୧୯ ବର୍ଷରୁ କମ୍ ପାକିସ୍ତାନ ଦଳ: ୪୧.୨ ଓଭରରେ ୧୫୦/ଅଲଆଉଟ୍ (ହୁଜାଇଫା ଅହସାନ-୭୦, ଦୀପେଶ ଦେଭେନ୍ଦ୍ରନ-୩/୧୬, କନିଷ୍କ ଚୌହାନ-୩/୩୩, କିଶନ କୁମାର ସିଂ-୨/୩୩)।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ